

ଆସିବ
ମୁନ୍ନା ଭାଇ ୩
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-123 ◆THURSDAY ◆30 OCTOBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୨୩ ◆ଗୁରୁବାର ◆୩୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ୨୦ ଦିନ ତଳେ ହୋଇଥିଲା ଯୁଦ୍ଧବିରତି ଚୁକ୍ତି

## ଗାଜାରେ ପୁଣି ଇସ୍ରାଏଲର ଆକ୍ରମଣ; ୧୦୪ ମୃତ

■ **ତେଲ ଅଭିଭ୍, ୨୯ ।୧୦(ଏଜେନ୍ସି):** ଗାଜାରେ ଅସ୍ତ୍ରବିରତି ଲାଗୁ ହେବା ପରେ ଇସ୍ରାଏଲ ପୁଣିଥରେ ଏକ ବଡ଼ଧରଣର ଆକ୍ରମଣ କରିଛି । ମଙ୍ଗଳବାର ଇସ୍ରାଏଲ ବାୟୁସେନାର ଆକ୍ରମଣରେ ଅତିକମ୍‌ରେ ୧୦୪ ଜଣ ପାଲେଷ୍ଟାଇନ୍ ନାଗିରକ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ୪୬ ଜଣ ପିଲା ସାମିଲ ଅଛନ୍ତି ବୋଲି ପାଲେଷ୍ଟାଇନ୍ ସିଭିଲ ଡିଫେନ୍ସ ତରଫରୁ କୁହାଯାଇଛି । ତେବେ ହମାସ ପ୍ରଥମେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା ଓ ଗାଜାରେ ନିୟୋଜିତ ଇସ୍ରାଏଲ ସୈନିକଙ୍କ ଉପରେ ପ୍ରଥମେ ଆକ୍ରମଣ କରିଥିଲା ବୋଲି ଇସ୍ରାଏଲ ତରଫରୁ ଅଭିଯୋଗ କରାଯାଇଛି । ତେବେ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଆମେ ଅସ୍ତ୍ରବିରତି ପାଳନ କରୁଛୁ ବୋଲି ହମାସ ତରଫରୁ କୁହାଯାଇଛି ।

ଗାଜା ସିଟି, ଖାନ୍ ୟୁନୁସ, ବେଇତ ଲାହିଆ ଓ ଅଲ ବୁରେଜି ସ୍ଥିତ ଘନ ଜନବସତି ଅଞ୍ଚଳ ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା । ▶ପୃଷ୍ଠା-୭



### ବ୍ରାଜିଲରେ ଡ୍ରଗ୍ସ ମାଫିଆଙ୍କ ଉପରେ ହେଲିକପ୍ଟରରୁ ଆକ୍ରମଣ

## ୪ ପୁଲିସ କର୍ମଚାରୀ ସମେତ ୬୪ ମୃତ, ୮୦ ଗିରଫ

■ **ରିଓ ଡି ଜେନେରିଓ, ୨୯ ।୧୦ (ଏଜେନ୍ସି):** ବ୍ରାଜିଲରେ ଡ୍ରଗ୍ସ ମାଫିଆଙ୍କ ବିରୋଧରେ ଆରମ୍ଭ ହୋଇଛି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ । ଡ୍ରଗ୍ସ ମାଫିଆ ଏବଂ ଅସ୍ତ୍ର ଚାଲାଣ ରାକେଟ ଚଳାଉଥିବା ଗୋଷ୍ଠୀକୁ ମୂଳପୋଛ କରିବା ଲକ୍ଷ୍ୟରେ ପୁଲିସ ହେଲିକପଟର ଓ ଡ୍ରୋନ ସହାୟତାରେ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଚଳାଇଛି । ଏହି କାର୍ଯ୍ୟାନୁଷ୍ଠାନରେ ୬୪ ଜଣ ପ୍ରାଣ ହରାଇଥିବା ବେଳେ ୮୦ ଜଣଙ୍କୁ ଗିରଫ କରାଯାଇଛି । କୁଖ୍ୟାତ ଡ୍ରଗ୍ସ ସଂଗଠନ 'ରେଡ କମାଣ୍ଡ' ବିରୋଧରେ ଏପର୍ଯ୍ୟନ୍ତ ଏହା ହେଉଛି ସବୁଠାରୁ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ବୋଲି ସରକାରୀ ଭାବେ କୁହାଯାଇଛି ।

ଗତକାଲି ସକାଳେ ରାଜଧାନୀ ରିଓ ଡି ଜାନେଇରୋରେ ୨୫୦୦ ପୁଲିସ୍ କର୍ମଚାରୀ ହେଲିକପ୍ଟର ସହାୟତାରେ ଡ୍ରଗ୍ସ ମାଫିଆ ଓ ଅପରାଧୀଙ୍କ ଅଞ୍ଚଳରେ ଚଢ଼ାଉ କରିଥିଲା । ପୁଲିସ ଟିମ୍ ଆଗକୁ ବଢ଼ୁଥିବା ବେଳେ ଆକାଶମାର୍ଗରୁ ସେମାନଙ୍କୁ ସୁରକ୍ଷାର ଦେଉଥିଲା ▶ପୃଷ୍ଠା-୭



### ଇ-କେୱାଇସି କରି ନ ଥିବାରୁ ମିଳିଲାନି ଚାଉଳ

## ଅନାହାରରେ ଆଖି ବୁଜିଲେ ବୃଦ୍ଧ !

■ **ଭୁବନେଶ୍ୱର, ୨୯।୧୦ (ସମିସ):** ନବୀନ ପଟ୍ଟନାୟକ ସରକାର ସମୟରେ ଓଡ଼ିଶା ରାଜ୍ୟର ଚାଉଳ ଆବଶ୍ୟକତା ପୂରଣ କରି ଅନ୍ୟ ରାଜ୍ୟକୁ ଚାଉଳ ଯୋଗାଇବାକୁ ସକ୍ଷମ ହୋଇଥିଲା । ଗରିବଙ୍କ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବା ନିମନ୍ତେ ପ୍ରଣୟନ ହୋଇଥିବା ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରିତାରେ ଓଡ଼ିଶା ସମଗ୍ର ବିଶ୍ୱରେ ସୁନାମ ଅର୍ଜନ କରିଥିଲା । ଏଥିପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଆନ୍ତର୍ଜାତୀୟସ୍ତରରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେତେବେଳେ ଚାଉଳ ଉତ୍ପାଦନରେ ଆରମ୍ଭ ହୋଇଥିବା ଧାରା ଏବେ ବି ଅବ୍ୟାହତ ରହିଛି । ରାଜ୍ୟରେ ବିପୁଳ ପରିମାଣର ଧାନ ଉତ୍ପାଦିତ ହେଉଛି, ସରକାରଙ୍କ ଗୋଦାମରେ ଲକ୍ଷଲକ୍ଷ ଟନ୍ ଚାଉଳ ଗଚ୍ଛିତ ରହିଛି । ମାତ୍ର ଇ-କେୱାଇସି ଅପଡ଼େଟ୍ କରି ନ ଥିବା ଯୋଗୁଁ ରାଜ୍ୟର


ଫାଇଲ୍ ଫଟୋ

ଲକ୍ଷଲକ୍ଷ ଗରିବ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଛନ୍ତି । ଏହି କ୍ରମରେ ଇ-କେୱାଇସି ନ କରିବା ଯୋଗୁଁ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ ରାସୋଳ ପଞ୍ଚାୟତର ରିସା ମାଙ୍କଡ଼ିଆ ନାମକ ଜଣେ ବୃଦ୍ଧ ଅନାହାରରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି । କୁହାଯାଉଛି ଯେ ବୟସାଧିକ୍ୟ ଯୋଗୁଁ ସରକାରଙ୍କ ନିୟମ ଅନୁସାରେ ବୃଦ୍ଧ ଜଣକ ଜନସେବା କେନ୍ଦ୍ର ଯାଇ ଇ-କେୱାଇସି କରି ପାରିଲେ ନାହିଁ । ବ୍ୟବସ୍ଥା ଅନୁସାରେ ପ୍ରଶାସନ ପକ୍ଷରୁ କେହି ଯାଇ ତାଙ୍କର ଇ-କେୱାଇସି କଲେ ନାହିଁ । ଫଳରେ ସରକାରଙ୍କ ପକ୍ଷରୁ ତାଙ୍କୁ ମିଳୁଥିବା ଚାଉଳ ବନ୍ଦ ହୋଇଗଲା । ଯାହା ଫଳରେ ସେ ଖାଦ୍ୟାଭାବରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି ।

ଅନ୍ତ୍ୟୋଦୟ କାର୍ଡ (୧୩୧୦୨୧୧୫୯୯)ରେ ରିସା ପୂର୍ବରୁ ଚାଉଳ ପାଉଥିଲେ; କିନ୍ତୁ ଗତ ଜୁନ ମାସ ପରଠାରୁ ତାଙ୍କୁ କୌଣସି ଚାଉଳ ମିଳିନଥିଲା । ସେ ବାରମ୍ବାର ଡିଲରଙ୍କ ପାଖକୁ ଯାଉଥିଲେ ମଧ୍ୟ ତାଙ୍କର ଇ-କେୱାଇସି ହୋଇନଥିବାରୁ ତାଙ୍କ ପାଇଁ ଚାଉଳ ଆସୁ ନ ଥିବା ଉତ୍ତର ମିଳିଥିଲା । ନିଜର ବୟସାଧିକ ଯୋଗୁଁ ସେ କୌଣସି କାମ କରିପାରୁନଥିଲେ । ନିଜ ଘରେ ଭୋକ ଉପାସରେ ପଡ଼ି ରହିଥିଲେ । ପଡ଼ୋଶୀମାନେ ବେଳେ ବେଳେ କିଛି ଖାଇବାକୁ ଦେଉଥିଲେ । ଏଭଳି ଅବସ୍ଥାରେ ତାଙ୍କର ଗତ ୨୨ ତାରିଖ ଦିନ ▶ପୃଷ୍ଠା-୭



## ଦୁଷ୍କର୍ମ ପରେ ଜାଳିଦେଲେ

### ଚାଷ ଜମିରୁ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର

■ **ବଲାଙ୍ଗିର/ଦେଓଗାଁ, ୨୯ ।୧୦ (ସମିସ):** ରାଜ୍ୟରେ ଶାସନ ବ୍ୟବସ୍ଥାରେ ଅରାଜକତା ସୃଷ୍ଟି ହୋଇଥିବାବେଳେ ଆଇନଶୃଙ୍ଖଳା ଭୁଷୁଡି ପଡ଼ିଛି । ମହିଳାମାନେ ସବୁଠାରୁ ଆତଙ୍କିତ ଅବସ୍ଥାରେ ଗତି କରୁଛନ୍ତି । ଶାସକ ବିଜେପି ରାଜ୍ୟରେ ମହିଳାଙ୍କୁ 'ସୁଭଦ୍ରା' ସମ୍ବୋଧନ କରି ମାନ ସମ୍ମାନ ଦେବା କଥା କହୁଥିବାବେଳେ ଗୋଟିଏ ପରେ ଗୋଟିଏ ଦୁଷ୍କର୍ମ ଓ ହତ୍ୟା ଘଟଣା ସାମ୍ନାକୁ ଆସୁଛି । ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ପୁଣି ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ନିଆଁରେ ପୋଡ଼ି ହତ୍ୟା କରାଯିବା ଅଭିଯୋଗ ହୋଇଛି । ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା ଘଟଣାର ୨୪ ଘଣ୍ଟା ନ ପୂରୁଣୁ ସେହି ଅଞ୍ଚଳର ଗଏଲପିଟା ନିକଟସ୍ଥ କପା ଓ ଧାନ କିଆରୀ ମଝିରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ଗଳିତ ଶବ ମିଳିବା ଦେଓଗାଁ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ସମ୍ପୃକ୍ତ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଚାଲିଛି । ଖବର ପାଇ ପୁଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ କଲେଜକୁ ପଠାଇଛି । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି ।

ବୁଧବାର ସକାଳେ ସ୍ଥାନୀୟ କିଛି ଯୁବକ ଛେଳି ଚରାଇବାକୁ ଯାଇଥିବା ବେଳେ ଜମିରେ ମହିଳାଙ୍କ ଶବ ପଡିଥିବା ଦେଖିଥିଲେ । ଗାଁଲୋକଙ୍କୁ କହିବା ପରେ ଜମି ମାଲିକ ସ୍ଥାନୀୟ ଫାଣ୍ଡିରେ ଖବର ଦେଇଥିଲେ । ଖବର ପାଇ ବନ୍ଧପଡା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ । ସାଇଣ୍ଟିଫିକ ଟିମ୍‌କୁ ଖବର ଦେବାପରେ ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରାଯାଇଛି । ମହିଳାଙ୍କୁ ପ୍ରଥମେ ଦୁଷ୍କର୍ମ ଓ ପରେ ହତ୍ୟା କରି ପ୍ରମାଣ ନଷ୍ଟ କରିବା ▶ପୃଷ୍ଠା-୭

### ସଫେଇ କର୍ମଚାରୀଙ୍କ ଚାକିରି ମାମଲା

## ୧୩ ଲକ୍ଷ ଟଙ୍କା ଜବତ, ୧୮ ଏଜେଣ୍ଟ ଅଟକ

■ **ସମ୍ବଲପୁର, ୨୯।୧୦ (ସମିସ):** ସଫେଇ କର୍ମଚାରୀ ଚାକିରି ବିକ୍ରି ମାମଲାରେ ଗତ ୨୩ ତାରିଖ ପର୍ଦ୍ଦାଫାସ ହେବା ପରଠାରୁ ପ୍ରତିଦିନ ନୂତନ ତଥ୍ୟ ଲୋକଲୋଚନକୁ ଆସିବା ସହ



ବହୁସଂଖ୍ୟାରେ ଲୋକ ଆସି ଅଭିଯୋଗ କରୁଛନ୍ତି । ଏହି ମାମଲାରେ ବିଭିନ୍ନ ଜିଲ୍ଲାର ଶହ ଶହ ଗରିବ ପରିବାର ଠକେଇର ଶିକାର ହୋଇଛନ୍ତି । ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ରାହୁଲ ଓରଫ୍ ସମ୍ରାଟ ସାହୁ ଓ ସହଯୋଗୀ ପଦ୍ମାବତୀ ତାଣ୍ଡି ଗିରଫ ହୋଇଛନ୍ତି । ରାହୁଲକୁ ରିମାଣ୍ଡରେ ଆଣି ପଚରାଉଚୁରା ▶ପୃଷ୍ଠା-୭

## ବାତ୍ୟା ଗଲା; ୨ରୁ ପହିଲି ଶୀତ

### ୬ ଡିଗ୍ରୀ କମିବ ତାପମାତ୍ରା

■ **ଭୁବନେଶ୍ୱର, ୨୯।୧୦ (ସମିସ):** ଗଭୀର ଅବପାତରେ ପରିଣତ ହୋଇ କ୍ରମଶଃ ଦୁର୍ବଳ ହେଉଛି ବାତ୍ୟା 'ମୋନ୍ଥା' । ସମୁଦ୍ର ଉପକୂଳରେ ଏହା ଦୂରେଇ ଯାଉଥିବାରୁ ଗୁରୁବାର ସକାଳ ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଫଳରେ ଗୁରୁବାରଠାରୁ ରାଜ୍ୟରେ ପାଗ ଫିଟିବା ସହ କାଁ ଭାଁ ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ସବୁ ସ୍ଥାନରେ ଖରାଟିଆ ପାଗ ରହିବାର ଅନୁମାନ କରାଯାଉଛି । ଅନ୍ୟପଟେ ବାତ୍ୟା 'ମୋନ୍ଥା' ମଙ୍ଗଳବାର ରାତିରେ ତା'ର ନିର୍ଦ୍ଧାରିତ ପଥ ପରିବର୍ତ୍ତନ କରିଥିବାରୁ ଓଡ଼ିଶା ଉପରୁ ଅପେକ୍ଷାକୃତ ବିପଦ ଟଳିଯାଇଛି । କେବଳ ଦକ୍ଷିଣ ଓଡ଼ିଶାର କିଛି ଅଂଶକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ ଭାଗରେ ବାତ୍ୟା ନିଷ୍ପ୍ରଭ ରହିଛି । ବାତ୍ୟା ଯୋଗୁଁ ରାଜ୍ୟର ମାତ୍ର ୫ଟି ଷ୍ଟେସନ୍‌ରେ ୧୦୦ ମିମି.ରୁ ଅଧିକ ବର୍ଷା ▶ପୃଷ୍ଠା-୭

### 'ମୋନ୍ଥା'ରେ ୩୩ ବ୍ଲକ୍, ୧୧ ସହରାଞ୍ଚଳ ପ୍ରଭାବିତ

### ୭୨ ଘଣ୍ଟା ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୨୯।୧୦ (ସମିସ):** ରାଜ୍ୟବାସୀ ବାତ୍ୟା 'ମୋନ୍ଥା'କୁ ନେଇ ଚିନ୍ତିତ ଥିଲାବେଳେ ଏହାର ସେଭଳି କୌଣସି ପ୍ରଭାବ ପଡ଼ିନାହିଁ । ଶେଷ ମୁହୂର୍ତ୍ତରେ ବାତ୍ୟା ଦିଗ ବଦଳାଇବାରୁ ଓଡ଼ିଶା ଉପରେ ପ୍ରଭାବ କମ୍ ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବୁଧବାର ମନ୍ତ୍ରୀ ଶ୍ରୀ ପୂଜାରୀ ବାତ୍ୟା ପରବର୍ତ୍ତୀ ସ୍ଥିତି ନେଇ ଏସ୍‌ଆରସି ଡିକେ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିବା ପରେ ରାଜୀବ ଭବନଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ଗୁରୁବାରଠାରୁ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ୭୨ ଘଣ୍ଟା ଭିତରେ ରିପୋର୍ଟ ଦେବାକୁ କୁହାଯାଇଛି । ଅଧିକ ସରକାରୀ କର୍ମଚାରୀ ଆବଶ୍ୟକ ହେଲେ ଅନ୍ୟ ଜିଲ୍ଲାରୁ କର୍ମଚାରୀଙ୍କୁ ଅଣାଯିବ । ବହୁଜାଗାରେ ଘର କାନ୍ଥ ପଡିଛି । ସେମାନଙ୍କୁ ପଲିଥିନ ଦିଆଯାଇଛି । ଘର କ୍ଷତି ହୋଇଥିଲେ ଆକଳନ ପରେ କ୍ଷତିପୂରଣ ଦିଆଯିବ । ଆକଳନ ବେଳେ ବ୍ୟାଙ୍କ ଖାତା, ଆକାଉଣ୍ଟ ନମ୍ବର ▶ପୃଷ୍ଠା-୭

### ନୂଆପଡ଼ା ଉପନିର୍ବାଚନ

## ପ୍ରଚାର ମଇଦାନକୁ ଓହ୍ଲାଇବେ ନବୀନ



**୩ରେ କୋମନାରେ ସାଧାରଣ ସଭା**

**୭ରେ ଖରିଆର ରୋଡ଼ରୁ ନୂଆପଡ଼ା ଯାଏ ରୋଡ୍ ଶୋ'**

■ **ଭୁବନେଶ୍ୱର, ୨୯।୧୦ (ସମିସ):** ଉପନିର୍ବାଚନ ପାଇଁ ନୂଆପଡ଼ାରେ ପ୍ରଚାର ସରଗରମ ହୋଇଛି । ତିନି ଦଳ ନିର୍ବାଚନ ପାଇଁ ଘମାଘୋଟ ପ୍ରଚାର ଚଳାଇଥିବାବେଳେ ବିଜେଡି ନିଜର ସ୍ଥିତି ଦିନକୁ ଦିନ ସୁଦୃଢ଼ କରିବାରେ ଲାଗିଛି । ଏହି କ୍ରମରେ ଆସନ୍ତା ୩ ତାରିଖରେ ପ୍ରଚାର ମଇଦାନକୁ ଓହ୍ଲାଇବେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନବୀନ ୩ ତାରିଖରେ କୋମନାରେ ପ୍ରଚାର କରିବେ ବୋଲି ସୂଚନା ମିଳିଛି ।

ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନବୀନ ଆସନ୍ତା ୩ ତାରିଖରେ ନୂଆପଡା ଯିବେ । ସେହିପରି ୭ ତାରିଖରେ ▶ପୃଷ୍ଠା-୭

### ଏଲ୍‌ଆଇସିରୁ ପ୍ରତ୍ୟାହାର ହେବ ସରକାରୀ ଅଂଶଧନ

## ବିକ୍ରି ହେବ ୬.୫% ସେୟାର

■ **ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି):** କେନ୍ଦ୍ର ସରକାର ପୁଣି ଥରେ ଦେଶର ବୃହତ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ ଯାଉଛନ୍ତି । ଏହି କ୍ରମରେ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ରୁ ଅଂଶଧନ ପ୍ରତ୍ୟାହାର ହେବ । ଏବେ ସରକାର ଦେଶର ଏହି ବୃହତ୍ ରାଷ୍ଟ୍ରାୟତ୍ତ ଜୀବନ ବୀମା କମ୍ପାନୀରେ ଥିବା ୬.୫% ଅଂଶଧନ ବିକ୍ରି କରିବାକୁ ଯାଉଛନ୍ତି, ଯାହାର ମୂଲ୍ୟ ୧ ରୁ ୧.୫ ବିଲିୟନ ଡଲାର (ପ୍ରାୟ ୮୮୦୦ ରୁ ୧୩,୨୦୦ କୋଟି ଟଙ୍କା) ହେବ ।



**୨୦୨୨ରେ ବିକିଥିଲେ ୩.୫% ଅଂଶଧନ**

ସୂଚନାଯୋଗ୍ୟ ଯେ, ୨୦୨୨ ମେ' ମାସରେ ସରକାର ଏକ ଆଇପିଓ ମାଧ୍ୟମରେ ଏଲ୍‌ଆଇସିର ୩.୫% ଅଂଶଧନ ବିକ୍ରି କରିଥିଲେ । ସେବି ନିୟମ ଅନୁଯାୟୀ, ୨୦୨୭ ମେ' ୧୬ ସୁଦ୍ଧା ସରକାର ଦେଶର ଏହି ସର୍ବବୃହତ ବୀମା କମ୍ପାନୀରୁ ପର୍ଯ୍ୟାୟକ୍ରମେ ୬.୫% ଅଂଶଧନ ବିକ୍ରି କରିବେ । ଏହାର ମୂଲ୍ୟ ୪.୨ ବିଲିୟନ ଡଲାର କିମ୍ବା ପ୍ରାୟ ୩୭,୦୦୦୦ କୋଟି ଟଙ୍କା ହୋଇପାରେ । ବର୍ତ୍ତମାନ, ସରକାରଙ୍କର ଏଲ୍‌ଆଇସିରେ ୯୬.୫% ଅଂଶଧନ ରହିଛି । ପ୍ରଥମ ପର୍ଯ୍ୟାୟ ପୁଞ୍ଜି ପ୍ରତ୍ୟାହାର ଚଳିତ ତ୍ରୈମାସିକ ଶେଷ ହେବା ପୂର୍ବରୁ ହୋଇଯିବ । କେନ୍ଦ୍ର ସରକାରଙ୍କ ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ (ଦୀପମ୍) ପରବର୍ତ୍ତୀ ଅଂଶଧନ ବିକ୍ରିର ସଠିକ ସମୟସୀମା ଏବଂ ପରିମାଣ ଚୂଡ଼ାନ୍ତ କରିବା ▶ପୃଷ୍ଠା-୭

## ଗାଣ୍ଠିଆରେ ଧନ; ଖର୍ଚ୍ଚରେ ନାହିଁ ମନ

### ପୂର୍ଣ୍ଣାଙ୍ଗ ବଜେଟ ଖର୍ଚ୍ଚ ନିରୁତ୍ସାହଜନକ ■ ବିଭାଗକୁ ଚିନ୍ତା ଅର୍ଥ ବିଭାଗ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୨୯।୧୦ (ସମିସ):** ଆସନ୍ତା ଶୀତ ଅଧିବେଶନରେ ଅତିରିକ୍ତ ବଜେଟ୍ ପାଇଁ ସରକାରୀସ୍ତରରେ ଆରମ୍ଭ ହୋଇଛି ପ୍ରସ୍ତୁତି । ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ସବୁ ବିଭାଗକୁ ଚିଠି ଲେଖି ଅତିରିକ୍ତ ବଜେଟ୍ ପାଇଁ ପ୍ରସ୍ତାବ ଆହ୍ୱାନ କରିଛି । ମାତ୍ର ବଜେଟ ବ୍ୟୟରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ବିଭାଗଗୁଡ଼ିକ ପାଇଁ ଅର୍ଥ ବିଭାଗର ନିର୍ଦ୍ଦେଶନାମା ଚିନ୍ତା ବଢ଼ାଇଛି । ସେପ୍ଟେମ୍ବର ମାସ ସୁଦ୍ଧା ଅନ୍ୟୂନ ବଜେଟ୍ ବରାଦର ୪୦% ଅର୍ଥ ଖର୍ଚ୍ଚ କରି ନ ଥିଲେ ଅତିରିକ୍ତ ବଜେଟ୍ ପାଇଁ ପ୍ରସ୍ତାବ ବିଚାରକୁ ନିଆଯିବ ନାହିଁ ବୋଲି ଅର୍ଥ ବିଭାଗ ରୋକଠୋକ୍ ଶୁଣାଇଦେଇଛି । ଏପରିସ୍ଥଳେ ଅତିରିକ୍ତ ବଜେଟରେ କିପରି ପ୍ରସ୍ତାବ ଦିଆଯିବ ସେନେଇ କିଛି ବିଭାଗ ଚିନ୍ତାରେ ଥିବାବେଳେ ବଜେଟ ଅର୍ଥ ଖର୍ଚ୍ଚକୁ ନେଇ ମଧ୍ୟ ସରକାର ବାଟ ଖୋଜୁଛନ୍ତି ।

ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଆଗତ କରିଥିଲେ । ତେବେ ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୫ ମାସ ଅର୍ଥାତ୍ ଏପ୍ରିଲ-ଅଗଷ୍ଟ ମଧ୍ୟରେ ମୋଟ ଆବଣ୍ଟିତ ଅର୍ଥର ମାତ୍ର ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି । ଅର୍ଥାତ୍ ରାଜ୍ୟ ସରକାରଙ୍କର ୪୪ଟି ବିଭାଗ ଗତ ଅଗଷ୍ଟ ଶେଷ ସୁଦ୍ଧା ମାତ୍ର ୭୮୪୦୧ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି । ସେହିପରି ଏକାଧିକ ବିଭାଗ ଆଜିସୁଦ୍ଧା ୨୫ ପ୍ରତିଶତ ଆବଣ୍ଟିତ ଖର୍ଚ୍ଚ କରିପାରିନଥିବା ବେଳେ ଏହା ପରୋକ୍ଷରେ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।



**୬ ମାସରେ ୪୦% ଖର୍ଚ୍ଚ ହୋଇ ନ ଥିଲେ ମିଳିବନି ଅତିରିକ୍ତ ବଜେଟ**

ଅର୍ଥ ବିଭାଗର ସର୍ତ୍ତ ପରେ ଅନେକ ବିଭାଗ ଅତିରିକ୍ତ ବଜେଟ ପାଇଁ ପ୍ରସ୍ତାବ ପ୍ରେରଣ ପାଇଁ ଯେ ଯୋଗ୍ୟ ବିବେଚିତ ହେବେ ନାହିଁ, ସେନେଇ ଆଶଙ୍କା ପ୍ରକାଶ ପାଇଲାଣି । ଅପରପକ୍ଷେ ଆସନ୍ତା ଡିସେମ୍ବର ସୁଦ୍ଧା ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୬୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି । ମାତ୍ର ଅଗଷ୍ଟ ଶେଷ ସୁଦ୍ଧା ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଆସନ୍ତା ୪ ମାସରେ ୩୩ ପ୍ରତିଶତ ଅର୍ଥ କିପରି ଖର୍ଚ୍ଚ ହୋଇପାରିବ, ସେନେଇ ଅର୍ଥନୀତି ବିଶେଷଜ୍ଞ ▶ପୃଷ୍ଠା-୭

# ରାଷ୍ଟ୍ରପତିଙ୍କ ସହ 'ଅପରେସନ ସିନ୍ଦୂର'ର ମହିଳା ପାଇଲଟ୍

ଅମ୍ବାଲା, ୨୯ ।୧୦(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ସକାଳେ ଅମ୍ବାଲା ଏୟାରଫୋର୍ସ ଷ୍ଟେସନରେ ଲଢୁଆ ଯୁଦ୍ଧ ବିମାନ ରାଫେଲ୍‌ରେ ଉଡାଣ ଭରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଓ ସ୍କ୍ୱାଡର୍ନ ଲିଡର ଶିବାଙ୍ଗୀ ସିଂଙ୍କ ସହ ଏକ ଫଟୋ ସାମ୍ନାକୁ ଆସିଛି । ଭାରତୀୟ ସେନାର ଅପରେସନ ସିନ୍ଦୂର ଅବସରରେ ଶିବାଙ୍ଗୀଙ୍କୁ ଧରିବା ନେଇ ପାକିସ୍ତାନ ଦାବି କରିଥିଲା। ଶିବାଙ୍ଗୀଙ୍କୁ ଆମେ ବନ୍ଦୀ କରିଛୁ ଓ ରାଫେଲକୁ ମାରି ଖସାଇଛୁ ବୋଲି ପାକିସ୍ତାନ ଗଣମାଧ୍ୟମଗୁଡିକ ଦାବି କରିଥିଲା। ସେତେବେଳେ ପ୍ରେସ୍ ଇନ୍‌ଫର୍ମେସନ ବ୍ୟୁରୋ (ପିଆଇବି) ଏହି ଦାବିକୁ ଖଣ୍ଡନ କରିଥିଲା।



■ ରାଫେଲ୍‌ରେ ବସି ଉଡ଼ାଣ ଭରିଲେ

ରାଷ୍ଟ୍ରପତି ବୁଧବାର ୧୧.୧୦ରେ ରାଫେଲ ବିମାନରେ ବସି ଟେକ୍ ଅଫ୍ କରିଥିଲେ। ରାଷ୍ଟ୍ରପତି ଯେଉଁ ରାଫେଲ ବିମାନରେ ବସିଥିଲେ, ତାକୁ ଗ୍ରୁପ୍ କ୍ୟାପେଟେନ୍ ଅମିତ ଗୋହାନୀ ଉଡାଇଥିଲେ। ରାଷ୍ଟ୍ରପତିଙ୍କ ଏହି ରାଫେଲ ବିମାନ ପଛରେ ଏୟାର ଚିଫ୍ ମାର୍ଶାଲ ଅମରପ୍ରୀତ ସିଂ ଅନ୍ୟଏକ ବିମାନରେ ତାଙ୍କୁ ଏକ୍ସକର୍ଟ କରିଥିଲେ। ମୁର୍ମୁ ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ଭାରତୀୟ ବାୟୁସେନାର ୨ଟି ଲଢୁଆ ବିମାନରେ ଉଡାଣ ଭରିଛନ୍ତି। ଏହାପୂର୍ବରୁ ସେ ୨୦୨୩ ଏପ୍ରିଲ ୭ରେ ଆସାମର ତେଜପୁର ଏୟାରଫୋର୍ସ ଷ୍ଟେସନରେ ସୁଖୋଇ ୩୦ ଏମ୍‌କେଆଇ ଫାଇଟର ଜେଟ୍‌ରେ ଉଡାଣ ଭରିଥିଲେ। ରାଷ୍ଟ୍ରପତି ସକାଳ ୯ଟାରେ ଏକ ସ୍ୱତନ୍ତ୍ର ବିମାନରେ ଅମ୍ବାଲା ପହଞ୍ଚିଥିଲେ। ଏୟାର ଫୋର୍ସ ଷ୍ଟେସନରେ ଏୟାର ଚିଫ ମାର୍ଶାଲ ଅମରପ୍ରୀତ ସିଂ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ରାଷ୍ଟ୍ରପତିଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପରେଡକୁ ନିରୀକ୍ଷଣ କରିବାପାରେ ସେ ଯବାନଙ୍କ ସହ ସାକ୍ଷାତ କରିଥିଲେ। ସେ ଏହି ଅବସରରେ ଏୟାର ଫୋର୍ସ ଷ୍ଟେସର ବିଭିନ୍ନ ୟୁନିଟ୍‌ଗୁଡିକର ନିରୀକ୍ଷଣ ମଧ୍ୟ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଷ୍ଟେସନର ଆଖପାଖ ଅଞ୍ଚଳରେ ଡ୍ରୋନ୍‌କୁ ବ୍ୟାନ କରାଯାଇଥିଲା। ହାତଗଣତି ଲୋକଙ୍କୁ ଷ୍ଟେସନ ଭିତରକୁ ପ୍ରବେଶ କରିବାର ଅନୁମତି ମିଳିଥିଲା। ସେହିପରି ମୋବାଇଲ ଫୋନ୍ ମଧ୍ୟ ଭିତରକୁ ନେବା ପାଇଁ ଅନୁମତି ଦିଆଯାଇ ନଥିଲା।



## ପକ୍ଷୀମାଡ଼ ପରେ ଇଣ୍ଡିଗୋ ବିମାନର ଜରୁରୀଅବତରଣ

ଡେରାଡୁନ୍, ୨୯ ।୧୦(ଏଜେନ୍ସି): ଡେରାଡୁନ୍‌ରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଗୋ ଏୟାର ଲାଇନ୍ସର ବିମାନକୁ ପ୍ରତ୍ୟାବର୍ତ୍ତନ କରିବା ସହ ପୁଣି ଥରେ ଡେରାଡୁନ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ବିମାନ ୫୩ ମିନିଟ୍ ପର୍ଯ୍ୟନ୍ତ ଉପରେ ଥିଲା। ବିମାନରେ ଥିବା ୧୭୦ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିଲେ। ବିମାନ ସହ ପକ୍ଷୀ ମାଡ଼ ହେବା କାରଣରୁ ଏଭଳି ସ୍ଥିତି ଉପୁଜିଥିଲା ବୋଲି କୁହାଯାଇଛି। ଇଣ୍ଡିଗୋ ଫ୍ଲାଇଟ୍ ଆଇଜିଓ-୬ ୧୩୬ (ଏ୩୨୦ ଏୟାରବସ) ସନ୍ଧ୍ୟା ୬.୩୦ରେ ଜାଲି ଗ୍ରାଣ୍ଟ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା। ଟେକ୍ ଅଫ୍ କରିବାର କିଛି ସମୟ ପରେ ହିଁ ବାମପଟ ଇଞ୍ଜିନ୍‌ରେ ଏକ ପକ୍ଷୀ ମାଡ଼ ହୋଇଥିଲା। ଫଳରେ ଇଞ୍ଜିନ ଭିତରକୁ ବାୟୁ ଦ୍ରୁତଗତିରେ ପସିବାକୁ ଲାଗିଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ପାଇଲଟ୍ ବିମାନବନ୍ଦରଠାରୁ ଦୂରରେ ନିୟନ୍ତ୍ରିତ ଉଚ୍ଚରେ ରଖିଥିଲେ ଓ ସ୍ଥିତିକୁ ସମ୍ଭାଳିବାକୁ ପ୍ରୟାସ କରିଥିଲେ। ପାଖାପାଖି ଏକ ଘଣ୍ଟା ଆକାଶରେ ଉଡିବା ପରେ ସନ୍ଧ୍ୟା ୬.୫୯ରେ ବିମାନ ଡେରାଡୁନ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ଡେରାଡୁନ୍‌ଠାରୁ ୮ ମାଇଲ ଦୂରରେ ଓ ୫୬୦୦ ଫୁଟ ଉଚ୍ଚରେ ପାଇଲଟ ବିମାନର ବୈଷୟିକ ତ୍ରୁଟି ନେଇ ସୂଚନା ଦେଇଥିଲେ। ପରେ ଯାତ୍ରୀମାନଙ୍କୁ ଅନ୍ୟଏକ ବିମାନରେ ଦିଲ୍ଲୀ ନିଆଯିବାର ବ୍ୟବସ୍ଥା କରାଯାଇଥିଲା। ଏହି କାରଣରୁ ଦିଲ୍ଲୀରୁ ୫.୫୫ରେ ଡେରାଡୁନ ଆସୁଥିବା ବିମାନ ଓ ମୁମ୍ବାଇରୁ ୬.୨୦ରେ ଆସୁଥିବା ବିମାନକୁ ଦିଲ୍ଲୀ ଡାଇଭର୍ଟ କରାଯାଇଥିଲା।



## ଗାୟକ ଦୀଲ୍‌ଜିତ୍‌ଙ୍କୁ ପନ୍ନୁର ଧମକ

ଚଣ୍ଡିଗଡ଼, ୨୯ ।୧୦(ଏଜେନ୍ସି): ପଞ୍ଜାବୀ ଗାୟକ ତଥା ସିନେମା ଅଭିନେତା ଦିଲଜିତ ଦୋଶାଞ୍ଜଙ୍କୁ ଖଲିସ୍ତାନୀ ଆତଙ୍କବାଦୀ ଗୁରପତବନ୍ଦ ସିଂ ପନ୍ନୁ ଧମକ ଦେଇଛି। କିଛିଦିନ ତଳେ 'କୋନ୍ ବନେଗା କରୋଡପତି' ଶୋର ସୁଟିଂ ବେଳେ ଦିଲଜିତ ଅମିତାଭ ବଚ୍ଚନଙ୍କ ପାଦ ଛୁଇଁଥିଲେ ଓ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଅବଶ୍ୟ ଶୋ'ର ଏହି ଏପିଶୋଡ ପ୍ରସାରିତ ହୋଇନାହିଁ। କିନ୍ତୁ ସାମ୍ନାକୁ ଆସିଥିବା ପ୍ରମୋରେ ଦିଲ୍‌ଜିତ ଅମିତାଭଙ୍କ ପାଦ ଛୁଇଁଥିବାର ଲକ୍ଷ୍ୟ କରାଯାଇଛି। ଏହାକୁ ନେଇ ପନ୍ନୁ କିଛି ସାମ୍ବାଦିକ ଓ ଲୋକଙ୍କୁ କଲ୍ କରିଥିଲା ଓ ଦିଲ୍‌ଜିତଙ୍କୁ ଧମକ ଦେଇଥିଲା। ତେବେ ଏ ନେଇ କଣ କଥାବାର୍ତ୍ତା ହୋଇଛି ସେ ନେଇ କିଛି ଜଣାପଡ଼ିନାହିଁ। ୧୯୮୪ ଦଙ୍ଗାରେ ଅମିତାଭଙ୍କ ଭୂମିକା ନେଇ ପନ୍ନୁ ପ୍ରଶ୍ନ ଉଠାଇଛି ବୋଲି କୁହାଯାଉଛି। ଅକ୍ଟୋବର ୩୧ରେ ଦିଲଜିତ କେବିସିର ୧୭ତମ ସଂସ୍କରଣରେ ବଲିଉଡ ମହାନାୟକ ଅମିତାଭ ବଚ୍ଚନଙ୍କ ସାମ୍ନାରେ ହଟ୍ ସିଟ୍‌ରେ ବସିଥିବାର ନଜର ଆସିବେ। ଏହାପୂର୍ବରୁ ଅଷ୍ଟ୍ରେଲିଆର ସିଡ୍‌ନୀରେ ଅନୁଷ୍ଠିତ ଷ୍ଟାଡିୟମ କନସର୍ଟରେ ଶିଖ ଧର୍ମର ଧାର୍ମିକ ଚିହ୍ନ କୃପାଣକୁ ନେଇ ବିବାଦ ହୋଇଥିଲା। ଏହି କନସର୍ଟରେ ହଜାର ହଜାର ଲୋକ ଯୋଗ ଦେଇଥିଲେ। କିନ୍ତୁ ଆୟୋଜନରେ ଶିଖ ଶ୍ରଦ୍ଧାଳୁଙ୍କୁ କୃପାଣ ନେଇ ଭିତରକୁ ଯିବା ପାଇଁ ଅନୁମତି ଦିଆଯାଇ ନଥିଲା। ଦର୍ଶକ ଏହାକୁ ବିରୋଧକରିବାରୁସେମାନଙ୍କୁବାହାରକରିଦିଆଯାଇଥିଲା। ଫଳରେ ଶିଖ ସମ୍ପ୍ରଦାୟର ଦର୍ଶକମାନେ ନିରାଶ ହୋଇଥିଲେ। ଏହା ସତ୍ତ୍ୱେ ଅଷ୍ଟ୍ରେଲିଆରେ ନଭେମ୍ବର ୧ରେ ଦିଲଜିତଙ୍କ ଶୋ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।



## ଆଫଗାନିସ୍ତାନକୁ ପୁଣି ଧମକ ଦେଲା ପାକିସ୍ତାନ

ଇସଲାମାବାଦ୍, ୨୯ ।୧୦(ଏଜେନ୍ସି): ତୁର୍କୀ ରାଜଧାନୀ ଇସ୍ତାନବୁଲ୍‌ରେ ଶାନ୍ତି ଆଲୋଚନା ବିଫଳ ହେବା ପରେ ପାକିସ୍ତାନ ପୁଣି ଥରେ ପଡୋଶୀ ଦେଶ ଆଫଗାନିସ୍ତାନକୁ ଧମକ ଦେଇଛି। ଫଳରେ ଦୁଇ ଦେଶ ଏବେ ପୁଣିଥରେ ଯୁଦ୍ଧ ଆଡକୁ ମୁହାଁଉଥିବାର ଆଶଙ୍କା କରାଯାଉଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଆଫଗାନିସ୍ତାନକୁ ଧମକ ଦେଇ କହିଛନ୍ତି ଯେ ଯଦି ପୁଣିଥରେ ପାକିସ୍ତାନରେ ତାଲିବାନ ଦ୍ୱାରା ଆତ୍ମଘାତୀ ଆକ୍ରମଣ ହୁଏ, ତେବେ ଏହାର କଡ଼ା ଜବାବ ଦିଆଯିବ। ଆବଶ୍ୟକ ପଡ଼ିଲେ ଆଫଗାନିସ୍ତାନର ଅସ୍ତିତ୍ୱ ହଜାଇ ଦେବୁ। ଭାରତ କଥାରେ ପଡ଼ି ପାକିସ୍ତାନରେ ଆଫଗାନିସ୍ତାନ ଅସ୍ଥିରତା ସୃଷ୍ଟି କରୁଛି ବୋଲି ସେ ପୁଣି ଅଭିଯୋଗ କରିଛନ୍ତି।

ଇସ୍ତାନବୁଲ୍‌ରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତିକୁ ନେଇ ଆଲୋଚନା ହୋଇଥିଲେ ମଧ୍ୟ ଏହା ବିଫଳ ହୋଇଥିଲା। ଫଳରେ ପାକିସ୍ତାନ ଏଥିରେ କ୍ଷୋଭ ପ୍ରକାଶ କରି ଏଭଳି ଧମକ ଦେଇଛି। ଅପରପକ୍ଷରେ ଆଫଗାନିସ୍ତାନ ମଧ୍ୟ ପାକିସ୍ତାନୁ କଡ଼ା ଜବାବ ଦେଇଛି। ଆଫଗାନିସ୍ତାନ ଗୃହ ମନ୍ତ୍ରଣାଳୟର ମୁଖପାତ୍ର ଅବଦୁଲ ମତିନ କାନି କହିଛନ୍ତି ଯେ ଆମ ପାଖରେ ପରମାଣୁ ଅସ୍ତ୍ର ନଥିଲେ ମଧ୍ୟ ଏଭଳି ଜବାବ ଦେବୁ ଯେ ତାହା ପାକିସ୍ତାନ ସବୁଦିନ ମନେ ରଖିବ। ଉଲ୍ଲେଖଥାଉ କି ଚଳିତମାସ ପ୍ରାରମ୍ଭରେ ପାକିସ୍ତାନ ଆଫଗାନିସ୍ତାନରେ ତାଲିବାନର କେତୋଟି ଠିକଣା ଉପରେ ଆକ୍ରମଣ କରିଥିଲା ଓ ବହୁ ଲୋକ ମୃତ୍ୟୁବରଣ କରିଥିଲେ। ଏହାର ଜବାବରେ ଆଫଗାନିସ୍ତାନ ମଧ୍ୟ ଭୟଙ୍କର ଆକ୍ରମଣ କରିଥିଲା।

# ସୁଦାନରେ ନରସଂହାର

## ୪୮ ଘଣ୍ଟାରେ ୨ ହଜାର ଲୋକଙ୍କୁ ହତ୍ୟା

ଖାରତୋମ୍, ୨୯ ।୧୦(ଏଜେନ୍ସି): ଉତ୍ତରପୂର୍ବ ଆଫ୍ରିକୀୟ ଦେଶ ସୁଦାନରେ ଏକ ବଡ଼ଧରଣ ନରସଂହାର ହୋଇଛି ବୋଲି ଉପଗ୍ରହର ଚିତ୍ରରୁ ଜଣାପଡ଼ିଛି। ୪୮ ଘଣ୍ଟାର ଏହି ନରସଂହାରରେ ଦୁଇ ହଜାର ସାଧାରଣ ନାଗରିକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହି ନରସଂହାର ଏତେ ଭୟଙ୍କର ଥିଲା ଯେ ସୁଦାନର ପଶ୍ଚିମରେ ଥିବା ଏଲ ଫାସର ସହରରେ ରକ୍ତର ପୋଖରୀ ଓ ଖଣ୍ଡବିଖଣ୍ଡିତ ଶବ ଏଣେତେଣେ ପଡ଼ିଥିବାର ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି। ଏହି ସହରରେ କେତେକାଞ୍ଚଳରେ ଥିବା ବାଲି ରକ୍ତ କାରଣରୁ ଲାଲ୍ ହୋଇଯାଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଛୋଟପିଲା ସାମିଲ ଅଛନ୍ତି। ସହର ଉପରେ ରାପିଡ୍ ସପୋର୍ଟ ଫୋର୍ସେସ (ଆରଏସ୍‌ଏଫ୍) କବ୍‌ଜା କରିବା ପରେ ଦୁଇଦିନ ଧରି ଏହି ନରସଂହାର ଚାଲିଥିଲା। ଅକ୍ଟୋବର ୨୬ ଓ ୨୭ରେ ଆରଏସ୍‌ଏଫ୍ ଏହି କାଣ୍ଡ ଘଟାଇଥିଲା। ଅବଶ୍ୟ ମୃତକଙ୍କ ସଂଖ୍ୟା ଠିକ୍ ଭାବେ କହିବା ଏବେ କଷ୍ଟକର। ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ସୁଦାନ ଆର୍ମଡ ଫୋର୍ସ (ଏସ୍‌ଏଏଫ୍) ଓ ଆରଏସ୍‌ଏଫ୍ ମଧ୍ୟରେ ୨୦୨୩ ଏପ୍ରିଲରେ ସଂଘର୍ଷ ଆରମ୍ଭ ହୋଇଥିଲା ଓ ଏହା ଏବେ ତୃତୀୟ ବର୍ଷରେ ପହଞ୍ଚିଛି। ଦୀର୍ଘଦିନ ଧରି ସୁଦାନରେ ଚାଲିଥିବା ଗୃହଯୁଦ୍ଧ କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ସୁଦାନ ମିଲିଟାରୀ ଓ ପାରା ମିଲିଟାରୀ ମଧ୍ୟରେ ପତିଆରା ଲଢ଼େଇରୁ ହିଁ ଏହି ସଂଘର୍ଷ ସୂତ୍ରପାତ ହୋଇଛି।




■ ଉପଗ୍ରହ ଚିତ୍ରରେ ରକ୍ତର ପୋଖରୀ, କ୍ଷତବିକ୍ଷତ ମୃତଦେହ

ଏପର୍ଯ୍ୟନ୍ତ ଗୃହଯୁଦ୍ଧରେ ଦେଢ଼ ଲକ୍ଷ ଲୋକ ପ୍ରାଣ ହରାଇଲେଣି ଓ କୋଟିଏ ୪୦ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି। ବିଶ୍ୱରେ ଏହାକୁ ସର୍ବବୃହତ ବିସ୍ଥାପନ ବୋଲି କୁହାଯାଉଛି। ସୁଦାନ ନାଗରିକମାନେ ଚାଦ, ଇଥିଓପିଆ ଓ ଦକ୍ଷିଣ ସୁଦାନରେ ଶରଣ ନେଇ ଶରାଣାର୍ଥୀ ଶିବିରରେ ରହୁଛନ୍ତି। ଏସ୍‌ଏଏଫ୍ ଓ ଆରଏସ୍‌ଏଫ୍ ହିଂସା ରୋକିବାକୁ ରୋକଠୋକ ମନା କରିଛନ୍ତି। ଫଳରେ ସ୍ଥିତି ଆହୁରି ଭୟଙ୍କର ହେବାରେ ଲାଗିଛି। ଦେଶରେ ସରକାର ତନ୍ତ୍ର ଦୁର୍ବଳ ହେବା, ସେନା ଓ ଆରଏସ୍‌ଏଫ୍ ମଧ୍ୟରେ ଶାସନକୁ ହାତକୁ ନେବାର ପ୍ରୟାସ ଏହି ସଂଘର୍ଷକୁ ଦ୍ୱିଗୁଣିତ କରିଛି। ବିଭିନ୍ନ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ମଧ୍ୟ ହିଂସାକୁ ଆହୁରି ବୃଦ୍ଧି କରିଛି। ଦୀର୍ଘ ବର୍ଷଧରି ଚାଲିଥିବା ଏହି ଗୃହଯୁଦ୍ଧ ଫଳରେ ସୁଦାନରେ ମାନବୀୟ ସଂକଟ ସୃଷ୍ଟି ହୋଇଛି। ଲୋକେ ଭୋକରେ ମରିବା ଆରମ୍ଭ କରିଛନ୍ତି।

## ଏସ୍‌ଆଇଆର୍ ଗଣତନ୍ତ୍ର ପ୍ରତି ବିପଦ: କେରଳ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୯ ।୧୦(ଏଜେନ୍ସି): ଦେଶର ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ପେଶିଆଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର) ଜାରି କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ତେବେ ଏହାକୁ ଦକ୍ଷିଣର ଦୁଇ ରାଜ୍ୟ କେରଳ ଓ ତାମିଲନାଡୁ ଘୋର ବିରୋଧ କରିଛନ୍ତି। ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ନିର୍ବାଚନ କମିଶନଙ୍କ ଏହି ଘୋଷଣାକୁ ବିରୋଧ କରିଛନ୍ତି ଓ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ ବୋଲି କହିଛନ୍ତି। ଏସ୍‌ଆଇଆର୍‌ର ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ଅଗଣତାନ୍ତ୍ରିକ ଓ ଏହା ଭେଦଭାବ ସୃଷ୍ଟି କରୁଛି ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ କହିଛନ୍ତି। ସୁପ୍ରିମକୋର୍ଟରେ ବିହାର ନିର୍ବାଚନ ସଂକ୍ରାନ୍ତରେ ମାମଲା ପଡ଼ି ରହିଥିବା ବେଳେ କମିଶନଙ୍କ ଏହି ଘୋଷଣା ଅସାମ୍ବିଧାନିକ ବୋଲି ସେ କହିଛନ୍ତି। ତେଣୁ ଏହାକୁ ଏବେ ଅନ୍ୟ ରାଜ୍ୟରେ ଲାଗୁ କରିବା ଉଚିତ ହେବ ନାହିଁ। ସେପେଟେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏସ୍‌ଆଇଆର ଲାଗୁ କରିବା ବିରୋଧରେ ନଭେମ୍ବର ୨ରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ଅଧାର କାର୍ଡକୁ ନାଗରିକତାର ପ୍ରମାଣ ବୋଲି ସ୍ୱୀକାର କରାନ ଯିବାକୁ ସେ ବିରୋଧ କରିଛନ୍ତି। ଲକ୍ଷ ଲକ୍ଷ ପ୍ରକୃତ ଭୋଟରଙ୍କୁ ତାଲିକାରୁ ବାଦ ଦେବାକୁ ଏହା ମାଧ୍ୟମରେ ଷଡ଼ଯନ୍ତ୍ର ହୋଇଛି ବୋଲି ଷ୍ଟାଲିନ ଅଭିଯୋଗ କରିଛନ୍ତି। କିନ୍ତୁ ଅନ୍ୟପଟେ ବିଜେପିର ସହଯୋଗୀ ପାର୍ଟି ଏଆଇଏଡିଏମ୍‌କେ ଏସ୍‌ଆଇଆରକୁ ସ୍ୱାଗତ କରିଛି।



## ରାହୁଲଙ୍କ ମନ୍ତବ୍ୟକୁ ନେଇ ତେଜିଲା ରାଜନୀତି

ପାଟନା, ୨୯ ।୧୦(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିହାର ବିଧାନସଭା ନିର୍ବାଚନ ପାଇଁ ଆଜିଠାରୁମହାମେଣ୍ଟପକ୍ଷରୁପ୍ରଚାରଅଭିଯାନଆରମ୍ଭ କରିଛନ୍ତି। ପ୍ରଥମ ଦିନ ପ୍ରଚାରରୁ ହିଁ ତାଙ୍କ ମନ୍ତବ୍ୟକୁ ନେଇ ବିବାଦ ଆରମ୍ଭ ହୋଇଛି। ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ପାଇଁ ବିଜେପି ତାଙ୍କୁ ତୀବ୍ର ସମାଲୋଚନା କରିଛି।

ମୁଜାଫରପୁରରେ ନିର୍ବାଚନୀ ସଭାକୁ ଉଦବୋଧନ ଦେଇ ରାହୁଲ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ ।।ଯେ ଏବେ ନିର୍ବାଚନ ଚାଲିଛି ଏବଂ ଭୋଟ୍ ହାତେଇବା ଲାଗି ମୋଦୀ ଯେକୌଣସି ସ୍ତରକୁ ଯାଇପାରିବେ। ଏପରିକି ସେ 'ଭୋଟ୍ ପାଇବା ଲାଗି ନାଚି ପାରିବେ।' ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଲେ, 'ଆପଣମାନେ କହିଲେ ମୋଦୀଜୀ ଭୋଟ୍ ପାଇଁ ଡ୍ରାମା କରିପାରିବେ। କେବଳ ଏତିକି ନୁହେଁ, ଆପଣମାନେ ଯଦି କହିବେ ଭୋଟ୍ ପାଇଁ ନାଚିବାକୁ ପଡ଼ିବ, ମୋଦୀଜୀ ମଞ୍ଚ ଉପରକୁ ଆସି ଭୋଟ୍ ପାଇଁ ନାଚିବାକୁ ପଛାଇବେ ନାହିଁ।' ସେ ଆହୁରି କହିଲେ ଯେ ଛଟ୍ ପୂଜା ପାଇଁ ମୋଦୀ ଡ୍ରାମା କରିଥିଲେ। ଯମୁନା ନଦୀ ଦୂଷିତ ଥିବା ବେଳେ ତାଙ୍କ ପାଇଁ ସ୍ୱତନ୍ତ୍ର ପୋଖରି କରାଯାଇଥିଲା ଏବଂ ପୋଖରିରେ ପଶି ମୋଦୀ ଛଟ୍ ପୂଜା କରିଥିଲେ। ରାଜ୍ୟରେ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ସମାଲୋଚନା କରି ରାହୁଲ କହିଲେ ଯେ ରାଜ୍ୟ ପ୍ରଶାସନରେ ନୀତୀଶ କୁମାର କେବଳ ଏକ ଚେହେରା। ପ୍ରକୃତ ରିମୋଟ କଂଟ୍ରୋଲ ବିଜେପି ହାତରେ ରହିଛି। ରାଜ୍ୟରେ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ମଧ୍ୟ ସେ ସମାଲୋଚନା କରି କହିଲେ ଯେ ଏହା ଭୋଟ ଚୋରି ଛଡ଼ା ଆଉ କିଛି ନୁହେଁ। ଏସ୍‌ଆଇଆର ନାମରେ ନିର୍ବାଚନ କମିସନ ୬୬ ଲକ୍ଷ ଭୋଟରଙ୍କ ନାମ କାଟି ଦେଇଛନ୍ତି।



ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ରାହୁଲ ଦେଇଥିବା ମନ୍ତବ୍ୟ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଭାରତୀୟ ଜନତା ପାର୍ଟି। ବିଜେପି ନେତା ପ୍ରଦୀପ ଭଣ୍ଡାରୀ ରାହୁଲଙ୍କୁ ସମାଲୋଚନା କରି କହିଛନ୍ତି ଯେ ବିରୋଧୀ ଦଳର ନେତା ଗୁଣ୍ଡାଙ୍କ ଭଳି ଭାଷା କହୁଛନ୍ତି। ଏପରି ମନ୍ତବ୍ୟ ଦେଇ ରାହୁଲ ବିହାରର ଭୋଟରମାନଙ୍କୁ ଅପମାନିତ କରିଛନ୍ତି। ଯେଉଁ ଭୋଟର ମୋଦୀଙ୍କୁ ଭୋଟ୍ ଦେଇ ଜିତାଇଛନ୍ତି, ସେମାନଙ୍କୁ ଓ ଗଣତନ୍ତ୍ରକୁ ଅପମାନ କରଛନ୍ତି ରାହୁଲ।

## ବେକାର ଗଲା ତିନି କୋଟି, ବର୍ଷା ହେଲାନି

ନୂଆଦିଲ୍ଲୀ, ୨୯ ।୧୦(ଏଜେନ୍ସି): କୃତ୍ରିମ ବର୍ଷା କରାଇବାକୁ ଦିଲ୍ଲୀରେ କ୍ଲାଉଡ ସିଡିଂ ପ୍ରକ୍ରିୟାକୁ ରୋକି ଦିଆଯାଇଛି। ବର୍ଷା କରାଇବାକୁ କରାଯାଉଥିବା କ୍ଲାଉଡ ସିଡିଂର ୩ଟି ଟ୍ରାଏଲ ବା ପ୍ରୟାସ ବିଫଳ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ବାୟୁରେ ୫୦ ପ୍ରତିଶତ ଆଦ୍ରତା ନଥିଲେ ଏହା ସଫଳ ହେବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏବେ ବାୟୁରେ ୧୦ରୁ ୧୫ ପ୍ରତିଶତ ଆଦ୍ରତା ରହିଛି। ରାଜଧାନୀରେ ଦେଖା ଦେଇଥିବା ଭୟଙ୍କର ପ୍ରଦୂଷଣକୁ ରୋକିବା ପାଇଁ ଦିଲ୍ଲୀ ସରକାର କ୍ଲାଉଡ ସିଡିଂ କରିବା ପ୍ରକ୍ରିୟାରେ ୩.୨ କୋଟି ଟଙ୍କା ଖର୍ଚ୍ଚ କରିସାରିଛନ୍ତି। ଦିଲ୍ଲୀ ସରକାରଙ୍କ ପରିବେଶ ବିଭାଗ ଓ କାନ୍‌ପୁରର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଗୋଟିଏ ଟ୍ରାଏଲ ପାଇଁ ପାଖାପାଖି ୬୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି କ୍ରମରେ ମଙ୍ଗଳବାର ଦୁଇଟି ଟ୍ରାଏଲ କରାଯାଇଥିଲା। ତେବେ ପ୍ରଥମ ଟ୍ରାଏଲ୍ ଅକ୍ଟୋବର ୨୩ରେ ହୋଇଥିଲା। ୩ଟି ଯାକ ଟ୍ରାଏଲ ଫେଲ୍ ମାରିଛି। ଏଥିପାଇଁ ମଙ୍ଗଳବରେ ମିରଟରୁ ଏକ ସ୍ୱତନ୍ତ୍ର ବିମାନ 'ସେସନା' ଉଡାଣ ଭରିବା ଆରମ୍ଭ କରିଥିଲା। ଏହି ବିମାନ ଦିଲ୍ଲୀର ଖେକଡା, ବୁରାଡି, ମୟୁର ବିହାର ଅଞ୍ଚଳରେ ଏହି ବିମାନ ୬ ହଜାର ଫୁଟ ଉଚ୍ଚରେ ଉଡି ବାଦଲ ମଧ୍ୟରେ ଅପରାହ୍ଣ ୨ଟାରେ ରାସାୟନିକ ପଦାର୍ଥଛିଡ଼୍‌କାଇଥିଲା। ଗୋଟିଏଟ୍ରାଏଲର ୪ଘଣ୍ଟା ପରେବର୍ଷାହେବବୋଲିକୁହାଯାଇଥିଲା। କିନ୍ତୁ ରାତିରେ ବର୍ଷା ହୋଇ ନଥିଲା। ଏବେ ଏ ନେଇ ରାଜନୀତି ଆରମ୍ଭ ହୋଇଛି। ବିରୋଧୀ ଦଳ ଆମା ଆଦମୀ ପାର୍ଟି ତରଫରୁ ଏଭଳି ଟ୍ରାଏଲକୁ ପରିହାସ କରାଯାଇଛି।

## ପୁଣି ଅସ୍ତ୍ରବିରତି କଥା ଦୋହରାଇଲେ ଟ୍ରମ୍ପ

ନୂଆଦିଲ୍ଲୀ, ୨୯ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏସିଆ ।।ପେସିଫିକ ଇକୋନୋମିକ କୋପରେସନ (ଏପିଇସି) ଅଂଶଗ୍ରହଣ କରିବାକୁ ଦକ୍ଷିଣ କୋରିଆରେ ପହଞ୍ଚିଛନ୍ତି। ବୁଧବାର ସେ ମଞ୍ଚ ଉପରେ ଠିଆ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ ଓ ସମସ୍ତଙ୍କୁ ଚକିତ କରାଇଥିଲେ। ସେ ମୋଦୀଙ୍କୁ ବହୁତ ସୁନ୍ଦର ଦେଖିବାକୁ ବୋଲି କହିଥିଲେ। କିନ୍ତୁ ସେ ବହୁତ ଟାଣୁଆ ସ୍ୱଭାବର ବୋଲି ମଧ୍ୟ କହିଥିଲେ। ତାଙ୍କୁ ବୁଝାଇବା କଷ୍ଟକର ବୋଲି ଟ୍ରମ୍ପ କହିଥିଲେ। ଏପର୍ଯ୍ୟନ୍ତ ଭାରତ ଉପରେ ଟାରିଫ୍ ପରେ ଟାରିଫ ଲାଗୁ କରୁଥିବା ଟ୍ରମ୍ପ ଭାରତ ଓ ଆମେରିକା ମଧ୍ୟରେ ଚୁକ୍ତି ସମ୍ଭବ ବୋଲି ପରୋକ୍ଷରେ କହିଛନ୍ତି। ଏହାସହିତ ସେ ପୁଣିଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା କଥା ଦୋହରାଇଛନ୍ତି। ପରମାଣୁ ଅସ୍ତ୍ରସମ୍ପନ୍ନ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରାଇଥିଲେ ଓ ଭାରତ ଓ ପାକିସ୍ତାନ ସଂଘର୍ଷରେ ୭ଟି ବିମାନ ଧ୍ୱଂସ ହୋଇଥିବା କଥା ସେ ପୁଣି କହିଛନ୍ତି। ଦୁଇ ଦେଶ ମଧ୍ୟରେ ସଂଘର୍ଷ ଶେଷ କରିବାକୁ ସେ ବାଣିଜ୍ୟ ଓ ବ୍ୟବସାୟର ସାହାରା ନେଇଥିଲେ। ଯଦି ଦୁଇଦେଶ ଯୁଦ୍ଧ ଶେଷ ନ କରିନ୍ତି ତେବେ ଆମେ କୌଣସି ବାଣିଜ୍ୟ କାରବାର କରିବୁ ନାହିଁ ବୋଲି ଟ୍ରମ୍ପ ଦୁଇପକ୍ଷକୁ କହିଥିଲେ। ଶେଷରେ ବିନା କୌଣସି ତୃତୀୟ ପକ୍ଷ ହସ୍ତକ୍ଷେପରେ ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ ବୋଲି କହିଛନ୍ତି।

କିଛିଦିନ ତଳେ ଭାରତ ରୁଷଠାରୁ ଅପେକ୍ଷାକୃତ କମ୍ ତୈଳ କ୍ରୟ କରିବ। ଏସଂପର୍କରେ କୁଆଡ଼େ ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ସେ କହିଥିଲେ। ତେବେ ଅସ୍ତ୍ରବିରତି କରାଇବା ନେଇ ଟ୍ରମ୍ପଙ୍କ ଦାବିକୁ ଭାରତ କ୍ରମାଗତ ଭାବେ ଖଣ୍ଡନ କରିଆସୁଛି।

ଆଜିର ସମ୍ମିଳନୀ ମଞ୍ଚରେ ଏହି ଅବସରରେ ଟ୍ରମ୍ପ ପାକିସ୍ତାନ ପ୍ରଧାମନ୍ତ୍ରୀ ଶାହବାଜ ସରିଫ୍‌ଙ୍କୁ ମଧ୍ୟ ପ୍ରଶଂସା କରିଥିଲେ।

## ଚାଷୀଙ୍କ ବିକ୍ଷୋଭ; ନାଗପୁର-ହାଇଦରାବାଦ୍ ହାଇୱେ ୭ ଘଣ୍ଟା ଅବରୋଧ

ନାଗପୁର, ୨୯ ।୧୦(ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ରଣଛାଡ଼ କରିବାକୁ ଦାବି କରି କୃଷକଙ୍କ ଆନ୍ଦୋଳନ ବୁଧବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ପ୍ରହାର ଜନଶକ୍ତି ପାର୍ଟି ନେତା ବଚ୍ଚୁ କାଡୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଉଛି। କୃଷକମାନେ ରାଜ୍ୟ ରାଜପଥକୁ ମଧ୍ୟ ଅବରୋଧ କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ଏକ ଲକ୍ଷ କୃଷକ ଯୋଗ ଦେଇଛନ୍ତି ବୋଲି କାଡୁ କହିଛନ୍ତି। ଯଦି ଦାବି ପୂରଣ ନ ହୁଏ, ତେବେ ବୁଧବାର ରେଳ ଯାତାୟତକୁ ମଧ୍ୟ ବନ୍ଦ କରାଯିବ ବୋଲି ସେ କହିଛନ୍ତି। ଏହି ଆନ୍ଦୋଳନରେ ହଜାର ହଜାର ମହିଳା ମଧ୍ୟ ସାମିଲ ରହିଛନ୍ତି। ଗୋଟିଏ ଦିନ ପୂର୍ବରୁ ଅର୍ଥାତ ମଙ୍ଗଳବାର ହଜାର ହଜାର କୃଷକ ନାଗୁପର- ହାଇଦରାବାଦ ରାଜପଥ (ଏନ୍‌ଏଚ୍-୪୪)କୁ ମଧ୍ୟ ୭ ଘଣ୍ଟା ପାଇଁ ଅବରୋଧ କରିଥିଲେ। ନିର୍ବାଚନ ସମୟରେ ସକକାର ଋଣ ଛାଡ଼ କରିବାକୁ ଓ ଫସଲ ବୋନସ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସରକାର ଏପର୍ଯ୍ୟନ୍ତ ନିଜର ପ୍ରତିଶ୍ରୁତି ପୂରଣ କରିନାହାନ୍ତି ବୋଲି କୃଷକ ତରଫରୁ କୁହାଯାଇଛି। ସରକାର ପ୍ରତ୍ୟେକ ଫସଲ ଉପରେ ୨୦ ପ୍ରତିଶତ ବୋନସ ଓ ସୋୟାବିନ ଉପରେ ୬୦୦୦ ଟଙ୍କା ଦେବାକୁ କହିଥିଲେ। କିନ୍ତୁ ଏପର୍ଯ୍ୟନ୍ତ କୃଷକଙ୍କୁ କିଛି ମିଳିନାହିଁ ବୋଲି କାଡୁ କହିଛନ୍ତି। କୃଷକଙ୍କୁ ଭେଟିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ସମୟ ନାହିଁ ବୋଲି ସେ କହିଛନ୍ତି। ବଚ୍ଚୁ କାଡୁ ଅଚଳପୁରରୁ ବିଧାୟକ ରହିଛନ୍ତି ଓ ନିଜର ଆକ୍ରମଣାତ୍ମକ ସ୍ୱାଭାବ ପାଇଁ ବେସ୍ ପରିଚିତ। କିନ୍ତୁ ଏବେ ସରକାରଙ୍କୁ କୃଷକଙ୍କ ସମସ୍ୟା ଶୁଣିବାକୁ ହେବ ବୋଲି କୃଷକମାନେ କହିଛନ୍ତି।



# ୩୬ଟି କଲେଜର ନାହିଁ ସ୍ୱୟଂଶାସିତ ମାନ୍ୟତା


- **ନବୀକରଣ ପାଇଁ ଆବେଦନ କରି ନାହାନ୍ତି ଅନେକ ଶିକ୍ଷାନୁଷ୍ଠାନ**
- **ବେଆଇନ୍ ଭାବେ ନିଜ ପରୀକ୍ଷା ନିଜେ ପରିଚାଳନା କରୁଛନ୍ତି**
- **ଅନୁଦାନ ବନ୍ଦ ସହ ବୈଧତା ହରାଇପାରେ ଶିକ୍ଷା ପ୍ରମାଣପତ୍ର**
- **ପରସ୍ପରକୁ ଦୋଷ ଦେଉଛନ୍ତି ୟୁଜିସି ଓ କଲେଜ କର୍ତ୍ତୃପକ୍ଷ**

ଭୁବନେଶ୍ୱର, ୨୯ ।୧୦(ସମିସ): କଲେଜ ଫାଟକରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖା ହୋଇଛି। ସମସ୍ତ କାଗଜପତ୍ର କାମ ମଧ୍ୟ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବେ କରାଯାଉଛି। ବିଶ୍ୱବିଦ୍ୟାଳୟ ଓ ସରକାରଙ୍କଠାରୁ ଏହି ମହାବିଦ୍ୟାଳୟଗୁଡ଼ିକ ବିଭିନ୍ନ ସୁବିଧାସୁଯୋଗ ଓ ଅନୁଦାନ ପାଉଛନ୍ତି। ନିଜ ଶିକ୍ଷାନୁଷ୍ଠାନର ପରୀକ୍ଷା ନିଜେ ପରିଚାଳନା କରୁଛନ୍ତି; ହେଲେ ଦୀର୍ଘ ବର୍ଷରୁ ସ୍ୱୟଂଶାସିତ ମାନ୍ୟତା ଅବଧି ସରିଯାଇଥିଲେ ମଧ୍ୟ ନବୀକରଣ କରୁ ନାହାନ୍ତି। ରାଜ୍ୟର ୫୩ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରୁ ମାନ୍ୟତା ହରାଇଥିବା ୩୬ ମହାବିଦ୍ୟାଳୟର ସୂଚୀ ୟୁଜିସି ଜାରି କରିବା ପରେ ଏହି କଲେଜଗୁଡ଼ିକର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରାଜ୍ୟର ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟ ୨୦୨୨ ମସିହାରୁ ମାନ୍ୟତା ଶେଷ ହୋଇଥିଲେ ମଧ୍ୟ ନବୀକରଣ ହୋଇପାରି ନାହିଁ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଯାଜପୁର ଜିଲ୍ଲାର ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟ, ବ୍ୟାସନଗର କଲେଜ, ନରସିଂହ ଚୌଧୁରୀ କଲେଜ, କଟକ ଜିଲ୍ଲାର ବାଙ୍କି, ସାଲେପୁର ଓ ଉଦୟନାଥ କଲେଜ ସହିତ କେନ୍ଦ୍ରାପଡ଼ା କଲେଜ, ଢେଙ୍କାନାଳ କଲେଜ, ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ତାଳଚେର କଲେଜ, ଭୁବନେଶ୍ୱରସ୍ଥିତ କେଭିଡିଏଭି କଲେଜ, ନୟାଗଡ଼ କଲେଜ, ନିମାପଡ଼ା କଲେଜ, ଖୋର୍ଦ୍ଧାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁରର ଏସ୍‌ଭିଏମ୍ କଲେଜ, ପୁରୀର ଏସ୍‌ସିଏସ୍ କଲେଜର ସ୍ୱୟଂଶାସିତ ମାନ୍ୟତା ନାହିଁ। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଦକ୍ଷିଣଓଡ଼ିଶା ବିଶ୍ୱବଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବିପିୟୁଟି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମୋଟ୍ ୧୯ଟି କଲେଜର ମାନ୍ୟତା ସରି ସାରିଛି।

ବିଡ଼ମ୍ବନା ହେଉଛି ସ୍ୱୟଂଶାସିତ ମାନ୍ୟତା ନ ଥାଇ ମଧ୍ୟ ନିଜର ପରୀକ୍ଷା ପରିଚାଳନା ନିଜେ କରି ଆଇନ୍ ଉଲଂଘନ କରୁଛନ୍ତି। ଫଳରେ ୟୁଜିସିର କନଫର୍ମେଣ୍ଟ ଅଫ୍ ଅଟୋନୋମସ ଷ୍ଟାଟସ୍ ଓପନ୍ କଲେଜ ଏବଂ ମେଜର୍ସ ଫର୍ ମେଣ୍ଟେନାନ୍ସ ଅଫ୍ ଷ୍ଟାଣ୍ଡାର୍ଡସ ଇନ୍ ଅଟୋନୋମସ କଲେଜ ନିୟମାବଳୀ ୨୦୨୩ର ଉଲ୍ଲଙ୍ଘନ କରି ଉକ୍ତ କଲେଜଗୁଡ଼ିକୁ ପରୀକ୍ଷା ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ଅନୁମତି ଦେଉଛନ୍ତି। ୟୁଜିସି ପକ୍ଷରୁ ଏନେଇ ବାରମ୍ବାର ଦାଗିଦ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁନଃ ମାନ୍ୟତା ପାଇଁ ଅଧିକାଂଶ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଆଉକିଛି ୟୁଜିସିର ତ୍ରୁଟିପୂର୍ଣ୍ଣ ନୀତିକୁ ଦାୟୀ କରିବା ସହ ଆବେଦନ ସରିଥିଲେ ମଧ୍ୟ ମାନ୍ୟତା ନବୀକରଣ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ବିଜେବି କଲେଜ ଅଧ୍ୟକ୍ଷା ପ୍ରଫେସର ଝୁମୁକି ରଥ କହିଛନ୍ତି ଯେ ମାନ୍ୟତା ପାଇଁ ଉଭୟ ଅଫଲାଇନ ଓ ଅନଲାଇନରେ ଆବେଦନ ହୋଇଛି। ଆବଶ୍ୟକ ସଂଶୋଧନ ମଧ୍ୟ କରାଯାଇଛି। ହେଲେ ୟୁଜିସି ପକ୍ଷରୁ ବିଳମ୍ବ କାରଣରୁ ମାନ୍ୟତା ମିଳିପାରି ନାହିଁ। ସେହିପରି ଶିକ୍ଷାବିତ ଡ. ମାନସ ବେହେରା କହିଛନ୍ତି ଯେ ପୂର୍ବରୁ ପାଞ୍ଚବର୍ଷ ପାଇଁ ୟୁଜିସି ପକ୍ଷରୁ ସ୍ୱୟଂଶାସିତ ମାନ୍ୟତା ଦିଆଯାଉଥିଲା। ଅବଧି ଶେଷ ହେବାର ତିନିମାସ ପୂର୍ବରୁ ପୁନଃ ଆବେଦନ କରିବାକୁ ନିୟମ ଥିଲା। ହେଲେ ୟୁଜିସି ନିୟମାବଳୀ ୨୦୨୩ ଅନୁଯାୟୀ ନାକ୍ ମାନ୍ୟତା ଅନୁଯାୟୀ ସ୍ୱୟଂଶାସିତ ମାନ୍ୟତା ମିଳିବ। ସର୍ବନିମ୍ନ 'ଏ' ଗ୍ରେଡ୍ ପାଇଥିବା ଶିକ୍ଷାନୁଷ୍ଠାନକୁ ପ୍ରାଥମିକ ଭାବେ ୧୦ ବର୍ଷ ପାଇଁ ସ୍ୱୟଂଶାସିତ ମାନ୍ୟତା ମିଳିବ। ମାନ୍ୟତା ସରିବାର ତିନିମାସ ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ସତର୍କ କଲେ ଏପରି ଅସଙ୍ଗତି ପରିଲକ୍ଷିତ ହୋଇ ନ ଥାନ୍ତା। କଲେଜ ଓ ୟୁଜିସି ଦୋଷ ଲଦାଲଦି ନ ହୋଇ ସ୍ୱୟଂଶାସିତ ମାନ୍ୟତା ପାଇବା ପାଇଁ କାମ କରିବା ଆବଶ୍ୟକ। ଅନ୍ୟଥା ଅନୁଦାନ ବନ୍ଦ ହେବା ସହ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟର ବୈଧତା ମଧ୍ୟ ରହି ନପାରେ।

## ବିଶ୍ୱ ପ୍ରସିଦ୍ଧ ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମିକୁ ମଜଭୁତ କରିବାକୁ ନବୀନଙ୍କ ଆହ୍ୱାନ



ଭୁବନେଶ୍ୱର,୨୯।୧୦(ସମିସ): ୧୯୯୯ ମସିହା ମହାବାତ୍ୟା ପରଠାରୁ ଓଡ଼ିଶା ପ୍ରକୃତିର ପ୍ରକୋପକୁ ସାହସ ଓ ଦୃଢ଼ବିଶ୍ୱାସ ସହ ମୁକାବିଲା କରିଛି। ଓଡ଼ିଶା 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ନୀତିକୁ ଗୁରୁତ୍ୱ ଦେଇଛି। ବିପର୍ଯ୍ୟୟ ପରିଚାଳନାରେ ଦୁର୍ବଳତାରୁ ବିଶ୍ୱ ନେତୃତ୍ୱକୁ ଆମର ପରିବର୍ତ୍ତନ କେବଳ ବ୍ୟବସ୍ଥାର କାହାଣୀ ନୁହେଁ, ଏହା ଲୋକ, ଯୋଜନା ଏବଂ ଉଦ୍ଦେଶ୍ୟର କାହାଣୀ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସରେ ଉଲ୍ଲେଖ କରିଛନ୍ତି। ୧୯୯୯ ମସିହା ଅକ୍ଟୋବ ୨୯ରେ ଓଡ଼ିଶା ସାମନା କରିଥିବା ପ୍ରଳୟଙ୍କାରୀ ମହାବାତ୍ୟାକୁ ମନେ ପକାଇ ଆଜିର ଦିନରେ 'ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ' ପାଳନ କରାଯାଇ ଆସୁଛି। ଏହି ଦିବସରେ ନବୀନ ଏକ୍ସରେ ପୋଷ୍ଟ କରି ବିଶ୍ୱ ପ୍ରସିଦ୍ଧ ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ଏବଂ ପ୍ରତ୍ୟେକ ମୂଲ୍ୟବାନ ଜୀବନ ରକ୍ଷା ପାଇଁ ପ୍ରସ୍ତୁତିକୁ ଆହୁରି ମଜବୁତ କରିବା ପାଇଁ ଆମେ ସଂକଳ୍ପ ନେବା ବୋଲି ଆହ୍ୱାନ ଦେଇଛନ୍ତି।

## ୧୧ରେ ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ସରକାରୀ ଛୁଟି

ଭୁବନେଶ୍ୱର,୨୯।୧୦(ସମିସ): ଆସନ୍ତା ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ପାଇଁ ଭୋଟ୍ ପଡ଼ିବ। ତେଣୁ ଏହି ଦିନ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ସକାରୀ କାର୍ଯ୍ୟାଳୟ ଓ ମ୍ୟାଜିଷ୍ଟ୍ରେରିଆଲ୍ କୋର୍ଟ (କାର୍ଯ୍ୟନିର୍ବାହୀ)କୁ ଛୁଟି ଘୋଷଣା କରାଯାଇଛି। ଏହାସହିତ ସେହିଦିନ ନିର୍ବାଚନ ମଣ୍ଡଳୀର ସମସ୍ତ ବ୍ୟାଙ୍କ ଓ ବ୍ୟାଙ୍କିଙ୍ଗ୍ ସଂସ୍ଥାକୁ ମଧ୍ୟ ଛୁଟି ଘୋଷଣା କରାଯାଇଛି। ଏହି ଦିନ ଉକ୍ତ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏନେଇ ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ୱଟ୍ ନାମଲେଖା ସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର, ୨୯ ।୧୦(ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ସହିତ ସ୍ନାତୋକୋତ୍ତର, ଦୁଇ ବର୍ଷିଆ ବିଇଡି ଓ ଏମ୍‌ଇଡି, ତିନି ବର୍ଷିଆ ଏଲ୍‌ଏଲ୍‌ବି, ତିନି ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଇଡି ଓ ଏମ୍‌ଇଡିରେ ସ୍ୱଟ୍ ନାମଲେଖା ଅବଧିରେ ପରିବର୍ତ୍ତନ କରାଯାଇଛି। ବାତ୍ୟା ମୋନ୍ଥା ପ୍ରଭାବରେ ରାଜ୍ୟରେ କିଛି ଜିଲ୍ଲାରେ ଲଗାଣ ବର୍ଷା କାରଣରୁ ନାମଲେଖା ଅବଧି ବଢ଼ାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଗତ ୨୭ ତାରିଖରେ ନାମଲଖା ପାଇଁ ମେଧା ତାଲିକା ପ୍ରକାଶ ପାଇ ସାରିଛି। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଗତକାଲି ଅର୍ଥାତ୍ ୨୮ସ ତାରିଖରେ ସମ୍ପୃକ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଯାଇ ରିପୋର୍ଟିଂ କରିବାକୁ କୁହାଯାଇଥିଲା। ଏଥିରେ ପରିବର୍ତ୍ତନ କରାଯିବା ସହ ଆସନ୍ତାକାଲି ବା ୩୦ ତାରିଖ ଦିନ ରିପୋର୍ଟିଂ କରିପାରିବେ ବୋଲି ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ପିଲାମାନେ ୨୮ ତାରିଖରେ ରିପୋର୍ଟିଂ କରିଥିବେ ସେମାନଙ୍କୁ ପୁନଃ ରିପୋର୍ଟିଂ କରିବା ପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯିବାକୁ ପଡ଼ିବ ନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହାପରେ ନଭେମ୍ବର ୧ ତାରିଖ ଦିନ ଶିକ୍ଷାନୁଷ୍ଠାନ ପକ୍ଷରୁ ମେଧା ତାଲିକା ପ୍ରକାଶ ପାଇବ। ୩ ରୁ ୬ ତାରିଖ ମଧ୍ୟରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ଆଶାୟୀ ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ।

## ଲାଞ୍ଚ ନେଇ ଗିରଫ ହେଲେ ଆସିଷ୍ଟାଣ୍ଟ ସିଟି ଜିଏସ୍‌ଟି



**ଜରିମାନା ଓ ସୁଧ ମାଫ୍ ପାଇଁ ନେଇଥିଲେ ୧୨ହଜାର**

ଭୁବନେଶ୍ୱର,୨୯।୧୦(ସମିସ): ଲାଞ୍ଚ ନେଇ ଗିରଫ ହୋଇଛନ୍ତି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ର ଆସିଷ୍ଟାଣ୍ଟ ସିଟି ଜିଏସ୍‌ଟି ଅଫିସର ଉମାକାନ୍ତ ମହାକୁର। ସେ ଆଜି ୧୨ ହଜାର ଟଙ୍କା ଲାଞ୍ଚନେବା ସମୟରେ ଧରିଥିଲା ବଲାଙ୍ଗିର ଭିଜିଲାନ୍ସ। ସେ ଜଣେ ବ୍ୟବସାୟୀଙ୍କଠାରୁ ବୃତ୍ତିକର ଅଦାୟ ପାଇଁ ଲଗାଯାଇଥିବା ଜରିମାନା ଓ ସୁଧ ମାଫ୍ କରିବା ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ବୁଧବାର ସେହି ଟଙ୍କା ନିଜ ଚାମ୍ବରରେ ନେବାବେଳେ ଧରିଥିଲା ଭିଜିଲାନ୍ସ ବିଭାଗ। ଅଭିଯୋଗକାରୀ ବ୍ୟବସାୟୀଜଣକ ତିନୋଟି ଆର୍ଥିକ ବର୍ଷ ପାଇଁ (ପ୍ରତିବର୍ଷ ୨ ହଜାର ୫୦୦ ହିସାବରେ) ମୋଟ୍ ୭ ହଜାର ୫୦୦ ବୃତ୍ତିକର ଦେଇ ନ ଥିଲେ। ଏଥିପାଇଁ ଅଧିକାରୀ ମହାକୁର ତାଙ୍କୁ ମୋଟ୍ ୨୩ ହଜାର ୬୦୦ (କର ସହିତ ଜରିମାନା ଓ ସୁଧ ମିଶାଇ) ଦେବା ପାଇଁ ନୋଟିସ୍ ପଠାଇଥିଲେ। ବ୍ୟବସାୟୀ ମହାକୁରଙ୍କ ସହିତ ଯୋଗାଯୋଗ କରି କେବଳ କର ରାଶି ଦେବା ପାଇଁ ଅନୁରୋଧ କଲେ, କିନ୍ତୁ ଅଭିଯୁକ୍ତ ମହାକୁର କର ରାଶି ମାତ୍ର ନେବାକୁ ଅସ୍ୱୀକାର କରି, ଜରିମାନା ଓ ସୁଧ ମାଫ୍ କରିବା ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାପରେ ବ୍ୟବସାୟୀ ଭିଜିଲାନ୍ସ ଅଧିକାରୀଙ୍କୁ ଏ ବିଷୟରେ ଅଭିଯୋଗ କରିବା ପରେ ଅଜି ପୂର୍ବ ଯୋଜନା ଅନୁଯାୟୀ ଲାଞ୍ଚ ଟଙ୍କା ନେବାବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ସୁବର୍ଣ୍ଣପୁରସ୍ଥିତ ଘର ଏବଂ ବଲାଙ୍ଗିର ଅଫିସ୍ ଚାମ୍ବରରେ ଚଢଉ କରି ଯାଞ୍ଚ କରିଛି।

## ପୂର୍ବତନ ଏଡିସିଙ୍କୁ ୨ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର,୨୯।୧୦(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ସହକାରୀ ଡ୍ରଗ୍ କଣ୍ଟ୍ରୋଲର ରଘୁନାଥ ମଲ୍ଲିକଙ୍କୁ ଜେଲଦଣ୍ଡ ଶୁଣାଇଛନ୍ତି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ। ୨ବର୍ଷ ଜେଲ୍‌ଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ଶୁଣାଇଛନ୍ତି। ସମସ୍ତ ଦସ୍ତାବିଜ୍ ଏବଂ ସାକ୍ଷୀଙ୍କ ବୟାନ ନେବା ପରେ କୋର୍ଟ ରଘୁନାଥଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। କୋର୍ଟଙ୍କ ରାୟ ଆସିବା ପରେ ତାଙ୍କର ପେନ୍‌ସନକୁ ବନ୍ଦ କରିବା ପାଇଁ ଭିଜିଲାନ୍ସ କମ୍ପିଟାଣ୍ଟ ଅଥରିଟିଙ୍କୁ ଚିଠି ଲେଖିଛି। ରଘୁନାଥଙ୍କ ନାମରେ ପୂର୍ବରୁ କଳାଧନ ଅର୍ଜନ କରିଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଏହି ଅଭିଯୋଗ ଆଧାରରେ ତଦନ୍ତ କରିବା ପରେ ରଘୁନାଥ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସ୍ପଷ୍ଟ ହେବା ପରେ ଗିରଫ କରାଯାଇଥିଲା। ପୂର୍ବରୁ ସେ ଜାମିନ୍‌ରେ ଆସିଥିବା ବେଳେ କୋର୍ଟରେ ତାଙ୍କ ବିରୋଧରେ ପ୍ରମାଣ ଆସିବା ପରେ ତାଙ୍କୁ କୋର୍ଟ ସଜା ଶୁଣାଇଛନ୍ତି।

**ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ**

## ରାଜ୍ୟ ପାଇଁ କଳଙ୍କ ରିସା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ

ଭୁବନେଶ୍ୱର,୨୯।୧୦(ସମିସ): ଯାଜପୁର ଜିଲ୍ଲା ସୁକିନ୍ଦାରେ ଅନାହାର ମୃତ୍ୟୁକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ଆଦିବାସୀଙ୍କ ସୁରକ୍ଷା ଏବଂ ଉନ୍ନତି ପାଇଁ ସରକାର ଯେଉଁ ଡିଣ୍ଡିମ ପିଟୁଛନ୍ତି ତାହାର ନଗ୍ନ ଚିତ୍ର ଏବେ ସାମ୍ନାକୁ ଆସିଛି ବୋଲି କଂଗ୍ରେସ କହିବା ସହ ହଜାର ହଜାର କୋଟିର ଖଣି ଅଞ୍ଚଳରେ ଅନାହାର ମୃତ୍ୟୁ ରାଜ୍ୟ ପାଇଁ କଳଙ୍କ ବୋଲି କଂଗ୍ରେସ କହିଛି।

ବୁଧବାର ଆୟୋଜିତ ସାମ୍ବାଦିକ ସମିଳନୀରେ କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ସୁକିନ୍ଦା ଅଞ୍ଚଳରେ ରିସା ମାଙ୍କଡ଼ିଆଙ୍କ ଅନାହାରରେ ମୃତ୍ୟୁ ହୋଇଛି। ପିସିସି ସଭାପତିଙ୍କ ନିର୍ଦ୍ଦେଶରେ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟିର ସଦସ୍ୟ ଭାବେ ସେ ଏବଂ ଅନ୍ୟ ନେତୃବୃନ୍ଦ ସଂପୃକ୍ତ ଗ୍ରାମକୁ ଯାଇ ସମସ୍ତ ତଥ୍ୟ ଅନୁଧ୍ୟାନ କରିଛନ୍ତି। ଇ-କେୱାଇସି କରି ନ ଥିବାରୁ ରିସା ମାଙ୍କଡ଼ିଆକୁ ଚାଉଳ ମିଳୁ ନଥିଲା, ତା'ର ବାସପଯୋଗୀ ଘର ଖଣ୍ଡିଏ ନ ଥିବାରୁ ପଲିଥିନ ଟାଣି ରହୁଥିଲା। ତାର କିଛି ସମ୍ପର୍କୀୟ କିଛି ଖାଦ୍ୟ ଦେଉଥିଲେ। ପରେ ରୋଗଗ୍ରସ୍ତ ହୋଇ ଅନାହାରରେ ମୃତ୍ୟୁବରଣ କଲା। କଂଗ୍ରେସ ସରକାର ଥିବା ବେଳେ ଅନାହାର ମୃତ୍ୟୁକୁ ରୋକିବା ପାଇଁ ଏନଆରଜିଏସ ଯୋଜନା ଆରମ୍ଭ ହୋଇଥିଲା; ଏବେ ସରକାର ବିଭିନ୍ନ ଆଳ ଦେଖାଇ ଏନଆରଜିଏସ ଯୋଜନାକୁ ଯେତେ ଟଙ୍କା ଦେବା କଥା ଦେଉ ନାହାନ୍ତି। ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ ଅଛନ୍ତି, ଦେଶର ମହାମହିମ ରାଷ୍ଟ୍ରପତି ବି ଜଣେ ଆଦିବାସୀ। ହେଲେ ଆଦିବାସୀଙ୍କ ଖାଦ୍ୟ ତଥା ସାମାଜିକ ସୁରକ୍ଷା ପ୍ରତି ଘୋର ଅବହେଳା ପ୍ରଦର୍ଶନ କରାଯାଉଛି। ବିଭିନ୍ନ ଆଳ ଦେଖାଇ ସରକାର ଏବେ ଲୋକଙ୍କୁ ଚାଉଳ ଦେଉନାହାନ୍ତି। ଆଗାମୀ ଦିନରେ ଜନତା ଏହାର ଜବାବ ନିଶ୍ଚିତ ଦେବେ ବୋଲି ଶ୍ରୀ ଦାସ କହିଛନ୍ତି। ପୂର୍ବରୁ ସୁକିନ୍ଦା ଅଞ୍ଚଳରେ ସୁଭଦ୍ରା ମାଙ୍କଡ଼ିଆ ନାମ୍ନୀ ଜଣେ ଆଦିବାସୀ ମହିଳାଙ୍କ ଅନାହାରରେ ମୃତ୍ୟୁ ଘଟିଥିଲା। ତେଣୁ ଅନାହାର ଜନିତ ମୃତ୍ୟୁକୁ ହାଲୁକା ଭାବରେ ଗ୍ରହଣ ନ କରି ଗମ୍ଭୀର ଭାବରେ ବିଚାର କରି ଆଦିବାସୀଙ୍କ ସୁବିଧା ସୁଯୋଗ ପ୍ରତି ଯତ୍ନବାନ



ହେବା ପାଇଁ କଂଗ୍ରେସ ଦାବି କରୁଛି ବୋଲି ସେ କହିଛନ୍ତି। ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା ତାଙ୍କ ବକ୍ତବ୍ୟରେ ସୁକିନ୍ଦା ଅଞ୍ଚଳର ମାଙ୍କଡ଼ିଆ ସମାଜ ପ୍ରତି ହେଉଥିବା ଅବହେଳା କଥା କହିଛନ୍ତି। ପୃଥିବୀର ଏକ ତୃତୀୟାଂଶ କ୍ରୋମାଇଟ ଏହି ଅଞ୍ଚଳରୁ ବାହାରିଥାଏ, ଏଥିପାଇଁ ସାରା ପୃଥିବୀରେ ସୁକିନ୍ଦା ପ୍ରସିଦ୍ଧ। ଦୁଃଖର କଥା ଏହି ଅଞ୍ଚଳରେ ଶହ ଶହ ବର୍ଷଧରି ବାସ କରି ଆସୁଥିବା ମାଙ୍କଡ଼ିଆ ଜନଜାତିଙ୍କ ପାଖରେ ନିଜସ୍ୱ ଜମି ନାହିଁ, ନିଜସ୍ୱ ବାସସ୍ଥାନ ନାହିଁ। ମାଙ୍କଡ଼ିଆ ଜନଜାତିଙ୍କ ବିକାଶ ପାଇଁ ଏକ ସ୍ୱତନ୍ତ୍ର ବିଭାଗରେ ୩୪ ଜଣ ଅଫିସର ଅଛନ୍ତି। ହେଲେ ସବୁ କାମ କେବଳ ଭାଷଣରେ ସୀମିତ ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି।

**ବାତ୍ୟା ବିପ୍ୟାତ**

## ଓଡ଼ିଶା ସୀମାନ୍ତ-ଆନ୍ଧ୍ରପ୍ରଦେଶ ଯୋଗାଯୋଗ ବିଚ୍ଛିନ୍ନ

ବ୍ରହ୍ମପୁର,୨୯ ।୧୦(ସମିସ): ବାତ୍ୟା "ମୋନ୍ଥା" ପ୍ରଭାବରେ ଓଡ଼ିଶା ସୀମାନ୍ତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁ ଗ୍ରାମରେ ବନ୍ୟା ଜଳ ପଶିଥିବା ବେଳେ ଅନେକ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ଗଞ୍ଜାମ ଜିଲ୍ଲାର ସୀମାନ୍ତ ବ୍ଲକ ପାତ୍ରପୁର ଅଞ୍ଚଳର ଅନେକ ଗ୍ରାମରୁ ଆନ୍ଧ୍ରକୁ ସଂଯୋଗ ରାସ୍ତା ଗୁଡ଼ିକରେ ଯୋଗଯୋଗ ବିଚ୍ଛିନ୍ନ ହୋଇଥିବା ଦେଖିବାକୁ ମିଳିଛି। ଏହି ବ୍ଲକର ତୁଟିପୁରଠାରୁ ଆନ୍ଧ୍ରର ମଙ୍ଗଳବାର ହାଟ ଜାତୀୟ ରଜପଥକୁ ଯିବା ରାସ୍ତାରେ ବହୁଳ ମାତ୍ରାରେ ପାଣି ଜମି ରହିଛି। ନିକଟସ୍ଥ ନାଳ ଉପର ବ୍ରିଜ ଦେଇ ପ୍ରବଳ ପାଣି ପ୍ରବାହିତ ହେଉଛି। ଫଳରେ ଯାତାୟତ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ନିତିଦିନିଆ ବ୍ୟବସାୟ ଆଦି କ୍ଷେତ୍ରରେ ସ୍ଥାନୀୟ ଲୋକେ



ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସ୍କୁଲ, କଲେଜ ଯିବାରେ ବି ଛାତ୍ରଛାତ୍ରୀ ସମସ୍ୟା ଭୋଗିଛନ୍ତି। ଏହି ରାସ୍ତା ସୀମାନ୍ତବାସୀଙ୍କ ଆନ୍ଧ୍ର ସହ ଯୋଗାଯୋଗର ପ୍ରମୁଖ ବାଟ। ଏହି ରାସ୍ତା ଜୟନ୍ତିପୁରଠାରୁ ସିଧାସଳଖ ଆନ୍ଧ୍ରକୁ ସଂଯୋଗ ହୋଇଛି। କେଶରିପଡ଼ା, ବରଙ୍ଗ, ଖମ୍ବାରିଙ୍ଗା, ଜୟନ୍ତିପୁର ଆଦି ବିଭିନ୍ନ ପଞ୍ଚାୟତର ଜନସାଧାରଣ ସେମାନଙ୍କ ନିତ୍ୟ ବ୍ୟବସାୟ ଓ ଆବଶ୍ୟକ କାର୍ଯ୍ୟ ପାଇଁ ନିକଟସ୍ଥ ଆନ୍ଧ୍ରର କାଞ୍ଚିଲି, ରବିବାର ହାଟ, ଚିତ୍ତୁପୁଡ଼ି, ମଙ୍ଗଳବାର ହାଟ ଆଦି ଉପରେ ନିର୍ଭର କରନ୍ତି। ସମ୍ପ୍ରତି ବନ୍ୟା ପାଣି ପ୍ରବେଶ ଯୋଗୁ ଏହି ରାସ୍ତାରେ ଯାତାୟତ ବନ୍ଦ ହୋଇଛି। ଖବର ଲେଖିଲା ବେଳକୁ ପାଣିର ପ୍ରଖୋରତା ସ୍ୱଳ୍ପ ମାତ୍ରାରେ କମିଥିଲେ ହେଁ ଯାତାୟତ ସ୍ୱାଭାବିକ ହୋଇପାରିନି। ନିତ୍ୟ ଯାତାୟତ ବ୍ୟକ୍ତିବିଶେଷ ଅନ୍ୟ ରାସ୍ତା ଆପଣାଇଥିବା ଜଣାପଡ଼ିଛି। କେବଳ ଏହି ରାସ୍ତା ନୁହେଁ ଗୁଡ଼ିପଦର, ବି ନୂଆଗାଁ, ଟି ବ୍ରହ୍ମପୁର ଆଦି ରାସ୍ତା ଉପରେ ମଧ୍ୟ ପ୍ରବଳ ମାତ୍ରାରେ ପାଣି ବୋହୁଥିବା ଦେଖିବାକୁ ମିଳିଛି।

## ୬ ଦିନ ବଢ଼ିଲା +୨ ଏକ୍ସ-ରେଗୁଲାର୍ ପିଲାଙ୍କ ଫର୍ମପୂରଣ ଅବଧି

ଭୁବନେଶ୍ୱର, ୨୯ ।୧୦(ସମିସ): ବାତ୍ୟା ମୋନ୍ଥା ପାଇଁ +୨ ଫର୍ମପୂରଣ ଅବଧିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଓ ଫି' ଦାଖଲ କରିବା ପାଇଁ ୬ଦିନ ଅତିରିକ୍ତ ସମୟ ଦିଆଯାଇଛି। ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସେମାନେ ଫର୍ମପୂରଣ ଓ ଫି' ଜମା କରିପାରିବେ। ଅପରପକ୍ଷରେ ରେଗୁଲାର୍ ପିଲାଙ୍କ ଫର୍ମପୂରଣ ପାଇଁ ପୂର୍ବ ସୂଚୀରେ କୌଣସି ପରିବର୍ତ୍ତନ କରାଯାଇ ନ ଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏକା ସମୟରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମ ପଢୁଥିବା ରେଗୁଲାର୍ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଜାରି ରହିଛି। ବିନା କୌଣସି ଫାଇନ୍‌ରେ ନଭେମ୍ବର ୬ ତାରିଖ ମଧ୍ୟରେ ଫର୍ମପୂରଣ କରିପାରିବେ। ବିନା ଫାଇନ୍ ଫର୍ମ ପୂରଣ ସରିବା ପରେ ଏକା ସମୟରେ ଫାଇନ୍ ଦେଇ ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀମାନେ ଫର୍ମ ପୂରଣ କରିପାରିବେ। ନଭେମ୍ବର୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ ୧୯ତାରିଖ ମଧ୍ୟରେ ୬୦୦ ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିବେ। ଏନେଇ ସିଏଚ୍‌ଏସ୍‌ଇ ପକ୍ଷରୁ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ଅବଗତ କରିଛନ୍ତି।

## ୧୦ ବର୍ଷ ତଳେ ବାପାଙ୍କ ଦଶାହରୁ ନିଖୋଜ ପୁଅ ବାଂଲାଦେଶରୁ ଠାବ

ବାରିପଦା, ୨୯ ।୧୦(ସମିସ): ଆଜକୁ ପ୍ରାୟ ୧୦ବର୍ଷ ତଳେ ବାପାଙ୍କ ଦଶାହରୁ ନିଖୋଜ ହୋଇଥିବା ପୁଅ ବାଂଲାଦେଶରୁ ଠାବ କରାଯାଇଛି। ଏହି ସୂଚନା ପାଇବା ପରେ ଜିଲ୍ଲା ପ୍ରଶାସନ ଘରକୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନେଇଛନ୍ତି। ସୂଚନା ଅନୁସାରେ, ବଡ଼ସାହି ବ୍ଲକ ଅଧୀନ ଶିଆଳିଘାଟି ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ସୁଦାମ ହେମ୍ବ୍ରମ (୩୯) ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ନିଖୋଜ ଅଛନ୍ତି। ତାଙ୍କର ମସ୍ତିଷ୍କ ବିକୃତି ଥିଲା। ବାପାଙ୍କ ଦଶାହ ଦିନ ସେ ଘରୁ ବାହାରି ଯାଇଥିଲେ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଗାଁକୁ ଫେରି ନାହାନ୍ତି। ପରିବାର ଲୋକେ ମଧ୍ୟ ସୁଦାମଙ୍କୁ ଖୋଜିବା ପାଇଁ ଉଦ୍ୟମ କରିନଥିଲେ। ହେଲେ ଦୀର୍ଘ ବର୍ଷ ପରେ ବାଂଲାଦେଶର ଗୋଲାବରି ରେଳ ଷ୍ଟେସନ ନିକଟରେ ସେ ବୁଲୁଥିବା ସାମାଜିକ କର୍ମୀ ଏମଡି ଅବଦୁଲ ଗନି ଫିଣ୍ଟୁ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ। ପରେ ବଡ଼ସାହି ତହସିଲ ଏବଂ ବ୍ଲକକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ଅନୁଯାୟୀ ବଡ଼ସାହି ଅତିରିକ୍ତ ତହସିଲଦାର ବିନିତା ରାଣୀ କିସ୍କୁଙ୍କ ନେତୃତ୍ୱରେ ଏକ ଟିମ୍ ଜଗନ୍ନାଥପୁର ଗ୍ରାମରେ ପହଞ୍ଚ ତଥ୍ୟ ସଂଗ୍ରହ କରି ଫେରିଛନ୍ତି।

## ଶିମିଳିପାଳକୁ ଫେରୁନି 'ଯମୁନା'

- **କୁଳଡିହା ଓ ହଦଗଡ଼ରେ କରୁଛି ବିଚରଣ କରୁଛି ବାଘୁଣୀ**
- **ବିଭାଗର ବାଘ ବଂଶ ବୃଦ୍ଧି କରାଇବା ଯୋଜନା ବିଫଳ**
- **ମହାରାଷ୍ଟ୍ରର ମହାବଳ ବାଘୁଣୀକୁ ଛାଡିବା ପୂରିଲା ଏକ ବର୍ଷ**

ବାରିପଦା,୨୯ ।୧୦(ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର)ରେ କଳାବାଘଙ୍କ ବଂଶାନୁକ୍ରମିକ ବିବିଧତାରେ ପରିବର୍ତ୍ତନ ପାଇଁ ମହାରାଷ୍ଟ୍ରରୁ ବାଘୁଣୀ ଯମୁନାକୁ ଆଣି ଏଠାରେ ଛାଡିବାର ଏକ ବର୍ଷ ପୂରଣ ହେଲାଣି। ତେବେ ଯମୁନା ଏବେ ହଦଗଡ ଓ କୁଳଡିହା ଅଭୟାରଣ୍ୟରେ ନିଜର ଟେରିଟୋରି ଗଠନ କରି ଦୀର୍ଘ ଦିନ ଧରି ସେ ଅଞ୍ଚଳରେ ବିଚରଣ କରୁଥିଲେ ହେଁ ଶିମିଳିପାଳ ଅଭୟାରଣ୍ୟ ଫେରିନାହିଁ। ଫଳରେ ବାଘୁଣୀ ଯମୁନାକୁ ନେଇ ବିଭାଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଦୂରେଇ ଯାଉଛି।

ଗତ ୨୦୨୪ ଅକ୍ଟୋବର ୨୮ ତାରିଖରେ ଏକ ସ୍ୱତନ୍ତ୍ର ଏନକ୍ଲୋଜରରେ ଅଣାଯାଇ ଶିମିଳିପାଳରେ ଛଡାଯାଇଥିଲା। ଗୋଟିଏ ଦିନ ପୂର୍ବରୁ ଏକ ସ୍ୱତନ୍ତ୍ର ଟିମ ଓ ଗାଡି ଯୋଗେ ମହାବଳ ବାଘଟି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପହଞ୍ଚିଥିଲା। ଦେଶରେ ବାଘ ସଂଖ୍ୟା ବୃଦ୍ଧିରେ ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟ ଉତ୍ତମ ସ୍ଥାନ ବୋଲି ଏନ୍‌ଟିସିଏ ପକ୍ଷରୁ ପ୍ରକାଶ କରାଯାଇଥିଲା। ଏହାକୁ ନେଇ ରାଜ୍ୟରେ ବାଘ ବଂଶ ବୃଦ୍ଧିକୁ ନେଇ ମହାରାଷ୍ଟ୍ର ରାଜ୍ୟର ତଡବା ଜଙ୍ଗଲରୁ ଦୁଇଟି ବାଘୁଣୀ ଯମୁନା ଓ ଜିନ୍ନତକୁ ସ୍ୱତନ୍ତ୍ର ଗାଡିରେ ଅଣାଯାଇ ଛଡାଯାଇଛି। ତେବେ ଏସଟିଆର ଭୌଗୋଳିକ ଅଞ୍ଚଳ ଯମୁନା ଜଙ୍ଗଲରେ ବୁଲୁଥିବା ବେଳେ ତାର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି ବୋଲି ଶିମିଳିପାଳ ଅଭୟାରଣ୍ୟ ବାରିପଦା ସର୍କଲର ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡା.ପ୍ରକାଶ ଚାନ୍ଦ ଗୋଗିନେନୀ ପ୍ରକାଶ କରିଛନ୍ତି।



ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ରୟାଲ ବେଙ୍ଗଲ ଟାଇଗରଙ୍କ ରଙ୍ଗ ପରିବର୍ତ୍ତନକୁ ନେଇ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ମହାବଳ ବାଘଙ୍କ ଜେନେଟିକ ଡାଇଭର୍ସିଟି (ବଂଶାନୁକ୍ରମିକ ବିବିଧତା)ରେ ପରିବର୍ତ୍ତନ ଘଟି କଳାବାଘ ସୃଷ୍ଟିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପ୍ରୟାସ ଆରମ୍ଭ କରାଯାଇଥିଲା। ବେଙ୍ଗାଲୁରର ନ୍ୟାସନାଲ ସେଣ୍ଟର ଫର ବାୟୋଲୋଜିକାଲ ସାଇନ୍ସ ବିଭାଗର ଏକ ବିଶେଷଜ୍ଞ ଦଳ ଆସି ପରୀକ୍ଷାନୀରିକ୍ଷା କରିଥିଲେ। ଅସ୍ୱାଭାବିକ ପ୍ରଜନନ ଓ ଅନ୍ୟାନ୍ୟ କାରଣରୁ ବାଘଙ୍କ ରଙ୍ଗ ପରିବର୍ତ୍ତନ ହେଉଥିବା ନେଇ ପୂର୍ବରୁ ନଜିର ରହିଥିବା ବେଳେ ନନ୍ଦନକାନନରେ ସେହିଭଳି ଧଳାବାଘ ଜନ୍ମ ଗ୍ରହଣ ହୋଇଥିଲେ ବୋଲି ଆଲୋଚନା ହେଉଛି। ତେବେ ଗୋଟିଏ ଅଣ୍ଡିରା ବାଘରୁ ବଂଶ ବୃଦ୍ଧି ଯୋଗୁଁ ଏପରି ହୋଇଥାଇପାରେ ବୋଲି ବିଭାଗ ଅନୁମାନ କରିଛି। ତେଣୁ ଅନ୍ୟ ସ୍ଥାନରୁ ମାଈବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରାଗଲେ ଶିମିଳିପାଳରେ ବାଘଙ୍କ ଜେନେଟିକରେ ପରିବର୍ତ୍ତନ ଘଟିବ ଏବଂ ଧୀରେ ଧୀରେ ଏଥିରେ ନିୟନ୍ତ୍ରଣ ଆସିପାରିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ଶିମିଳିପାଳକୁ ଦୁଇ ମହାବଳ ବାଘ ଆସିବା ନେଇ ୨୦୨୪ ଜୁଲାଇ ୨୮ ରେ ଏନ୍‌ଟିସିଏ ପକ୍ଷରୁ ଅନୁମତି ମିଳିଥିଲା। ତଡବା ଜଙ୍ଗଲରୁ ପ୍ରଥମେ ମହାବଳ ବାଘୁଣୀ ଯମୁନାକୁ ଅଣାଯାଇ ଶିମିଳିପାଳ ଅଭୟାରଣ୍ୟରେ ଛଡାଯାଇଥିଲା। ତେବେ ଯମୁନା କିଛି ଦିନ ଶିମିଳିପାଳ କୋର ଏରିଆ ଛାଡି ପାଦଦେଶରେ ଘୁରିବୁଲିବା ସହ ଗୃହପାଳିତ ପ୍ରାଣୀକୁ ଶିକାର କରିଥିଲା।

ଶିମିଳିପାଳର ବଣପାହାଡ ଘେରା ଅଞ୍ଚଳରେ ଯମୁନା ନିଜକୁ ଖାପଖୁଆଇ ନ ପାରି ଜନବସତି ଦେଇ ବାଲେଶ୍ୱରର କୁଳଡିହା ଅଭୟାରଣ୍ୟକୁ ପଳାଇଥିଲା। ସେଠାରେ କିଛି ଦିନ ରହିବା ପରେ ନିଜର ବାସସ୍ଥାନ ପାଇଁ କେନ୍ଦୁଝରର ହଦଗଡ ଅଭୟାରଣ୍ୟ ପର୍ଯ୍ୟନ୍ତ ଯିବାଆସିବା କରୁଛି। ତେବେ ଏସଟିଆର ଅଧୀନରେ ଥିବା ୭ଟି ବନଖଣ୍ଡ ମଧ୍ୟରେ କୁଳଡିହା ଓ ହଦଗଡ ଅଭୟାରଣ୍ୟ ଅନ୍ୟତମ। ଯମୁନା ଦେହରେ ଲାଗିଥିବା ରେଡିଓ କଲରରେ ଗତିବିଧି ଉପରେ ନଜର ରଖାଯାଇଛି। ତେବେ ଶିମିଳିପାଳର ଜଳବାୟୁରେ ବାଘ ବଂଶ ବୃଦ୍ଧିକୁ ନେଇ କରାଯାଇଥିବା ଯୋଜନାରେ ଏହା ଫଳପ୍ରଦ ହେବା ନେଇ ଆଶଙ୍କା ଦେଖାଦେଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡିଶାରେ ପ୍ରଥମ କରି ଅନ୍ୟ ରାଜ୍ୟରୁ ବାଘ ଆଣି ବଂଶ ବୃଦ୍ଧି କରାଇବାର ଯୋଜନା ଫେଲ ମାରିଥିବା ବେଳେ ଏବେ ପୁଣି ଥରେ ଏହି ଯୋଜନାରେ ଓଡିଶା ଏବଂ ଶିମିଳିପାଳରେ ଏହାର ପ୍ରଭାବ କ'ଣ ରହିବ ସେ ନେଇ ଜିଲ୍ଲାବାସୀ ନଜର ରଖିଛନ୍ତି। ବନବିଭାଗର ଏହି ଯୋଜନା ସଫଳ ହୋଇପାରିଲେ ବାଘ ବଂଶ ବୃଦ୍ଧି ହେବାରେ ସହାୟକ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/15 | |
|---|---|
| ପୋଷ୍ଟର ନାମ | ଖାଲି ପଦବୀ |
| ମୁଖ୍ୟ (ପ୍ରଡକ୍ଟ, ବିନିଯୋଗ ଏବଂ ଅନୁସନ୍ଧାନ) | 01 |
| ଜୋନାଲ ମୁଖ୍ୟ | 04 |
| ଆଞ୍ଚଳିକ ମୁଖ୍ୟ | 07 |
| ଆରଏମ୍ - ଟିମ୍ ଲିଡ୍ | 19 |
| ବିନିଯୋଗ ବିଶେଷଜ୍ଞ | 22 |
| ବିନିଯୋଗ ଅଧିକାରୀ | 46 |
| ପ୍ରକଳ୍ପ ବିକାଶ ପରିଚାଳକ (ବ୍ୟବସାୟ) | 02 |
| କେନ୍ଦ୍ରୀୟ ଅନୁସନ୍ଧାନ ଦଳ (ସହାୟତା) | 02 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 27.10.2025 ରୁ 17.11.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 27.10.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

## ହୃଦ୍‌ଘାତରେ ମହିଳାଙ୍କ ପରଲୋକ



ପଦ୍ମପୁର,୨୯।୧୦ (ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ସ୍ଥିତ ଖମାପଦର ଗ୍ରାମର ଜିଲ୍ଲା ଆୟୁର୍ବେଦିକ ସଂଘର ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ଚୌଧୁରୀଙ୍କ ପତ୍ନୀ ରତ୍ନବାଳା ଚୌଧୁରୀଙ୍କର ୮୦ ବର୍ଷ ବୟସରେ ଗତକାଲି ରାତି ୧୦ଟା ସମୟରେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ସେ କିଛି ଦିନ ହେଲା ଅସୁସ୍ଥ ଥିଲେ। ସେ ଶ୍ରୀକାକୁଲମ ମେଡିକାଲରେ ଚିକିତ୍ସିତ ହେବା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁସମୟରେ ସ୍ୱାମୀ ରାମକୃଷ୍ଣ ଚୌଧୁରୀ, ପୁଅ ପ୍ରଦୀପ ଚୌଧୁରୀ, ରୁଦ୍ର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବଡ ପୁଅ ପ୍ରଦୀପ ଚୌଧୁରୀ ନିଜ ମା ରତ୍ନବାଳା ଚୌଧୁରୀଙ୍କୁ ମୁଖାଗ୍ନି ଦେଇଥିଲେ।

## ବିଭିନ୍ନ ଗାଁକୁ ଲକ୍ଷ୍ମୀ ବସ୍‌ସେବା ପାଇଁ ଦାବି

ବୈପାରିଗୁଡ଼ା, ୨୯।୧୦(ସମିସ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ ଗମନାଗମନ ସୁବିଧା ପାଇଁ ଏବଂ ବ୍ଲକ୍‌ର ସଦରମହକୁମା ଠାରୁ ପ୍ରତ୍ୟେକ ପଞ୍ଚାୟତକୁ ସଂଯୋଗ ପାଇଁ ଲକ୍ଷ୍ମୀବସ ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ଲକ୍ଷ୍ମୀ ବସ୍ ବୈପାରିଗୁଡା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମପଞ୍ଚାୟତର କିଛି ଗ୍ରାମକୁ ଠିକ୍ ଭାବେ ଯାତାୟତ କରୁନାହିଁ। କିଛି ଗ୍ରାମର ରାସ୍ତା ଖରାପ ହୋଇଯାଇଥିବାରୁ ଲକ୍ଷ୍ମୀ ବସ୍ ଚଳାଚଳ ବନ୍ଦ ରହିଥିଲା। ବର୍ତ୍ତମାନ ସେହି ରାସ୍ତା ଗୁଡ଼ିକ ସମ୍ପୂର୍ଣ୍ଣ ମରାମତି ହୋଇସାରିଛି। ରାସ୍ତା ମରାମତି ସରିବା ପରେ ମଧ ବସ୍ ଗୁଡିକ ୧୦ରୁ ୧୨ ଗାଁର ଲୋକଙ୍କୁ ସେବା ଯୋଗାଉ ନାହିଁ। କେନ୍ଦୁଗୁଡ଼ା ପଞ୍ଚାୟତର କୁମ୍ଭାରଗୁଡ଼ା, ବୁଡ୍ରାଗୁଡ଼ା, ଶୁଣ୍ଡିଗୁଡ଼ା, ହରିନାୟକ ଗୁଡ଼ା, ଦିସାରିଗୁଡ଼ା, ଚେରକିଆଗୁଡ଼ା, ରାଙ୍ଗିନିଗୁଡ଼ା, ମୁର୍ଜିଆ ଗୁଡା ଭାଲୁଗୁଡ଼ା ଭଳି ଅନେକ ଗାଁ ଗୁଡ଼ିକରେ ଲକ୍ଷ୍ମୀ ବସ୍ ପୁନଃ ଚଳାଚଳ କରିବା ପାଇଁ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟକୁ ଆସି ଏବିଡିଓ ନିବେଦିତା ଦଣ୍ଡସେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କେନ୍ଦୁଗୁଡ଼ାର ପୂର୍ବତନ ସମିତି ସଭ୍ୟ ବିଶ୍ୱଜିତ ନାୟକ, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ, ସିରା ହରିଜନ, ଲୋକନାଥ ଦାସ, ଗୁପ୍ତ ଫଲମ୍, ବାବୁଲା ମହାନ୍ତି ,କାର୍ତ୍ତି, ପୂର୍ଣ୍ଣଚନ୍ଦ୍ର ଡାକୁଆ, ସୁରେଶ ଖରା ପ୍ରମୁଖ ଉପସ୍ଥିତ ଥିଲେ।

### ଲୁଟର ଶିକାର ହେଲେ ବ୍ୟବସାୟୀ

# ମାରଣାସ୍ତ୍ର ଦେଖାଇ ୫ ଲକ୍ଷ ଟଙ୍କା ଲୁଟ୍



କୁନ୍ଦୁରା, ୨୯।୧୦ (ସମିସ): କୁନ୍ଦୁରା ଥାନା ଅନ୍ତର୍ଗତ ଖଟଲାପଦର ନିକଟରେ ଜଣେ ଜଣେ ବ୍ୟବସାୟୀଙ୍କୁ ମାରଣାସ୍ତ୍ର ଦେଖାଇ ପ୍ରାୟ ୫ ଲକ୍ଷ ଟଙ୍କା ଲୁଟିଲେ ମୁଖାପିନ୍ଧା ଦୁର୍ବୃତ୍ତ। ବ୍ୟବସାୟୀ ଜଣକ ହେଲେ କୋଟପାଡ ଅଞ୍ଚଳର ଦେବାଶିଷ ପଟ୍ଟନାୟକ। ସୂଚନା ଅନୁସାରେ, ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ୬,୮ ଜଣ ଲୁଟେରା ବ୍ୟବସାୟୀଙ୍କ ଗାଡ଼ି ସିଜି ୦୪ ଏନଟି ୬୭୭୪କୁ ଅଟକାଇ ଥିଲେ। ଗାଡ଼ି ଡୋର ନ ଖୋଲିବାରୁ ଆଗ ଓ ପଛ ପଟ କାଚ ଭାଙ୍ଗି ଗାଡ଼ିରେ ବସିଥିବା ବ୍ୟବସାୟୀ ଏବଂ ତାଙ୍କ ସାଥୀଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ଏବଂ ମୋବାଇଲ ନେଇଯାଇଥିଲେ। ସମସ୍ତ ଲୁଟେରା ମୁହଁରେ ମୁଖା ପିନ୍ଧି ମାରଣାସ୍ତ୍ର ଧରିଥିଲେ। ପ୍ରକାଶ ଯେ ପ୍ରତି ବୁଧବାର ଏହି ବ୍ୟବସାୟୀ ମାନେ କୁନ୍ଦୁରା ଅଞ୍ଚଳରେ ନିଜ ବ୍ୟବସାୟ ଟଙ୍କା ଆଦାୟ କରିବାକୁ ଆସିଥାନ୍ତି। ଏହି ସ୍ଥାନରେ ପୂର୍ବରୁ ମଧ ବହୁବାର ଏଭଳି ଡକାୟତ ହୋଇଥିବା ନଜିର ରହିଛି। ଏହି ପୋଲ ଦୁଇ ପାଖରେ ରହିଛି ବୁଲାଣି ରାସ୍ତା। ଏଣୁ ଏହା ପୋଲ ନିକଟରେ ଯେ କୌଣସି ଗାଡ଼ିର ବେଗ କମିଥାଏ। ଏହାର ସୁଯୋଗ ନେଇ ସେହି ସ୍ଥାନରେ ଏଭଳି ଲୁଟପାଟ ହେଉଥିବା ଜଣାପଡ଼ିଛି। ବ୍ୟବସାୟୀଙ୍କ ଗାଡ଼ିକୁ ଥାନାକୁ ଅଣା ଯାଇ ଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଏଡିଇଓଙ୍କ ବିରୋଧରେ ବିଡ଼ିଓଙ୍କୁ ଗ୍ରାମବାସୀଙ୍କ ଫେରାଦ

ବୈପାରିଗୁଡ଼ା,୨୯।୧୦(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚେରକା ପଞ୍ଚାୟତର ଅଟାଳଗୁଡା ଗାଁରେ ମନରେଗା ଯୋଜନାରେ ଦୁର୍ନୀତି ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଏଡିଇଓଙ୍କ ବିରୋରେ ବିଡ଼ିଓଙ୍କ ନିକଟରେ ଫେରାଦ ହେଲେ ଗାଁ ଲୋକେ। ବୈପାରୀଗୁଡା ବ୍ଲକ କର୍ଯ୍ୟାଳୟରେ ସ୍ଥାନୀୟ ବିଡିଓ ଶକ୍ତି ମହାପାତ୍ରଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି ଦୁଇ ଗ୍ରାମର ଶ୍ରମିକ। ଅଭିଯୋଗ ଅନୁଯାୟୀ, ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଚେରକା ପଞ୍ଚାୟତର ଅଟାଳଗୁଡା ଏବଂ ମୁଣ୍ଡାଗୁଡା ଗ୍ରାମର ଗ୍ରାମବାସୀ ମିଶି ଅଟାଳଗୁଡା ଗ୍ରାମରେ ୨୦୨୩-୨୪ ମସିହାର ମନରେଗା ଯୋଜନାରେ ୭ ଲକ୍ଷ ଟଙ୍କାର ଡ୍ରେନ୍ କାମ ଆରମ୍ଭ କରିଥିଲେ। ଦୁଇ ଗ୍ରାମର ଗ୍ରାମବାସୀ ଶ୍ରମିକ ଭାବେ କାମ କରୁଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଜବ୍ କାର୍ଡଧାରୀ ଶ୍ରମିକଙ୍କୁ ମଜୁରୀ ବାବଦକୁ ୮୦ ହଜାର ଟଙ୍କା ମିଳିଥିଲା। ଦ୍ୱିତୀୟ ପର୍ଯ୍ୟାୟର କାମ ସାରି ବିଲ୍ କରିବାକୁ ଏଡିଇଓ ଶ୍ରୀମନ୍ତ ସାମନ୍ତଙ୍କୁ କହିଥିଲେ ଶ୍ରମିକ। କିନ୍ତୁ ଏଡିଇଓ ଶ୍ରୀମନ୍ତ ସାମନ୍ତ ଚଞ୍ଚକତା କରି ଯେଉଁମାନେ ଉକ୍ତ ଡ୍ରେନ୍ କାମରେ ମୂଳ ଲାଗି ନଥିଲେ, ସେମାନଙ୍କ ଏକାଉଣ୍ଟକୁ ଟଙ୍କା ଛାଡିଥିବା ଜାଣିବାକୁ ପାଇଥିଲେ। ଏସମ୍ପର୍କରେ ଚେରକା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭାରେ ଅଭିଯୋଗ ଉଠାଯିବାରୁ ଏଡିଇଓ ସଭା ଛାଡ଼ି ଲୁଚି ପଳେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଦୁଇ ଗ୍ରାମବାସୀ। ଏହାର ତଦନ୍ତ କରି ଡ୍ରେନ୍ କାମରେ ନିୟୋଜିତ ଥିବା ଶ୍ରମିକଙ୍କୁ ମଜୁରୀ ପ୍ରଦାନ କରି ଉଚିତ ନ୍ୟାୟ ଦେବାକୁ ବିଡିଓଙ୍କୁ ଦାବି କରାଯାଇଛି।

## ୬ଟି ସ୍ଥାନରେ ଅବକାରୀ ଚଢ଼ଉ; ୨୪୫ ଲିଟର ଦେଶୀମଦ ଜବତ



ଜୟପୁର,୨୯ ।୧୦(ସମିସ): ଜୟପୁର ଅବକାରୀ ସର୍କଲ ପକ୍ଷରୁ ଏକ ବଡ ଧରଣର ଚଢ଼ଉ ୬ଟି ସ୍ଥାନରେ କରାଯାଇ ୨୪୫ ଲିଟର ଦେଶୀ ମଦ ଏବଂ ୨ଟି ଚାଲଣ ପାଇଁ ବ୍ୟବହୃତ ବାଇକ୍ ଜବତ କରାଯାଇଛି। ୨ ହଜାର ଲିଟର ପୋଚ ନଷ୍ଟ ହୋଇଛି। ଜୟପୁର ଅବକାରୀ ନିରୀକ୍ଷକ, ଅବକାରୀ ଥାନା ଏବଂ ଜିଲ୍ଲା ସ୍ୱତନ୍ତ୍ର ଦଳ ପକ୍ଷରୁ ମିଳିତ ଭାବେ ନୀଳାଗୁଡା ଗ୍ରାମ ଉପରେ ଚଢ଼ଉ କରାଯାଇ ୬୦ ଲିଟର, ପାତ୍ରପୁଟ ଠାରେ ୮ ଲିଟର, ମୂଳାସର ଠାରେ ୨୦ ଲିଟର, ଦୁବୁଲୀରେ ୨୫ ଲିଟର , ଡାଙ୍ଗରା ଠାରେ ୧୨ ଲିଟର ବେଆଇନ ଦେଶୀମଦ ଜବତ କରାଯାଇଛି। ଗଡ଼ପଦର ଗ୍ରାମ ଠାରେ ବେଆଇନ ପ୍ରସ୍ତୁତ ହେଉଥିବା ୧୨୦ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ୨ ଲିଟର ପୋଚ ନଷ୍ଟ କରାଯାଇଛି। ଦୁଇଟି ସ୍ଥାନରେ ଏହି ଦେଶୀ ମଦ ଚାଲାଣ ବେଳେ ଦୁଇଟି ବାଇକ୍ (ଓଡି ୨୧ସି୫୩୫୩) ଏବଂ ଓଡି ୧୦ ଏଚ ୧୧୭୨ ଜବତ କରାଯାଇଛି। ମାମଲାରେ ନୀଳାଗୁଡା ଗ୍ରାମର ଫକିର ହରଜନ, ପାତ୍ରପୁଟର ଶିବ କଟଲୀ, ମୂଳାସରରେ ଗୋବିନ୍ଦ ପାଇକ, ଦୁବୁଲୀରେ ତ୍ରିନାଥ ପରଜା, ଡାଙ୍ଗରାରେ ଶିବ ମୁଦୁଲିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଚଢଉରେ ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦଣ୍ଡ, ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶରୀ ହିରନ, ଏସ୍‌ଆଇ ରାଜୁ କମୁରା ଖେତି, ଏଏସଆଇ ସୁଶାନ୍ତ ନାୟକ ଏବଂ ଅନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

## ଜାତୀୟ ସ୍କେ ମାର୍ଶଲ ଆର୍ଟରେ ସଫଳତା; କୋରାପୁଟକୁ ୯ ସ୍ୱର୍ଣ୍ଣ ସହ ୨୪ ପଦକ



ଜୟପୁର,୨୯ ।୧୦(ସମିସ): ଜାତୀୟ ସ୍କେ ମାର୍ଶଲ ଆର୍ଟ ପ୍ରତିଯୋଗିତାରେ କୋରାପୁଟ ଜିଲ୍ଲାକୁ ସଫଳତା ମିଳିଛି। ଝାରସୁଗୁଡା ଠାରେ ଆୟୋଜିତ ଜାତୀୟ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ କୋରାପୁଟ ଏବଂ ଜୟପୁର ସହରର ୯ଜଣ ପ୍ରତିଯୋଗୀ ୯ଟି ସ୍ୱର୍ଣ୍ଣ ସହ ମୋଟ ୨୪ଟି ପଦକ ବିଜୟୀ ହୋଇଛନ୍ତି। ଏହି ପ୍ରତିଯୋଗିତା ଗତ ୨୫ ଏବଂ ୨୬ ତାରିଖ ଦୁଇଦିନ ଧରି ଝାରସୁଗୁଡାର ଏକ ଘରୋଇ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା। ସର୍ବ କନିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗୀଙ୍କୁ ନେଇ ଆୟୋଜିତ ଏହି ଜାତୀୟ ପ୍ରତିଯୋଗୀତାରେ ଓଡିଶା ଦଳକୁ ପ୍ରତିନିଧିତ୍ୱ କରିଥିବା ୧୫୦ ଜଣ ପ୍ରତିଯୋଗିଙ୍କ ମଧ୍ୟରୁ ୯ଜଣ କୋରାପୁଟ ଜିଲ୍ଲା ପ୍ରତିଯୋଗୀ ଥିଲେ। ଏଥିରେ ୧୧ ବର୍ଷରୁ କମ୍ ବର୍ଗରେ ପ୍ରିନସ ଖୋସ୍ଲା ସ୍ୱର୍ଣ୍ଣ, କୁନାଲ ବିଷୋୟୀ ରୌପ୍ୟ(କେ-୧), ମାନସୀ ବିଡିକା ସ୍ୱର୍ଣ୍ଣ(କେ-୧), ୧୯ ବର୍ଷରୁ କମ ବର୍ଗରେ ଆରାଧ୍ୟା ପଟ୍ଟନାୟକ ରୌପ୍ୟ(କେ-୧), ଶିବାଂଶୁ ନାୟକ ସ୍ୱର୍ଣ୍ଣ(କେ-୨), ଆକାଶ ସାଗର ସ୍ୱର୍ଣ୍ଣ(କେ-୧)ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୧୪ ବର୍ଷରୁ କମ ବର୍ଗରେ ଆଭାଶ ମିଶ୍ର ସ୍ୱର୍ଣ୍ଣ(କେ-୧), ଅକସରା ରାଉତ ସ୍ୱର୍ଣ୍ଣ(କେ-୧) ଓ ତରୁଣ ଖୋସ୍ଲା ରୌପ୍ୟ(କେ-୩) ପଦକ ହାସଲ କରିଛନ୍ତି। ରମେଶ ଦାସଙ୍କ ତତ୍ତ୍ୱାବଧାନରେ ଏହି ଦଳର କୋଚ ଭାବେ ସି.ଏଚ ମହେଶ ରାଜୁ ପ୍ରତିଯୋଗୀଙ୍କ ସହ ଜାତୀୟ ପ୍ରତିଯୋଗିତାରେ ଯୋଗ ଦେଇଥିଲେ।

## ଶୈବପୀଠ ପରିଦର୍ଶନ କଲେ ଜିଲ୍ଲାପାଳ, ଏସ୍‌ପି



କାକିରିଗୁମା,୨୯।୧୦(ସମିସ): କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ ପରବ ୨୦୨୫ ନଭେମ୍ବର ୧୨ରେ ଲକ୍ଷ୍ମୀପୁର ବ୍ଲକ୍ କୁସୁମୁଗୁଡା ପଞ୍ଚାୟତର କୁଟୁଣିପଦର ଶୈବପୀଠରୁ ଶୁଭାରମ୍ଭ ହେବାକୁ ନିଷ୍ପତି ନିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ଆଇଏଏସ ପ୍ରବେଶନାରୀ ସନ୍ତୋଷ କୁମାର ପ୍ରଧାନ, ସିଡିଓ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ସିଡିଏମପିଏଚଓ ଡାକ୍ତର ରବିନ୍ଦ୍ର ନାଥ ମିଶ୍ର, ବିଡିଓ ସବ୍ୟସାଚି ବେହେରା କୁଟୁଣିପଦର ଶୈବପୀଠ ପରିଦର୍ଶନ କରିଛନ୍ତି। ପରବ ଉଦ†ାଟନୀ ସମାରୋହ କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ, ଟ୍ରାଫିକ ନିୟନ୍ତ୍ରଣ, ଲୋକଙ୍କ ଯାତାୟାତ, ପାର୍କିଂ ବ୍ୟବସ୍ଥା ବିଷୟରେ ସମୀକ୍ଷା କରି ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଥିବା ଜଣାପଡିଛି।

## ଡ. ଝାନ୍‌ସି ସିଂହ ସମ୍ମାନିତ




ସେମିଳିଗୁଡା, ୨୯।୧୦ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍‌ସି ସିଂହଙ୍କୁ ବରିଷ୍ଠ ସାମାଜିକ କର୍ମୀ ସିୱାଇସଡିର ଚେୟାରମ୍ୟାନ ଡ. ଜଗଦାନନ୍ଦ ଓ ବିଶିଷ୍ଟ ଗାନ୍ଧି ଦର୍ଶନର ପ୍ରବକ୍ତା ପ୍ରହ୍ଲାଦ ସିଂହ ଅହିଂସା ବିଚାର ସମ୍ମାନରେ ଭୁବନେଶ୍ୱରରେ ସମ୍ମାନିତ କରିଛନ୍ତି। ଗତ ୨୭ ଅକ୍ଟୋବରରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାର୍ଷିକ ଅହିଂସା ବିଚାର ଆଲୋଚନାଚକ୍ରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଜୀବନ ବ୍ୟାପି ଯୁବଗୋଷ୍ଠୀକୁ ନେଇ ଜାତୀୟ ସେବା ଯୋଜନା, ଜାତୀୟ ଯୁବ ରେଡକ୍ରସ ଓ ଜାତୀୟ ଯୁବ ପ୍ରକଳ୍ପର ଜାତୀୟ ସ୍ତରରେ, ରାଜ୍ୟ ସ୍ତରରେ ଓ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରାମ ସ୍ତରରେ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ, ଯୁବ ସମାଜର ବିକାଶ ପାଇଁ ଏହି ସମ୍ମାନ ତାଙ୍କ ଅବିଶ୍ରାନ୍ତ ଅବଦାନର ପ୍ରତୀକ। ଏହି ସମ୍ମାନ ଗ୍ରହଣ କରି ଫେରିବା ପରେସେମିଳିଗୁଡାମହାବିଦ୍ୟାଳୟରେଛାତ୍ରଛାତ୍ରୀଅଧ୍ୟାପକଅଧ୍ୟାପିକାଏବଂକର୍ମଚାରୀଙ୍କମଧ୍ୟରେଆନନ୍ଦରଲହରୀଖେଳିଯାଇଛି।

## ଟାଉନ୍ ଥାନାରେ ସେଲ୍‌ଫି ପଏଣ୍ଟ ଉଦ୍‌ଘାଟିତ



ଜୟପୁର,୨୯ ।୧୦(ସମିସ): ଜୟପୁର ଟାଉନ ପୁଲିସ ପକ୍ଷରୁ ଥାନା ପରିସରରେ ଏକ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ପରିସରରେ ନିର୍ମିତ ସେଲଫି ପଏଣ୍ଟକୁ ମୁଖ୍ୟଅତିଥି ଭାବେ ଏସଡିପିଓ ପାର୍ଥ କାଶ୍ୟପ ଉଦଘାଟନ କରିଥିଲେ। ଏହି ଅବସରରେ ଶ୍ରୀ କଶ୍ୟପ ବର୍ତ୍ତମାନ ସାରା ବିଶ୍ୱ ଡିଜିଟାଲ ଉପରେ ନିର୍ଭର କରୁଛି , ତେଣୁ ଏହି ଅବସରରେ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା କେବଳ ସରକାର କିମ୍ବା ପୁଲିସର ଦାୟୀତ୍ୱ ନୁହେଁ ପ୍ରତ୍ୟେକ ନାଗରିକ ମଧ ସଚେତନତା ରହିବା ଓ ଅନଲାଇନ ତଥ୍ୟ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପର ଆବଶ୍ୟକତା ରହିଛି। ସାଇବର ଅପରାଧୀମାନେ ବିଭିନ୍ନ ନୂତନ ଉପାୟ ଅବଲମ୍ବନ କରିବା ସହ ସାଧାରଣଲୋକଙ୍କୁ ଠକୁଛନ୍ତି, ତେଣୁ ବ୍ୟାଙ୍କ ଖାତା, ଆଧାର ନମ୍ବର, ଓଟିପି, ପାସ୍‌ୱାର୍ଡ ଭଳି ଗୁପ୍ତ ତଥ୍ୟ କାହାକୁ ମଧ ଦେବା ଉଚିତ ନୁହେଁ ବୋଲି କହିଥିଲେ। ଏହି ଅବସରରେ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଉପସ୍ଥିତ ରହି ସାଇବର ସୁରକ୍ଷା ନେଇ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଆସନ୍ତା ୨ ତାରିଖରେ ସାଇବର ସୁରକ୍ଷା ରଥ ଜୟପୁରରେ ପହଞ୍ଚିବ ଏବଂ ବିକ୍ରମଦେବ କଲେଜ ପଡିଆରେ ଠାରେ ମହିଳା, ବରିଷ୍ଠ ନାଗରିକ ଓ ପୁରଷ ଏହିପରି ୩ଟି ବର୍ଗରେ ୫କିଲୋମିଟର ଦୌଡ଼ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସ୍ଥାନୀୟ ରଥପଡିଆ ଠାରେ ଏକ ପଥପ୍ରାନ୍ତ ନାଟକ କରାଯାଇ ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ଦିଆଯିବ। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗୀତା ଏବଂ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏପରିକି ସଚେତନତା କାର୍ଯ୍ୟକ୍ରମ ଗ୍ରାମସ୍ତର ପର୍ଯ୍ୟନ୍ତ ପହଞ୍ଚାଇବାକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରୟାଲ ଜୁନିଅର କଲେଜର ଛାତ୍ରଛାତ୍ରୀଙ୍କ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ‘ମୋନ୍ଥା’ପ୍ରଭାବରେ ଭାଙ୍ଗିଲା ଘର

ଦାମନଯୋଡି,୨୯।୧୦(ସମିସ): ବାତ୍ୟା ‘ମୋନ୍ଥା’ ପ୍ରଭାବରେ ସିମିଳିଗୁଡା ବ୍ଲକ୍‌ର ଚାରାଙ୍ଗୁଲ୍ ପଞ୍ଚାୟତରେ ଦୁଇଟି ଘର ଭାଙ୍ଗିଥିବା ସୂଚନା ମିଳିଛି। ଖବର ନେବାରେ ଜଣାପଡିଛି କି, ଉକ୍ତ ଗ୍ରାମର ରାମ ନାୟକ ଓ ଦାସୀ ମୁଦୁଲିଙ୍କ ଘର ଭାଙ୍ଗିଯାଇଛି। ବାତ୍ୟା ପ୍ରଭାବରେ ମଙ୍ଗଳବାର ଦିନ ଏ ଅଞ୍ଚଳରେ ପବନ ସହ ତୁହାକୁ ତୁହା ବର୍ଷା ଲାଗି ରହିଥିଲା। ଫଳରେ ଦୁଇ ଜଣଙ୍କ ଘର ଭାଙ୍ଗିଥିବା ସୂଚନା ହସ୍ତଗତ ହୋଇଛି। ଖବର ପାଇ ଚାରାଙ୍ଗୁଲ୍ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ସତ୍ୟାସତ୍ୟ ଅନୁଧ୍ୟାନ କରିଥିଲେ। ତେବେ ପ୍ରଭାବିତ ବ୍ୟକ୍ତି ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

## ‘ବଜାଜ ଗୋଲ୍ଡ ଲୋନ୍’ ଶାଖା ଉଦ୍‌ଘାଟିତ



ସେମିଳିଗୁଡା, ୨୯।୧୦ (ସମିସ): କୋରାପୁଟ ଜିଲ୍ଲାରସେମିଳିଗୁଡାରେବଜାଜ୍‌ଗୋଲ୍ଡଲୋନର ନୂତନ ଶାଖା ଉଦ୍‌ଘାଟନ ହୋଇଛି। ସେମିଳିଗୁଡା ଜାତୀୟ ରାଜପଥ କଡ଼ ମୁଖ୍ୟ ବଜାର ନିକଟରେ ବଜାଜ ଗୋଲ୍ଡ ଲୋନର ନୂତନ ଶାଖାକୁ ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ ତଥା ବିଜେପି ନେତ୍ରୀ ସ୍ନିଗ୍ଧାରାଣୀ ମିଶ୍ର ଫିତାକାଟି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ବହୁ ଲୋକ, ବ୍ୟବସାୟୀ, ସୁନା ବ୍ୟବସାୟୀ ଉପସ୍ଥିତ ଥିଲେ। ସେମିଳିଗୁଡା ଭଳି ଏକ ବ୍ୟବସାୟିକ ପେଣ୍ଠ ସ୍ଥଳୀରେ ଏହାର ନିହାତି ଆବଶ୍ୟକତା ଥିଲା ଓ ଆବଶ୍ୟକତା ସମୟରେ ଲୋକ ଘରୋଇ ଭାବେ ସୁନା ବନ୍ଧକ ଦେଇ ଚଢ଼ା ସୁଧ ଗଣୁଛନ୍ତି ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ମିଶ୍ର କହିଥିଲେ। ଆଞ୍ଚଳିକ ପ୍ରବନ୍ଧକ କମଳ କୁମାର ବେସ୍ରା ଗୋଲ୍ଡ ଲୋନର ନିୟମାବଳୀ ବୁଝାଇ ଥିଲେ। କାର୍ଯ୍ୟକ୍ରମରେ ଶାଖାର ଶାଖା ପ୍ରବନ୍ଧକ ବିନିତ ସାମଲ, ପ୍ରଦୀପ କୁମାର ବେହେରାମାଳୀ, ଆର୍.ଏମ୍.ଭାସ୍କର ମସିଆ, ସତ୍ୟ ପ୍ରକାଶ ପାଲ ସହଯୋଗ କରିଥିଲେ। ଆଜି ଅନେକ ଲୋକ ସୁନା ଜମା ଦେଇ ଋଣ ନେଇଥିବା ଦେଖିବାକୁ ମିଳିଥିଲା।

## ରାୟଗଡ଼ା ୱାର୍କର୍ସ କ୍ଲବର ନିର୍ବାଚନ; ବ୍ରଜସୁନ୍ଦର ସଭାପତି, ମନ୍ମଥ ସମ୍ପାଦକ



ରାୟଗଡା,୨୯.୧୦(ସମିସ) ରାୟଗଡା ୱାର୍କର୍ସ କ୍ଲବ ପକ୍ଷରୁ ୨୦୨୫- ୨୦୨୬ ବର୍ଷ ନିମନ୍ତେ ସ୍ଥାନୀୟ ପ୍ରେମ ପାହାଡ଼ କାର୍ଯ୍ୟାଳୟ ଠାରେ ନୂତନ କାର୍ଯ୍ୟକର୍ତ୍ତା ଚୟନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ତଥା ସଦସ୍ୟ ବ୍ରଜ ସୁନ୍ଦର ନାୟକ ନିର୍ବାଚିତ ହୋଇଥିବା ବେଳେ ଉପ ସଭାପତି ଭାବେ ପ୍ରଭାକର ଦୋରା, ଜଳନ୍ଧର ପୁଷ୍ଟିକା, ସମ୍ପାଦକ ଭାବେ ମନ୍ମଥ ତ୍ରୁଳ, ସହ ସମ୍ପାଦକ ବିଶ୍ୱନାଥ ସାହୁ, କୋଷାଧକ୍ଷ ଭାବେ ଗୋପାଳ ଜୈନ୍ ନିର୍ବାଚିତ ହୋଇଛନ୍ତି। ସେହିପରି କ୍ଲବ ଲୋକସମ୍ପର୍କ ଅଧିକାରୀ ଭାବେ ଡାଲିରାଜୁ ଏବଂ ତ୍ରିପତି ପଣ୍ଡା, ଜଲି ୱାକର ଭାବେ ରାଜ କିଶୋର ସାହୁ ଏବଂ ଦାଶରଥି ଶବର ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ନୂତନ କର୍ମକର୍ତ୍ତାଙ୍କୁ କ୍ଲବ ତରଫରୁ ଶୁଭେଚ୍ଛା ଜଣାଯାଇ ଥିବା ବେଳେ ସମସ୍ତଙ୍କ ସହଯୋଗରେ କ୍ଲବର ଆଗାମୀ ଭବିଷ୍ୟତ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଭାପତି ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

# କୁନ୍ଦୁରା ବ୍ଲକ୍‌ରେ ‘ପରବ’ ଶୁଭାରମ୍ଭ ପାଇଁ ଦାବି



### ପ୍ରଶାସନ ନ ଶୁଣିଲେ ଉତ୍ସବ ବର୍ଜନ

କୁନ୍ଦୁରା,୨୯।୧୦(ସମିସ): କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହେବାକୁ ଥିବା ପରବ ୨୦୨୫କୁ ବିରୋଧ କରିବେ କୁନ୍ଦୁରା ବ୍ଲକ୍‌ବାସୀ। କୁନ୍ଦୁରା ବ୍ଲକରେ ଜିଲ୍ଲାସ୍ତରୀୟ ପରବ ଶୁଭାରମ୍ଭ ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ପି.ମନସ୍ୱିତାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, କୋରାପୁଟ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଏକାଧିକ ଥର ଜିଲ୍ଲା ସ୍ତରୀୟ ପରବ ଶୁଭାରମ୍ଭ ହୋଇଛି । ସେଠାରୁ ସମସ୍ତ ବ୍ଲକ ମଶାଲ ନେଇ ପଞ୍ଚାୟତ ଓ ବ୍ଲକ ସ୍ତରୀୟ ପରବ ପାଳନ କରିଥାନ୍ତି । ଏହା ଭିତରେ ପ୍ରାୟ ୨୯ ବର୍ଷ ବିତିଗଲାଣି । କିନ୍ତୁ କୁନ୍ଦୁରା ବ୍ଲକରେ ଥରେ ବି ଜିଲ୍ଲା ସ୍ତରୀୟ ପରବ ଶୁଭାରମ୍ଭ ହୋଇନାହିଁ । ଏ ନେଇ ବ୍ଲକ ପ୍ରଶାସନ ମାଧ୍ୟମରେ ଜିଲ୍ଲା ପ୍ରଶାସନକୁ ବହୁବାର ଲିଖିତ ଅଭିଯୋଗ କରାଯାଇଛି । ତଥାପି ଏ ଦିଗରେ ପଦକ୍ଷେପ ନିଆଯାଉ ନାହିଁ । କୁନ୍ଦୁରା ବ୍ଲକରେ ବହୁ ସ୍ଥାନରେ ରାଜା ରାଜୁଡ଼ା ଅମଳରୁ ପୂଜା ପାଉଥିବା ଦେବାଦେବୀ ପୀଠ ରହିଛି। ଗତ ବର୍ଷ କୁନ୍ଦୁରା ବ୍ଲକରେ ଶୁଭାରମ୍ଭ ପାଇଁ ଦାବି ହୋଇଥଲା । ଏହି ବର୍ଷ ୨୦୨୫ରେ କରାଯିବା ନେଇ ଜିଲ୍ଲା ପ୍ରଶାସନରୁ ପ୍ରତିଶୃତି ମିଳିଥିଲା। କିନ୍ତୁ ଚଳିତ ବର୍ଷ ଲକ୍ଷ୍ମୀପୁର ବ୍ଲକରେ ଶୁଭାରମ୍ଭ ହେବାନେଇ ନିଷ୍ପତ୍ତି ହୋଇଛି । ତେବେ କାହିଁକି କୁନ୍ଦୁରା ବ୍ଲକକୁ ଅଣଦେଖା କରାଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋରାପୁଟ ଜିଲ୍ଲା ମାନଚିତ୍ରରେ କୁନ୍ଦୁରା ବ୍ଲକ ନାହିଁ କି ବୋଲି ପ୍ରଶ୍ନ କରାଯାଉ। କୁନ୍ଦୁରା ବ୍ଲକବାସୀଙ୍କ ଏହି ଦାବି ଅନୁସାରେ ଚଳିତ ବର୍ଷର ପରବକୁ କୁନ୍ଦୁରା ବ୍ଲକରୁ ଶୁଭାରମ୍ଭ କରିବାକୁ ଜିଲ୍ଲା ପ୍ରଶାସନକୁ ନିବେଦନ କରାଯାଇଛି। ବ୍ଲକବାସୀଙ୍କ ଏହି ଅନୁରୋଧ ଓ ଦାବିକୁ ଅଣଦେଖା କରାଗଲେ ବ୍ଲକ ପରବକୁ ବର୍ଜନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଚଳିତ ବର୍ଷ ପରବ ଲୋକ ମହୋତ୍ସବରେ କୌଣସି କଳା, ସଂସ୍କୃତି ପ୍ରଦର୍ଶନ କରାଯିବ ନାହିଁ। ପରବ ଶେଷ ହେବା ପର୍ଯ୍ୟନ୍ତ କୌଣସି ସରକାରୀ କାର୍ଯ୍ୟରେ ବ୍ଲକ ବାସୀଙ୍କ ସହଯୋଗ ରହିବ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛ। ଜିଲ୍ଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ ଏବଂ ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ ଏ ନେଇ କ୍ଷୋଭ ପ୍ରକାଶ କରି କହିଛନ୍ତି। ସେମାନେ ଜିଲ୍ଲା ପରିଷଦରେ ସଭ୍ୟ ହୋଇ ବି ପ୍ରସ୍ତୁତି ବୈଠକ ବିଷୟରେ ଅବଗତ ନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅତିରିକ୍ତ ବ୍ଲକ ଅଧକ୍ଷ ତରୁଣୀ ସେନ ବିଶୋୟୀ, ସହିଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ସମ୍ପାଦକ ତ୍ରିନାଥ ସମରଥ,ବରିଷ୍ଠ ଉପ ସଭାପତି ଚନ୍ଦ୍ର ସଗରିଆ,କାର୍ଯ୍ୟକାରୀ ସଭାପତି ଭଜମନ ସାନ୍ତା,ବ୍ଲକ କଳା ସଂସ୍କୃତି ବିକାଶ ପରିଷଦ ଉପ ସଭାପତି ଭୀମ ନାୟକ, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା, ବିଧାୟକ ପ୍ରତିନିଧି ବଦ୍ରୀ ନାରାୟଣ ଆଚାର୍ଯ୍ୟର୍, କଳାକାର ସଙ୍ଘ ଏବଂ ମୂଳ ଅଧିବାସୀ ସଙ୍ଘର କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ବୁଦ୍ଧିଜିବୀ ପ୍ରମୁଖ ଉପସ୍ଥିତ ଥିଲେ।

**OFFICE OF THE EXECUTIVE ENGINEER** O-1160
**RURAL WORKS DIVISION, BARGARH**
e-Procurement Notice No. ONLINE-BGH-11 OF 2025-26

| | | | |
|---|---|---|---|
| 1. | Name of the work | : | Road work during 2025-26 in the district of Bargarh |
| 2. | EMD | : | @1% of the estimated cost put to tender |
| 3. | Other Details | : | As per DTCN |

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking tender Clarification | Date & Time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-11 OF 2025-26 | 30.10.2025 at 11.00 AM | 12.11.2025 upto 5.00 PM | 12.11.2025 upto 1.00 PM | 13.11.2025 at 11.00 AM |

Further details can be seen from the website www.tendersorissa.gov.in.
Superintending Engineer
R.W. Division, Bargarh
OIPR-25062/11/0037/2526

No. 4107 / Dated 25.10.2025 O-1203
**Government of Odisha "e" Procurement Notice**
**Bid Identification No. TENDER ONLINE SNPR-08 OF 2025-26**

1. Name of work : Building Works as per DTCN available in the website
2. Total No. of Work : 2 (Two) Nos.
3. Approximate Estimated Cost : Vary from Rs. 30.04 lakh to Rs. 67.27 lakh
4. Period of Completion : 6 (Six) to 9 (Nine) Calendar months
5. Period and time of availability of bid document in the portal for bidding : 30.10.2025 at 11.00 AM to 14.11.2025 up to 5.00 PM
6. Date and time of opening of Tender : 15.11.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur
   (1) Other details can be seen from detailed notice
   (2) Inviting tenders available in website: www.tendersodisha.gov.in
   (3) Corrigendum, if any, shall only be published in the website: www.tendersodisha.gov.in

Executive Engineer
Rural Works Division, Sonepur
OIPR-25054/11/0045/2526

**Government of Odisha "e" Procurement Notice Bid Identification No.37/2025-26** C-1344

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | 17.45 lakh to 39.50 Lakh. |
| 3. | Period of completion | : | Two months. |
| 4. | Date & Time of availability of bid document in the portal | : | From 11.00 AM. of 30.10.2025 to 5.00 PM of 10.11.2025 |
| 5. | Last date / time for receipt of bids in the portal | : | 5.00 PM of 10.11.2025 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Supertintending Engineer,
P.H. Division, Bhubaneswar
OIPR-13205/11/0040/2526

● ପଟ୍ଟାଙ୍ଗିରେ ବାତ୍ୟାର ପ୍ରଭାବ

# ଗଛପଡ଼ି ବହୁ ସ୍ଥାନରେ ରାସ୍ତା ଅବରୋଧ






ପଟ୍ଟାଙ୍ଗି,୨୯।୧୦(ସମିସ): କୋରାପୁଟ ଜିଲ୍ଲା ସୀମାନ୍ତ ବ୍ଲକ ପଟ୍ଟାଙ୍ଗି-ଆନ୍ଧ୍ର ସୀମାନ୍ତରେ ବାତ୍ୟା ମୋନ୍ଥାର ପ୍ରଭାବ ବହୁଳ ମାତ୍ରାରେ ଦେଖିବାକୁ ମିଳିଛି। ବ୍ଲକର ମୋଟ ୧୪ ଗୋଟି ପଞ୍ଚାୟତ ମଧ୍ୟରୁ ବାତ୍ୟାର ପ୍ରଭାବ ସୀମାନ୍ତ ବର୍ତ୍ତି ପଞ୍ଚାୟତ ଅଧିକା ରହିଥିବା ନେଇ ଜଣାପଡିଛି। ଉକ୍ତ ଅଞ୍ଚଳରେ ପ୍ରବଳ ମାତ୍ରାରେ ପବନ ସହ ବର୍ଷା ଲାଗି ରହିଥିଲା। ଉକ୍ତ ବର୍ଷା ମଙ୍ଗଳବାର ଠାରୁ ଆରମ୍ଭ କରି ବୁଧବାର ପର୍ଯ୍ୟନ୍ତ ଲାଗି ରହିଥିଲା। ମଙ୍ଗଳବାର ଦିନରେ ସ୍ୱଳ୍ପ ବର୍ଷା ପବନ ଲାଗି ରହିଥିଲା ଏବଂ ରାତିରେ ଆନ୍ଧ୍ରରେ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ଏହାର ପ୍ରଭାବ ଅଧିକା ବଢ଼ିଥିବା ନେଇ ଜଣାପଡିଛି। ପଟ୍ଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମ କୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ଧାରୁଆ ମଙ୍ଗଳବାର ଏବଂ ବୁଧବାର ପଟ୍ଟାଙ୍ଗି ମୁଖ୍ୟ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନକୁ ଗସ୍ତ କରି ବାତ୍ୟା ପରିଚାଳନା ବ୍ୟବସ୍ଥା ତଦାରଖ କରୁଥିବା ନଜରକୁ ଆସିଥିଲା। ଅଗ୍ନିଶମ ଅଧିକାରୀ ହରେରାମ ମଣ୍ଡଳଙ୍କ ନେତୃତ୍ୱରେ ଗଛ ପଡ଼ିଥିବା ସ୍ଥାନ ଏବଂ ମାଟି ପଡ଼ିଥିବା ସ୍ଥାନ ଗୁଡିକରେ ନିଜ ଟିମ ପହଞ୍ଚି ସୂଚାରୁ ରୂପେ ସଫେଇ କରାଯାଇଥିବା ନେଇ ଜଣାପଡିଛି। ପ୍ରଶାସନର ସୂଚନା ଅନୁଯାଇ ମୋଟ ୧୭୩ ଗୋଟି ଘର ଭାଙ୍ଗି ଥିବା ବେଳେ ତାଙ୍କୁ ଜରି ପାଲ ବଣ୍ଟନ କରାଯାଇଛି। ଆଠ ଗୋଟି ସ୍ଥାନରେ ଗଛ ପଡ଼ିଥିଲା। ସୁଙ୍କି, ମୁଙ୍ଗାରଗୁମି,ସମ୍ବାଇ, ପେଟୁର ଓ ଯୋଡ଼ିମାଦେଲି ରାସ୍ତା, ସେଟରାଇ ଆଦି ସ୍ଥାନରେ ରାସ୍ତା ବନ୍ଦ ରହିଥିଲା । ତାକୁ ମଧ୍ୟ ସଫା କରାଯାଇଛି। କୋଟିଆ ପଞ୍ଚାୟତର ମାଡକାର ରାସ୍ତା ବନ୍ଦ ରହିଥିଲା । ତାହାକୁ ମଧ୍ୟ ସ୍ୱାଭାବିକ କରାଯାଇଥିବା ନେଇ ସୂଚନା ମିଳିଛି। ବ୍ଲକର ୮ ଗୋଟି ବାତ୍ୟା ଆଶ୍ରୟ ସ୍ଥଳୀରେ ୨୨୪ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କୁ ଆଜି ମଧ୍ୟ ଶୁଖିଲା ଏବଂ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଗାଙ୍ଗରଜପୁର ପଞ୍ଚାୟତର କାଉଗୁଣ୍ଡା ବିଦ୍ୟାଳୟ ଉପରେ ପଡ଼ିଥିବା ଗଛ ମଧ୍ୟ ସଫା କରାଯାଇଛି। କୌଣସି ମଧ୍ୟ ଜୀବନ କ୍ଷୟକ୍ଷତି ହୋଇନଥିବା ନେଇ ସୂଚନା ମିଳିଛି। ବ୍ଲକ୍ ପ୍ରଶାସନର ନିର୍ଦ୍ଦେଶ କ୍ରମେ ସମସ୍ତ ଜନ ପ୍ରତିନିଧି, ସରକାରୀ କର୍ମଚାରୀଙ୍କ ପ୍ରୟାସ ଏବଂ ଅଞ୍ଚଳବାସୀଙ୍କ ସହଯୋଗ ଫଳରେ ବାତ୍ୟା ମୁକାବିଲା ସଫଳ ହୋଇଥିଲା।

## ୬୪୦ କେଜି ଗଞ୍ଜେଇ ଜବତ

ଚିତ୍ରକୋଣ୍ଡା,୨୯।୧୦(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ , ଚିତ୍ରକୋଣ୍ଡା ପୋଲିସ ର ଏକ ଟିମ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ମନ୍ତ୍ରୀପୁଟ ଶାଳ ଜଙ୍ଗଲରେ ଚଢ଼ଉ କରି ୩୨ ଗୋଟି ଧଳା ଜରି ବସ୍ତାରେ ରଖା ଯାଇଥିବା ଗଞ୍ଜେଇ ଦେଖିଥିଲା। ପୁଲିସ ଟିମ ଘଟଣା ସ୍ଥଳରେ ଯାଞ୍ଚ କରିଥିଲେ ମଧ୍ୟ କାହାରିକୁ ପାଇନଥିଲେ। ଏହାପରେ ପୁଲିସ ଟିମ୍ ଜରି ବସ୍ତାରେ ଭର୍ତ୍ତି ହୋଇଥିବା ଗଞ୍ଜେଇକୁ ମଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରିଥିଲେ। ପରେ ତାହା ୬୪୦ କେଜି ଥିବା ଜଣାପଡିଥିଲା। ସୂଚନା ଅନୁଯାୟୀ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ଏନେଇ ଚିତ୍ରକୋଣ୍ଡା ଥାନା କେଶ ନଂ ୨୦୫/୨୫ ଅନୁଯାୟୀ ଏକ ମାମଲା ରୁଜୁ କରି ପୋଲିସ ଅଧିକ ଅନୁସନ୍ଧାନ ଜାରି ରଖିଛି।

## ମାଲକାନଗିରି ଜିଲ୍ଲାରେ 'ମୋନ୍ଥା' ପ୍ରଭାବ ଶୂନ୍ୟ

ମାଲକାନଗିରି, ୨୯ ।୧୦(ସମିସ): ମାଲକାନଗିରି ଜିଲ୍ଲାରେ ବାତ୍ୟା 'ମୋନ୍ଥା' ପ୍ରଭାବ ଶୂନ୍ୟ ରହିଛି। ଏଥିଯୋଗୁଁ ଜିଲ୍ଲା ପାଇଁ ରେଡ ୱାର୍ଣ୍ଣି ଜାରି କରାଯାଇଥିଲା। ଜିଲ୍ଲା ପ୍ରଶାସନକୁ ଏଦିଗରେ ସଜାଗ ରହିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଏହା ଉପରେ ସମସ୍ତ ସ୍ତରରେ ନଜର ରଖା ଯାଇଥିଲା। କିନ୍ତୁ ଏସବୁ ମଧ୍ୟରେ ଏହି ବାତ୍ୟା ଲ୍ୟାଣ୍ଡଫଲ୍ କରି ସାରିଥିବା ବେଳେ ମାଲକାନଗିରି ଜିଲ୍ଲାରେ କିନ୍ତୁ ଏହାର କୌଣସି ପ୍ରଭାବ ଦେଖିବାକୁ ମିଳିନାହି। ଜିଲ୍ଲାରେ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେଇ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତର କରିବା, ଶୁଖିଲା ଖାଦ୍ୟ ମହଜୁଦ ରଖିବା ସହ ଏନ୍‌ଡିଆରଏଫ, ଓଡ୍ରାଫ୍ ଓ ଦମକଳ ବାହିନୀକୁ ମୁତୟନ କରଯାଇଥିଲା। ଏସବୁ ମଧ୍ୟରେ ବାତ୍ୟା 'ମୋନ୍ଥା' ଜିଲ୍ଲାରେ କୌଣସି ପ୍ରଭାବ ପକାଇ ନଥିବା ଦେଖିବାକୁ ମିଳିଛି। ଜିଲ୍ଲାରେ ପାଗ କିଛି ମାତ୍ରାରେ ମେଘୁଆ ରହିଥିବା ବେଳେ ସ୍ୱଳ୍ପରୁ ଅତି ସ୍ୱଳ୍ପ ପରିମାଣର ବର୍ଷା ହୋଇଥଲା। ସେପରି କୌଣସି କ୍ଷୟକ୍ଷତି ହୋଇନାହିଁ। ବିଶେଷ କରି ଚାଷୀ କୁଳ ଓ କଚ୍ଚା ଘରେ ରହୁଥିବା ଲୋକଙ୍କୁ ଏହା ଅସ୍ୱସ୍ତ କରିଛି।

● ସୁନା ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣା

## ୩ ଗିରଫ; ସୁନା ଜବତ



ମାଲକାନଗିରି,୨୯ ।୧୦(ସମିସ): ମାଲକାନଗିରି ଜିଲ୍ଲାରେ ସୁନା ବ୍ୟବସାୟୀଙ୍କ ଠାରୁ ସୁନା ବ୍ୟାଗ ଛଡାଇ ଚୋରି ଘଟଣାରେ ମାଲକାନଗିରି ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୧୨୦ ଗ୍ରାମ ସୁନା, ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ, ଗତ ଜୁନ୍ ୩ ତାରିଖ ରାତି ପ୍ରାୟ ୧୨ଟା ସମୟରେ ମାଲକାନଗିରି ଜିଲ୍ଲା ସଦର ବଣ୍ଡାବାକୁଲି ଗୁଡାର ସୁନା ବ୍ୟବସାୟୀ ସୁବାସ ରାଜାରାମ ପାଟିଲ (୪୫) ମାଲକାନଗିରିର ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ସେ ଦୋକାନ ବନ୍ଦ କରି ଘରକୁ ଫେରିବା ବେଳେ ତାଙ୍କ ନିକଟରେ ଥିବା ସୁନା ବ୍ୟାଗକୁ କିଛି ଦୁର୍ବୃତ୍ତ ଛଡ଼ାଇ ନେଇଥିଲେ। ସେଥିରେ କେଜିଏରୁ ଅଧିକ ସୁନା ଓ ଟଙ୍କା ଥିଲା। ମାଲକାନଗିରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ପୁଲିସ ୧୨୦ ଗ୍ରାମ ସୁନା ଓ ସାଢେ ୪ ଲକ୍ଷ ଟଙ୍କା ଜବତ କରିବା ସହ ଗୋଟିଏ ମୋଟର ସାଇକେଲ ଓ ଗୋଟିଏ କାର ଜବତ କରିଛି । ଏନେଇ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏଚ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ସମସ୍ତ ତଥ୍ୟ ପ୍ରଦାନ କରିଛନ୍ତି।

## ୨୫୦ କେଜି ଗଞ୍ଜେଇ ଜବତ



କାଲିମେଲା,୨୯।୧୦(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ କୁର୍ମାନୁର ଅଞ୍ଚଳରେ କାଲିମେଲା ପୋଲିସ୍ ଟିମ୍ ପେଟ୍ରୋଲିଂ କରୁଥିବା ସମୟରେ ଗୁରାଲୁର ଗ୍ରାମ ଜଙ୍ଗଲ ନିକଟରେ ୨୫୦ କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତମାନେ ପୋଲିସ ଟିମ୍ ଦେଖି ଘଟଣା ସ୍ଥଳରୁ ଖସିଯିବାରେ ସଫଳ ହୋଇଥିଲେ। ତେବେ କାଲିମେଲା ପୋଲିସ୍ ୧୦ ଟି ପେକେଟ ରେ ୨୫୦ କେଜି ଗଞ୍ଜେଇ ଠାବ କରି ୨୫୭/୨୫ ରେ ମାମଲା ରୁଜୁ କରିବା ସହ ୩ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି।

## ସାବେରୀ ନଦୀରେ ଭାସିଯାଇ ବୃଦ୍ଧା ମୃତ

ମାଥିଲି, ୨୯ ।୧୦(ସମିସ): ନଦୀ ପାର ହେଉଥିବା ସମୟରେ ଜଣେ ବୃଦ୍ଧା ନଦୀର ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇ ଯାଇଥିଲେ। ଆଜି ତାଙ୍କର ମୃତଦେହ ଉଦ୍ଧାର ହୋଇଛି। ଏପରି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କୁଟୁଣୀପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଟିମସପୁଟ ଗ୍ରାମରୁ। ଏହି ଗ୍ରାମର ଶୁକଦେଇ ବାରିକ (୭୨) ନିଜର ବାପା ଘର କିଆଙ୍ଗ ଶେରପାଲ୍ଲୀ ଗ୍ରାମକୁ ଯିବା ପାଇଁ ଗତ ୨୭ ତାରିଖରେ ବାହାରି କୁଡୁପଗୁଡା ଗ୍ରାମ ନିକଟରେ ଥିବା ସବେରୀ ନଦୀରେ ଡ଼ଙ୍ଗା ପାର ହେବା ପାଇଁ ଡ଼ଙ୍ଗା ଘାଟରେ ଡ଼ଙ୍ଗାକୁ ଅପେକ୍ଷା କରିଥିବା କୁଡୁପଗୁଡ଼ାର କିଛ ଲୋକେ ଦେଖିଥିଲେ। ପରିବାର ଲୋକେ ସେଦିନ ସନ୍ଧ୍ୟାରେ ଶେରପାଲ୍ଲୀସ୍ଥିତ ସମ୍ପର୍କୀୟଙ୍କ ଘରକୁ ଫୋନ କରି ପଚାରିଲେ। କିନ୍ତୁ ଶେରପାଲ୍ଲୀକୁ ସେ ଆସି ନଥିବା କହିଥିଲେ। ଅନ୍ୟ ପକ୍ଷରେ ବାତ୍ୟା ମୋନ୍ଥାର ପ୍ରକୋପରେ ତୁହାକୁ ତୁହା ବର୍ଷା ଲାଗି ରହିବା ଫଳରେ ସବେରୀ ନଦୀରେ ପ୍ରଖର ସ୍ରୋତ ଥିବାରୁ ସନ୍ଦେହ ବଢିଥିଲା। ଗତକାଲି ଶୁକଦେଇର ନାତି ସୁରେନ୍ଦ୍ର ବାରିକ ଗୋବିନ୍ଦପାଲ୍ଲୀ ଫାଣ୍ଡି ଅଧିକାରୀ ପଦ୍ମନ ପୁଜାରୀଙ୍କୁ ନିଜର ଜେଜେ ମା ନିଖୋଜ ଥିବା ଲିଖିତ ଭାବେ ଜଣାଇଥିଲେ। ଆଜି ସାଲିମି ପଞ୍ଚାୟତ ଅନ୍ତର୍ଗତ ତାଳପଦର ନିକଟରେ ସବେରୀ ନଦୀରେ ଏକ ଅଜଣା ଶବ ଭାସୁଥିବା ଗାଁ ଲୋକେ ଦେଖିଥିଲେ। ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଚିହ୍ନଟ କରିଥିଲେ। ମୃତ ଶୁକଦେଇର ନାତି ସୁରେନ୍ଦ୍ର ବାରିକ ପୁଲିସକୁ ସୂଚନା ଦେବା ପରେ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଥିଲେ।

# ମୁନିଗୁଡାରେ ହାତୀ ଉପଦ୍ରବ, ନଷ୍ଟ କଲେ ଫସଲ



ମୁନିଗୁଡା,୨୯ ।୧୦(ସମିସ):

ରାୟଗଡ଼ା ବନଖଣ୍ଡ ମୁନିଗୁଡା ରେଞ୍ଜରେ ଚିନ୍ତା ବଢ଼ାଇଛି ହାତୀ ଉପଦ୍ରବ। ଗାଁ ମୁହାଁ ଏବେ ଗଜରାଜ। ଜଙ୍ଗଲ ଛାଡ଼ି ଜନବସତିରେ କରୁଛନ୍ତି ଉପଦ୍ରବ। ଧାନ ଖାଇବା ସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଫଳରେ ବର୍ଷକର ଖାଦ୍ୟ ହରାଇ ନିରୀହ ଚାଷୀ ବେସାହାରା ହେଉଥିବା ବେଳେ ହାତୀ ଘଉଡାଇବା ପାଇଁ ନାକେଦମ୍ ହେଲେଣି ବନ ବିଭାଗ। ମୁନିଗୁଡା ରେଞ୍ଜ ଅମ୍ବାଦଳା ସେକ୍ସନ ରଘୁବାରି ବିଟର ପିଡେଲ ପଦର, ଉମ୍ବେର ଖଲିଆ ଗୁଡ଼ା, କିଞ୍ଜିଲୁଆ, ନାନିବୁଟି ଟିକରପଡା ଆଦି ଅଞ୍ଚଳରେ ଏକ ୮ ଟିକିଆ ହାତୀ ପଲ ଚାଷୀଙ୍କ ଧାନ ନଷ୍ଟ କରି କାନ୍ଦୁଲ, ବିରି ଭଳି ଡାଲି ଜାତୀୟ ଚାଷ ନଷ୍ଟ କରିଛି। ସେମାନେ ବର୍ତ୍ତମାନ ଟିକରପଡା ଉପର ଜଙ୍ଗଲରେ ରହିଥିବା ସୂଚନା ମିଳିଛି। ଅନ୍ୟ ଏକ ୫ ଟିକିଆ ହାତୀ ପଲ ଦୁଇ ତିନି ଦିନ ହେଲା ଅମ୍ବାଦଳା ସେକ୍ସନ କେଶରୀ ବିଟର ତେରୀମେରି, କାର୍କାମାର୍କା, ଓଡମସ୍କା, ପେରାମେରା ଆଦି ଅଞ୍ଚଳରେ ଉପଦ୍ରପ ଆରମ୍ଭ କରିଛନ୍ତି। ବର୍ତ୍ତମାନ ପୁଣ୍ଡେର ନିକଟ ଜଙ୍ଗଲରେ ରହିଥିବା ସୂଚନା ଦେଇଛି ବନ ବିଭାଗ। ବଣୁଆ ହାତୀପଲଙ୍କ ଉପଦ୍ରବ ଫଳରେ ଆତଙ୍କିତ ହୋଇପଡ଼ିଛନ୍ତି ଅଞ୍ଚଳବାସୀ। ଏହି ହାତୀପଲ ପ୍ରତ୍ୟେକ ଦିନ କିଛି ନା କିଛି ଧନ ସମ୍ପତ୍ତି ନଷ୍ଟ କରୁଛନ୍ତି। ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବା ସହିତ ହାତୀ ଘଉଡ଼ାବାକୁ ବ୍ୟବସ୍ଥା କରିବାକୁ ଚାଷୀ ଦାବି କରିଛନ୍ତି। ଅପରପକ୍ଷରେ ବନ ବିଭାଗ ପକ୍ଷରୁ ଅମ୍ବାଦଳା ବାନପାଳ ମାଝୀ ମହାପାତ୍ରଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ପ୍ରଳୟ ଦଣ୍ଡସେନା , ବିଦ୍ୟାଧର ପାଣ୍ଡେ, ଶର୍ମିଷ୍ଠା ବଡ ଜେନା ଓ ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ ପୀତାମ୍ବର ଗୌଡ, ଗୌର ପାତ୍ର, ସାନବୁଡ଼ା ନାୟକ, ପଦ୍ମନାଭ ପ୍ରଧାନୀ, ବଳରାମ ବଚା ପ୍ରମୁଖ ହାତୀ ପଲ ଉପରେ ନଜର ରଖିବା ସହ ଗ୍ରାମବାସୀଙ୍କ ସହାୟତାରେ ହାତୀକୁ ଘଉଡାଇବାକୁ ବ୍ୟାପକ ଚେଷ୍ଟା ଚଳାଇଛନ୍ତି। ଚାଷୀ ମାନଙ୍କ ସମସ୍ୟାକୁ ନେଇ ମୁନିଗୁଡା ରେଞ୍ଜର ପ୍ରବୀଣ ଦାସଙ୍କୁ ଯୋଗାଯୋଗ କରାଯିବାରେ ହାତୀ ଯେଉଁ ଚାଷୀ ମାନଙ୍କ ଚାଷ ଜମି କ୍ଷତି କରିଛି, କ୍ଷୟକ୍ଷତିର ଆକଳନ କରିବା ପରେ ଚାଷୀଙ୍କୁ ଉଚିତ କ୍ଷତିପୂରଣ ମିଳିବ ବୋଲି କହିଛନ୍ତି ମୁନିଗୁଡା ରେଞ୍ଜର ପ୍ରବୀଣ ଦାସ।

**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LEGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | 71- NUAPADA ASSEMBLY CONSTITUENCY | SMT. SNEHANGINI CHHURIA | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | NA | NA | NA |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

# ସମ୍ପାଦକୀୟ



ଲେଖକ ବହିଟିଏ ଆରମ୍ଭ କରେ, କିନ୍ତୁ ଜଣେ ପ୍ରକୃତ ପାଠକ ଏହାକୁ ସଫଳ କରିଥାଏ।
-ସାମୁଏଲ୍ ଜନ୍‌ସନ୍

THE SAKALA

## କପା ଦୁର୍ନୀତି

ଆମ ରାଜ୍ୟରେ ଧାନର ବିକଳ୍ପ ଚାଷକୁ ପ୍ରାଧାନ୍ୟ ଦିଆଯାଇଥିବାରୁ କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା ଓ ବଲାଙ୍ଗୀର ଜିଲ୍ଲାର କପା ଚାଷ ପ୍ରତି ଆଗ୍ରହ ବଢ଼ିଛି। କପା ଚାଷକୁ ସ୍ଥାନୀୟ ଲୋକେ ଆଦରି ନେଇଛନ୍ତି। ତେବେ ଆଞ୍ଚଳିକ ସ୍ତରରେ କପାର ସେଭଳି ଚାହିଦା ନ ଥିବାରୁ ବିକ୍ରୟ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏହାହାତରୁ ସେହାତ ଦୁଇ ସେଣାରେ କପା ବିକ୍ରି ହେଉଥିବାରୁ ଚାଷୀ ଉପଯୁକ୍ତ ଲାଭ ପାଉନାହାନ୍ତି। ଅନ୍ୟପକ୍ଷରେ ଯୌଗିକ କପା ଚାଷ ନାମରେ ସକ୍ରିୟ ଥିବା କିଛି ସ୍ଥାନୀୟ ସଂସ୍ଥା କୋଟି କୋଟି ଟଙ୍କା ଲୁଟୁଥିବାର ଜଣାପଡ଼ିଛି। ବିଭାଗୀୟ ସଚିବ ଏ ସଂପର୍କରେ ଅବଗତ ହେବାରୁ ତଦନ୍ତ ଆରମ୍ଭ ଓ ଗୋଟିଏ ପରେ ଗୋଟିଏ ଗୁମର ଖୋଲୁଛି। ଏହାର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା, ଜୈବିକ କପା ଚାଷର ପ୍ରମାଣ ପତ୍ର ଦେଉଥିବା କେନ୍ଦ୍ରୀୟ ସଂସ୍ଥା ଆପେଡା ଓ ରାଜ୍ୟ ସରକାରକୁ ଅନ୍ଧକାର ରଖି ଏହି ବେଆଇନ କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି।

ଏମିତି ଦେଖିବାକୁ ଗଲେ ଉପରୋକ୍ତ ୪ଟି ଜିଲ୍ଲାର ଚାଷୀମାନେ ଜୈବିକ କପାଚାଷ ସଂପର୍କରେ ଅବଗତ ନାହାନ୍ତି। ଅଥଚ ସେମାନଙ୍କୁ ଜୈବିକ କପାଚାଷର ବିହନ ଓ ଚାଷୋପଯୋଗୀ ସରଂଜାମ ଯୋଗାଇ ଦିଆଯାଉଛି ଦର୍ଶାଇ ସେ ବାବଦ ଅର୍ଥ ହରିଲୁଟ ହେଉଛି। କେବଳ ସେତିକି ନୁହେଁ ଚାଷୀ ଯେତିକି ଜମିରେ କପାଚାଷ କରୁଛନ୍ତି, ତାହାଠାରୁ ଅଧିକ ଦର୍ଶାଉ ସେ ବାବଦ ଅତିରିକ୍ତ ସହାୟତା ରାଶି ମଧ୍ୟ ଲୁଟ ହୋଇଛି। ଅଥଚ ସଂପୃକ୍ତ ଅଞ୍ଚଳରେ କେବଳ ପାରମ୍ପରିକ କପାଚାଷ କରାଯାଉଛି। ଯୌଗିକ କପାଚାଷର ପ୍ରଣାଳୀ ତଥା ମିଳୁଥିବା ଅତିରିକ୍ତ ସହାୟତା ସଂପର୍କରେ ଚାଷୀ ଆଦୌ ଅବଗତ ନାହାନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ କି କେବଳ କପା ନୁହେଁ ବିଭିନ୍ନ ଖାଦ୍ୟଶସ୍ୟର ଯୌଗିକ ପ୍ରଣାଳୀ ପ୍ରୟୋଗ ମାଧ୍ୟମରେ ଚାଷ କାର୍ଯ୍ୟ ନିର୍ବାହ ପାଇଁ ଦେଶରେ ଏକ ନିରବ ଆନ୍ଦୋଳନ ମୁଣ୍ଡଟେକିଛି। ତେଣୁ ପ୍ରୟୋଗ ଓ ପ୍ରୋତ୍ସାହନକୁ ବିଭିନ୍ନ ସ୍ତରରେ ପ୍ରାଧାନ୍ୟ ଦିଆଯାଉଛି। ଏହାର ସୁଯୋଗ ନେଇ କିଛି କୃଷି ସାମଗ୍ରୀ ବେପାର କରୁଥିବା ସଂସ୍ଥା ଚାଷୀକୁ ଓ ବ୍ୟବସ୍ଥାକୁ ନିୟନ୍ତ୍ରଣକାରୀଙ୍କୁ ଠିକିବା ସହ କୋଟି କୋଟି ଟଙ୍କାର ମୁନାଫା ଉଠାଇଚାଲିଛନ୍ତି। ଏହି ବ୍ୟପାରରେ ସେବା ପ୍ରଦାନକାରୀ ସଂସ୍ଥାର ଯେ ଆଦୌ ସଂପୃକ୍ତି ନାହିଁ ଏକଥା କୁହାଯାଇନପାରେ। ସ୍ଥାନୀୟ ବେପାରୀମାନେ କେଉଁଠି କେମିତି ହାତଗୁଞ୍ଜା ଦେଇ ଉଦ୍ଦେଶ୍ୟ ସାଧାନ କରାଯାଇପାରିବ ତାହା ସେମାନଙ୍କୁ ବେଶ ଜଣା। କିଏ କିଭଳି କୋଟି କୋଟି ଟଙ୍କା ମାରି ଖାଇଗଲା ତାହା ଯେତେ ବଡ଼ କଥା ନୁହେଁ ଅସଲରେ ଯେଉଁ ଚାଷୀଙ୍କ ପାଇଁ ଏତେ ଯୋଜନା ସେମାନେ ଉପକୃତ ହେଉନାହାନ୍ତି।

ତଦନ୍ତର ତଥ୍ୟ ଅନୁଯାୟୀ ଆଇସିଏମ ପ୍ରଣାଳୀରେ ହେଉଥିବା ଏହି ଚାଷ ଅନୁଯାୟୀ ଚାଷୀଙ୍କୁ ମଞ୍ଜି ବା ବିହନ ଓ ସାର ଯୋଗାଇବାର ବ୍ୟବସ୍ଥା ଥିବାବେଳେ ତାହା କେବଳ କାଗଜପତ୍ରରେ ସୀମିତ ଅଛି। ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ଏହି କାରବାରରେ ସଂପୃକ୍ତ। ପରସ୍ପରର ଦୋଷ ସବୁସ୍ତରରେ ଘୋଡ଼ାଇ ଦିଆଯାଇ ଥିବାରୁ ଦୁର୍ନୀତି ସାମ୍ନାକୁ ଆସୁନଥିଲା। କପା ସଂଗ୍ରହ ବା ଖରିଦରେ ଏହି ଲାଭଖୋର ସଂସ୍ଥା ଦୋହରା ଲାଭ ଉଠାଇଥିବାର ଜଣାପଡ଼ିଛି। ବଜାରରେ ଜୈବିକ କପାର ବଜାର ମୂଲ୍ୟ ଅନ୍ୟ କପାଠାରୁ ୩୦ ପ୍ରତିଶତ ଅଧିକ। ଅଥଚ ସ୍ଥାନୀୟ ଚାଷୀଙ୍କଠାରୁ ବିଟ କଟନ ମୂଲ୍ୟରେ ସଂଗ୍ରହ ହେଉଥିବା କପାକୁ ବଜାରରେ ଯୌଗିକ ଦର୍ଶାଇ ଏହି ଦଲାଲମାନେ ଅତିରିକ୍ତ ଅର୍ଥ ଉପାର୍ଜନ କରୁଥିବା ବେଳେ ଚାଷୀଙ୍କ ସ୍ୱାର୍ଥକୁ ଆଖିବୁଜି ଦେଇଛନ୍ତି। ଏହି ତଥ୍ୟର କିଛି ଗହନ କଥା ଏବେ ମଧ୍ୟ ସାମ୍ନାକୁ ଆସିନି। ବିଟ କଟନର ଉତ୍ପାଦକୁ ଯୌଗିକ ଦର୍ଶାଇ ଅଧିକ ମୂଲ୍ୟରେ ବିକ୍ରିହେଉଛି କିପରି? ଏପ୍ରକାର ଦୁର୍ନୀତି ଯୋଗୁଁ ବିକଳ୍ପ ଚାଷ ଅଭିଯାନ ବାଧାପ୍ରାପ୍ତ ହେଉଛି।

## ପଡ଼ୋଶୀଙ୍କ ଲୋଲୁପ ଦୃଷ୍ଟି

ଭାରତ ସୀମା ସଂଲଗ୍ନ ତିନିଟି ରାଷ୍ଟ୍ର ପରସ୍ପର ମଧ୍ୟରେ ନିବିଡ଼ ସଂପର୍କ ରକ୍ଷା କରି ଆମର ଆଞ୍ଚଳିକ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଏପରିକି ସେମାନଙ୍କ ପକ୍ଷରୁ ବିଭିନ୍ନ ସମୟରେ ପ୍ରକାଶିତ ମାନଚିତ୍ରରେ ଭାରତର କିଛି ଅଞ୍ଚଳ ପ୍ରଦର୍ଶନ କରିଥିବା କାହାକୁ ଅଛପା ନାହିଁ। ଭାରତର ପ୍ରତିବାଦ ଓ ପ୍ରତିରୋଧ ଫଳରେ ବିବାଦର ପ୍ରଶମିତ ହୋଇଥିଲା। ଏବେ ନୂଆ ବିବାଦ ସୃଷ୍ଟି ହୋଇଛି ବାଂଲଦେଶ ପକ୍ଷରୁ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଓ ଅନୁସଙ୍ଗିକ ସହାୟତାରେ ବାଂଲାଦଶ ୧୯୭୧ ରେ ସ୍ୱତନ୍ତ୍ର ରାଷ୍ଟ୍ରରୂପେ ପରିଚିତ ଲାଭ କରିଥିବା ବେଳେ ଏବେ ସେ ମଧ୍ୟ ଶତ୍ରୁତା ଆଚରଣ କରୁଛି। ୨୦୨୪ ରେ ଛାତ୍ର ଆନ୍ଦୋଳନରୁ ଶେଖ ହାସିନା କ୍ଷମତାଚ୍ୟୁତ ହେବା ଓ ତାଙ୍କୁ ଭାରତ ରାଜନୈତିକ ଆଶ୍ରୟ ଦେବା ଘଟଣାରୁ ବିବାଦର ସୂତ୍ରପାତ ହେଉଛି। ଏବର ପରିବର୍ତ୍ତିତ ସରକାର ଚୀନ ଓ ପାକିସ୍ତାନ ସହ ସୁସଂପର୍କ ରକ୍ଷା କରି ଭାରତର ସମଗ୍ର ଉତ୍ତର-ପୂର୍ବାଞ୍ଚଳକୁ ନିଜର ଦର୍ଶାଇ ବୃହତ୍ତର ବାଂଲାଦେଶ ଗଠନ କରିବାକୁ ଚାହୁଛି। ଏହାକୁ କେବଳ ସମୟର ବିଡ଼ମ୍ବନା କୁହାଯାଇପାରେ।

ପରିବର୍ତ୍ତିତ ବିଶ୍ୱ କୂଟନୈତିକ ଦୃଶ୍ୟପଟ୍ଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବିବାଦର ମୁକାବିଲା ସକାଶେ ଶତ୍ରୁ-ମିତ୍ର ନିର୍ବିଶେଷରେ ଏକଜୁଟ ହୋଇଥିବା ରାଷ୍ଟ୍ରଙ୍କ ମଧ୍ୟରେ ସଂପର୍କର ଯେଉଁ ନୂଆ ପରିଭାଷା ଦୃଶ୍ୟମାନ ହୋଇଛି ସେଥିରେ ଚୀନକୁ ଭାରତ ଅନ୍ୟତମ ସହଯୋଗୀର ମାନ୍ୟତା ଦେଇଛି। ଏହା ସତ୍ତ୍ୱେ ବେଜିଂର ଆଭିମୁଖ୍ୟ ଯେ ଅପରିବର୍ତ୍ତିତ ରହିଛି ତାହା ପ୍ରମାଣିତ ହେଉଛି। ଉପଗ୍ରହରୁ ସଂଗୃହୀତ ଚିତ୍ରରୁ ଜଣାପଡ଼ିଛି ଯେ ଅରୁଣାଚଳ ପ୍ରଦେଶ ସୀମା ନିକଟରେ ଚୀନ ଆଉ ଏକକ ବାୟୁସେନା ଘାଟି ନିର୍ମାଣ କରିଛି। ଅରୁଣାଚଳର ତାୱାଙ୍ଗ ସହରଠାରୁ ମାତ୍ର ୧୦୭ କିଲୋମିଟର ଦୂରରେ ଚୀନର ଏହି ସାମରିକ ପ୍ରସ୍ତୁତି ୩୬ ଟି ଲଢୁଆ ବିମାନ ରହିବା ଭଳି ବ୍ୟବସ୍ଥା ସାଙ୍ଗକୁ ଡ୍ରୋନ ପ୍ରୟୋଗ ପାଇଁ ଆବଶ୍ୟକ ସରଂଜାମ ମଧ୍ୟ ରହିଛି। ଯୁଦ୍ଧ ପରିସ୍ଥିତି ଉପୁଜିଲେ ଏହି ଘାଟିରୁ ଭାରତର ଯେକୌଣସି ଅଞ୍ଚଳ ଉପରେ ଚୀନର ବାୟୁ ସେନା ଆକ୍ରମଣ କରିପାରିବ। ଅନ୍ୟପକ୍ଷରେ ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ସଂପ୍ରତି ଚୀନ ଓ ପାକିସ୍ତାନର ନିକଟତର ହେବାରେ ଲାଗିଛନ୍ତି। ନିକଟରେ ଢାକା ଗସ୍ତରେ ଥିବା ପାକିସ୍ତାନର ଜଏଣ୍ଟଚିଫ ଅଫ ଷ୍ଟାଫ କମିଟି ଅଧ୍ୟକ୍ଷ ଜେନେରାଲ ମିର୍ଜାଙ୍କୁ ଦେଇଥି ବା ଉପହାର ପୁଣି ବିବଦର ସୂତ୍ରପାତ କରିଛି, ଯେଉଁଥିରେ କି ଉତ୍ତରପୂର୍ବ ଭାରତର ଏକ ବୃହତ୍ତର ଅଂଶକୁ ବାଂଲାଦେଶର ବୋଲି ଦର୍ଶାଯାଇଛି। ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ଼ କରିବା ପାଇଁ ଏହା ଚାଲବାଜି କୁହାଯାଇପାରେ। ଏଠାରେ ସୂଚାଇ ଦିଆଯାଇପାରେ କି ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟନୁଷ୍ଠାନ ବେଳେ ଏକ ସମୟରେ ଉତ୍ତରପୂର୍ବାଞ୍ଚଳରେ ଅସ୍ଥିରତା ସୃଷ୍ଟି ସକାଶେ ବାଂଲଦେଶକୁ ପ୍ରୟୋଗ କରିବାର ଯୋଜନା ଇସଲାମାବାଦର ରହିଛି।

ଏକଥା ସତ ଯେ ଭାରତର ଆର୍ଥିକ ପ୍ରଗତି ଓ କୂଟନୈତିକ ପତିଆରା ବୃଦ୍ଧି ପଡ଼ୋଶୀଙ୍କ ପାଇଁ ଆଖିରେ କଣ୍ଟା ହୋଇଛି। ତେଣୁ ଏହି ତ୍ରିମେଣ୍ଟ ଭାରତ ବିରେଧୀ ଷଡ଼ଯନ୍ତ୍ର ରଚନା କରିଚାଲିଛନ୍ତି। ହଠାତ୍ କିଛି ବିପଦ ସୃଷ୍ଟି ନହେଲେ ମଧ୍ୟ ସେମାନଙ୍କ ଲୋଲୁପ ଦୃଷ୍ଟି ପ୍ରତି ଆମକୁ ସତର୍କ ହେବାକୁ ପଡ଼ିବ।

## ଆଉ ଏକ ସଂସ୍କାର ଅପେକ୍ଷାରେ

**ଗୌରୀ ପ୍ରସାଦ ମହାପାତ୍ର**

ନିକଟରେ ଆମେ ବିଶ୍ୱର ଚତୁର୍ଥ ଅର୍ଥନୈତିକ ମହାଶକ୍ତିର ମାନ୍ୟତା ପାଇଛୁ। ଏହାର ଆଧାର ଓ ଗଣିତ ଯାହା ହେଉ ନା କାହିଁକି ସରକାରଙ୍କ ପାଇଁ ଆତ୍ମୋପଲବ୍ଧିର ଆଉ ଏକ ସୁଯୋଗ ସୃଷ୍ଟି କରିଛି ଏବଂ ପ୍ରଚାରସର୍ବସ୍ୱ ଭାରତୀୟ ରାଜନୀତି ପାଇଁ ପ୍ରଭାବଶାଳୀ ଇନ୍ଧନ ଯୋଗାଇଛି। କିନ୍ତୁ ସାମାଜିକ-ଆର୍ଥିକ ବୈଷମ୍ୟ ଭରା ଭାରତର ଅର୍ଥନୀତିକୁ ସୂକ୍ଷ୍ମ ଅନୁଶୀଳନ କଲେ ଆଶ୍ଚର୍ଯ୍ୟ-ଦ୍ୱନ୍ଦ୍ୱ ବିଜଡ଼ିତ ପ୍ରଶ୍ନଟିଏ ଉଠେ ଯେ ଆମେ କ'ଣ ସତରେ ଚତୁର୍ଥ? ଅର୍ଥନୀତିର କେତେକ ମୌଳିକ ତତ୍ତ୍ୱ ଏବଂ ବିଶ୍ୱ ବଜାର-ଅର୍ଥନୀତିରେ ଭାରତର ସ୍ଥିତିକୁ ବାଦ୍ ଦେଇ ଏହି ପ୍ରଶ୍ନର ଉତ୍ତର ଖୋଜିବା ନିରର୍ଥକ ଓ ନିରାଧାର।

ଯଦି କେବଳ ଉତ୍ପାଦନ ଓ କାରବାର(ନୋମିନାଲ୍ ଜିଡିପି)କୁ ଆଧାର ରୂପେ ନେଇ ଭାରତୀୟ ଅର୍ଥନୀତିର ମୂଲ୍ୟାଙ୍କନ କରାଯାଏ ତେବେ ଆମେ ନିଶ୍ଚିତ ଭାବେ ବିଶ୍ୱରେ ଚତୁର୍ଥ। କିନ୍ତୁ ନୋମିନାଲ୍ ଜିଡିପି ଅର୍ଥନୈତିକ ଅଭିବୃଦ୍ଧିର ବାସ୍ତବ ମୂଲ୍ୟାୟନ ନୁହେଁ, ଯାହାର ସବିଶେଷ ବିଶ୍ଳେଷଣ ସୀମିତ ସ୍ଥାନରେ ସମ୍ଭବ ନୁହେଁ। ଏତିକି କହିଲେ ଯଥେଷ୍ଟ ହେବ ଯେ ଯଦି ଅର୍ଥନୈତିକ ଶକ୍ତିର ଆଧାର ନୋମିନାଲ୍ ଜିଡିପି ହୁଏ ତେବେ ଆମେ ୨୦୦୯ରେ ଜାପାନ୍‌କୁ, ୨୦୨୧ ରେ ଇଂଲଣ୍ଡକୁ ଟପି ଚତୁର୍ଥ ଅର୍ଥନୀତିର ମାନ୍ୟତା ବହୁପୂର୍ବରୁ ହାସଲ କରିସାରିଥିଲୁ। ତେଣୁ ଅର୍ଥନୀତିଜ୍ଞଙ୍କ ପାଇଁ ଭାରତର ସଦ୍ୟତମ ମାନ୍ୟତାରେ ସେଭଳି କିଛି ଉତ୍ସାହଜନକ ସଙ୍କେତ ନାହିଁ। ଅଧିକନ୍ତୁ ଭାରତକୁ ବିଶ୍ୱ ଅର୍ଥନୈତିକ ମହାଶକ୍ତି ମାନ୍ୟତା ପାଇବା ପାଇଁ ଆହୁରି ଅନେକ ବାଟ ଯିବାକୁ ଅଛି ଏବଂ ଏଥିପାଇଁ ଭାରତୀୟ ଅର୍ଥନୀତି ଆଉ ଏକ ସଂସ୍କାର ଅପେକ୍ଷାରେ ରହିଛି।

ଏବେ ଆମେ ଭାରତୀୟ ଅର୍ଥନୀତିର କେତେକ ମୌଳିକ ତଥ୍ୟ ଉପରେ କିଞ୍ଚିତ ଆଲୋଚନା କରିବା। ୧୯୪୭ରେ ଏକ ନିମ୍ନବିତ୍ତ ବା ଗରିବ ରାଷ୍ଟ୍ର ଭାବେ ଜନ୍ମ ନେଇଥିବା ଆମ ଦେଶ ୬୦ ବର୍ଷ ପରେ ଅର୍ଥାତ୍ ୨୦୦୭ ରେ ଯାଇ 'ନିମ୍ନ-ମଧ୍ୟବିତ୍ତ' ଦେଶ ଭାବେ ବିଶ୍ୱବ୍ୟାଙ୍କ ଦ୍ୱାରା ମାନ୍ୟତା ପାଇଲା। ପରବର୍ତ୍ତୀ ୧୮ ବର୍ଷ ପରେ ମଧ୍ୟ ଆମେ ପରବର୍ତ୍ତୀ ସୋପାନକୁ ଉନ୍ନୀତ ହୋଇପାରିନାହୁଁ। ମଧ୍ୟବିତ୍ତ ଶ୍ରେଣୀ ବର୍ଗରେ ପହଞ୍ଚିବା ପାଇଁ ମୁଣ୍ଡପିଛା ହାରାହାରି ଆୟ ୪, ୫୧୬ ଆମେରିକୀୟ ଡଲାର ହେବା ଆବଶ୍ୟକ ଥିବା ବେଳେ ଗତ ୧୮ ବର୍ଷ ମଧ୍ୟରେ ଆମ ଦେଶର ମୁଣ୍ଡପିଛା ଆୟ ହାରାହାରି ୧, ୦୨୨ ଆମେରିକୀୟ ଡଲାରରୁ ମାତ୍ର ୨, ୭୦୦ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି। 'ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ'ର ଆକଳନ ଅନୁଯାୟୀ, ଭାରତୀୟ ଅର୍ଥନୀତିର ସାମ୍ପ୍ରତିକ ଧାରା ଜାରି ରହିଲେ ଉଚ୍ଚ ମଧ୍ୟବିତ୍ତ ଦେଶର ମାନ୍ୟତା ପାଇଁ ୨୦୩୬ ମସିହା ପର୍ଯ୍ୟନ୍ତ ଏବଂ ଉଚ୍ଚବର୍ଗର ବା ୧୫ ଟ୍ରିଲିୟନ ଅର୍ଥନୀତିରେ ପହଞ୍ଚିବା ପାଇଁ ୨୦୪୭ ଯାଏଁ ଅପେକ୍ଷା କରିବାକୁ ପଡ଼ିବ। ସେହି ସମୟ ବେଳକୁ ଆମ ମୁଣ୍ଡପିଛା ଆୟ ୧୩, ୮୪୬ ଡଲାର ହେବାକୁ ପଡ଼ିବ। ଆମେରିକାର ମୁଣ୍ଡପିଛା ଆୟର ଏକ-ଚତୁର୍ଥାଂଶ ହାସଲ ପାଇଁ ଆମକୁ ଆହୁରି ୭୫ ବର୍ଷ ଯାଏଁ ଅପେକ୍ଷା କରିବାକୁ ପଡ଼ିବ। କିନ୍ତୁ ଏହି ସମୟ ଭିତରେ ବିଶ୍ୱ ଓ ଭାରତର ଅର୍ଥନୀତିର ସ୍ଥିରତା ଉପରେ ସବୁକିଛି ନିର୍ଭର କରୁଛି। ସେତେବେଳକୁ ଆମେରିକାର ଅର୍ଥନୀତି ଆହୁରି ୭ଗୁଣା ବଢ଼ି ଯାଇଥିବ।

ନୈରାଶ୍ୟର ବିଷୟ ହେଉଛି ବିଗତ ୩୦ ବର୍ଷ ଧରି ଭାରତର ହାରାହାରି ଅଭବୃଦ୍ଧି ହାର ୬% ରହିଛି। ୧୯୭୩-୧୯୮୨ ଏବଂ ୨୦୦୩-୨୦୧୨କୁ ଛାଡ଼ିଦେଲେ ଅର୍ଥନୈତିକ ହାରାହାରି ଅଭିବୃଦ୍ଧି ହାର ୯% ଉପରକୁ ଉଠି ପାରିନାହିଁ। ପ୍ରଖ୍ୟାତ୍ ଅର୍ଥନୀତିଜ୍ଞ ରଘୁରାମ ରାଜନ୍‌ଙ୍କ ଆକଳନ ଅନୁଯାୟୀ ପ୍ରଚଳିତ ଧାରା ଅପରିବର୍ତ୍ତିତ ରହିଲେ ୨୦୬୦ ସୁଦ୍ଧା ଭାରତର ମୁଣ୍ଡପିଛା ଜିଡିପି ୧୦ ହଜାର ଡଲାର ହେବ, ଯାହା ବର୍ତ୍ତମାନର ଚୀନ୍ ତୁଳନାରେ ମଧ୍ୟ କମ୍। ବରିଷ୍ଠ ବିଜେପି ନେତା ରାମ ମାଧବ 'ଦ ନିଉ ୱାର୍ଲ୍ଡ: ୨୧ ସେଞ୍ଚୁରୀ ଗ୍ଲୋବାଲ୍ ଅର୍ଡର ଆଣ୍ଡ ଇଣ୍ଡିଆ' ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ୧୦% ଅଭିବୃଦ୍ଧି ହାରରେ ବଢ଼ିଲେ ଯାଇ ଭାରତ ବିକଶିତ ଅର୍ଥନୀତି ହୋଇପାରିବ।

ସେହିପରି ଚଳିତ ଦଶନ୍ଧି ସୁଦ୍ଧା ଆମକୁ ମଧ୍ୟବିତ୍ତ ଦେଶର ମାନ୍ୟତା ପାଇବାକୁ ହେଲେ ସବୁରାଜ୍ୟର ମୁଣ୍ଡପିଛା ଆୟ ହାରାହାରି ୪, ୧୯୫ ଡଲାର ପାଖାପାଖି ପହଞ୍ଚିବା ଆବଶ୍ୟକ। ପଶ୍ଚିମ ଓ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କ ତୁଳନାରେ ଅବଶିଷ୍ଟ ଭାରତର ହାରାହାରି ମୁଣ୍ଡପିଛା ଆୟ ଏବେ ନିମ୍ନ-ମଧ୍ୟବିତ୍ତ ଠାରୁ ମଧ୍ୟ କମ୍। କେବଳ ଦିଲ୍ଲୀର ମୁଣ୍ଡପିଛା ଆୟ ୫୫୭୯ ଡଲାର ଥିବା ବେଳେ ତେଲଙ୍ଗାନାର ୪୩୦୬, କର୍ଣ୍ଣାଟକର ୪୦୨୧, ହରିଆଣାର ୩୯୩୪, ତାମିଲନାଡୁର ୩୮୦୭ ଡଲାର ରହିଛି। ଅପରପକ୍ଷରେ ବିହାରର ମୁଣ୍ଡପିଛା ଆୟ ୭୨୯ ଡଲାର ଥିବା ବେଳେ ଛତିଶଗଡ଼ ୧୭୮୦, ପଶ୍ଚିମବଙ୍ଗ ୧୮୬୧, ଓଡ଼ିଶା ୧୯୭୦ ଡଲାର ରହିଛି। ଏପରିକି ବାଂଲାଦେଶ ଓ ନେପାଳର ହାରାହାରି ଆୟଠାରୁ ଉତ୍ତରପ୍ରଦେଶ ଓ ବିହାରର ହାରାହାରି ଆୟ କମ୍। ଏହି ଆଞ୍ଚଳିକ ବୈଷମ୍ୟଭରା ସ୍ଥିତିରେ ଆମେ ବୃହତ୍ ଅର୍ଥନୈତିକ ଶକ୍ତି ହେବା କେମିତି?

ବିଗତ ୧୫ ବର୍ଷ ମଧ୍ୟରେ ଜନସଂଖ୍ୟାର ସର୍ବୋଚ୍ଚ ସମ୍ପଦଧାରୀ ୧୫% ରୁ ୫୦% ମଧ୍ୟରେ ଥିବା ଗୋଷ୍ଠୀଙ୍କ ଆୟ ସ୍ଥାଣୁ ହୋଇଯାଇଛି। ମାଗଣା ଯୋଜନା ଓ ରିହାତି ଯୋଗୁଁ ଅର୍ଥନୀତିର ସବୁଠାରୁ ନିମ୍ନ ବର୍ଗରେ ଥିବା ଜନସଂଖ୍ୟାଙ୍କ ଆୟ ବଢ଼ିଛି। କିନ୍ତୁ ୧୮ ରୁ ୩୬ ବର୍ଷ ବର୍ଗର ୧୨୦ ନିୟୁତ ଲୋକଙ୍କ ପାଖରେ ନା ପର୍ଯ୍ୟାପ୍ତ ଶିକ୍ଷା ଅଛି ନା ରୋଜଗାର। କୃଷିରେ ଶ୍ରମିକ ନିଯୋଜନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ବେଳେ ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ବିନିର୍ମାଣର ଅବଦାନ ଗତ ୩୦ ବର୍ଷର ସର୍ବନିମ୍ନ ସ୍ତରକୁ ଖସି ଆସିଛି। କେବଳ ଅଣସଂଗଠିତ ଓ ଅନୌପଚାରିକ କ୍ଷେତ୍ରରେ ଉତ୍ପାଦନ ଓ ନିଯୁକ୍ତି ହାର ବଢ଼ିଛି। ଆମ ଦେଶରେ ସ୍ମାର୍ଟଫୋନ୍, ଦୁଇ-ଚାରିଚକିଆ ଗାଡ଼ିର ଉତ୍ପାଦନ ଓ ବିକ୍ରିକୁ ଛାଡ଼ିଦେଲେ ବଜାର ଅର୍ଥନୀତିରେ ଚାହିଦା ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁଁ ଯୋଗାଣକାରୀଙ୍କ ଲାଭ ସହିତ ବାସ୍ତବ ଓ ମୁଦ୍ରାସ୍ଫୀତି ଆଧାରିତ ମଜୁରୀ ହାର ଉଦ୍‌ବେଗଜନକ ଭାବେ କମିବାରେ ଲାଗିଛି। ନିବେଶ ସଂକୁଚିତ ହୋଇଛି। ଋଣ ପରିଶୋଧ କରିବା ଲାଗି କମ୍ପାନୀମାନେ ସରକାରୀ ସହାୟତା ଉପରେ ନିର୍ଭର କରୁଛନ୍ତି। ସରକାର ଅନେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରି ନେଉଥିବାରୁ ପ୍ରତିଭୂତି ବଜାରର ସରକାରୀ ରାଜକୋଷକୁ ଯୋଗଦାନ କମିବାରେ ଲାଗିଛି। ଆମ ଅର୍ଥନୀତିର ଆଉ ଏକ ବିଡ଼ମ୍ବନା ହେଉଛି ଆଭ୍ୟନ୍ତରୀଣ ଉତ୍ପାଦନ କେବଳ ଦେଶର ୧୫% ଧନିକଙ୍କ ଚାହିଦା ମେଣ୍ଟାଇବାରେ ସକ୍ଷମ ଥିବା ବେଳେ ଗରିବ ଜନକଲ୍ୟାଣ, ଜୀବନଧାରଣ ଓ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସରକାରଙ୍କୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି।

ବିଶ୍ୱର ଅର୍ଥନୈତିକ ଶକ୍ତି ହେବା ପାଇଁ ପ୍ରଥମେ ନିମ୍ନ-ମଧ୍ୟବିତ୍ତର ଲକ୍ଷ୍ମଣରେଖା ଡେଇଁ ଆମେ ମଧ୍ୟବିତ୍ତ ମାନ୍ୟତା ହାସଲ କରିବା ନିହାତି ଆବଶ୍ୟକ। ଏଥିପାଇଁ ସର୍ବପ୍ରଥମେ ଚାହିଦାକୁ କ୍ରମଶଃ ଅଣସଂଗଠିତ ନିମ୍ନଗୁଣବତ୍ତା ସମ୍ପନ୍ନ ସୁଲଭ ସାମଗ୍ରୀରୁ ମହଙ୍ଗା ଓ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଔପଚାରିକ କ୍ଷେତ୍ରକୁ ଉନ୍ନୀତ କରିବା ଜରୁରୀ। କିନ୍ତୁ ବର୍ତ୍ତମାନ ଦେଶର ୮୦ କୋଟି ପରିବାର ବିନା ରିହାତିରେ ଜୀବନଧାରଣର ସର୍ବନିମ୍ନ ଆବଶ୍ୟକତା ମେଣ୍ଟାଇବାରେ ଅକ୍ଷମ। ଏଭଳି ସ୍ଥିତିରେ ବଜାର ଅର୍ଥନୀତି ବିକଶିତ ହେବ କେମିତି? ଦ୍ୱିତୀୟତଃ, କୌଣସି ରାଷ୍ଟ୍ରର ଅର୍ଥନୈତିକ ଶକ୍ତି ଓ ସ୍ଥାନ 'ପର୍ଚେଜିଂ ପାୱାର ପାରିଟି' ଅନୁଯାୟୀ ନିର୍ଦ୍ଧାରିତ ହୋଇଆସୁଛି। ଆୟ ସମାନ ଥିଲେ ମଧ୍ୟ ଭୌଗୋଳିକ ସ୍ଥିତି ଓ ସମୟ ଅନୁଯାୟୀ ବଜାରମୂଲ୍ୟ ଓ ଜୀବନଧାରଣର ମାନରେ ତାରତମ୍ୟ କିଭଳି ସାମଗ୍ରିକ ଭାବେ ଆଞ୍ଚଳିକ ଅର୍ଥନୀତିକୁ ପ୍ରଭାବିତ କରୁଛି ତାହା 'ପର୍ଚେଜିଂ ପାୱାର ପାରିଟି' ସୂଚକାଙ୍କ ନିର୍ଦ୍ଧାରଣ କରୁଛି। ଉଦାହରଣ ସ୍ୱରୂପ ସମାନ ବେତନଧାରୀ ଦୁଇଜଣ ପେସାଦାରଙ୍କ ମଧ୍ୟରୁ ଜଣେ ମେଟ୍ରୋ ସହରରେ, ଆଉ ଜଣେ 'ଖ' ବର୍ଗର ସହରରେ ରହିଲେ। କୌଣସି ପଦୋନ୍ନତି କିମ୍ବା ବେତନ ବୃଦ୍ଧି ବିନା ପାଞ୍ଚ ବର୍ଷ ପରେ ମେଟ୍ରୋ ସହରବାସୀ ପେସାଦାରଙ୍କ ଅର୍ଥନୈତିକ ସ୍ଥିତି ତୁଳନାରେ 'ଖ' ବର୍ଗ ସହରବାସୀ ପେସାଦାରଙ୍କ ଆର୍ଥିକ ସ୍ଥିତି ଉନ୍ନତ ରହିବ; ଅଥଚ ସେହି ସମୟ ମଧ୍ୟରେ 'ଖ' ବର୍ଗ ସହରର ସାମଗ୍ରିକ ଜିଡିପିଠାରୁ ମେଟ୍ରୋ ସହର ଅର୍ଥନୈତିକ ଅଭିବୃଦ୍ଧି ହାର ବହୁ ଗୁଣା ଅଧିକ ବଢ଼ିଯାଇଥିବ। ଏହି ଆଧାରରେ ଆମର ଅର୍ଥନୀତି ବିଶ୍ୱର ପ୍ରଥମ ପାଞ୍ଚ ସ୍ଥାନରୁ କାହିଁ କେତେ ଦୂରରେ ରହୁଛି। ୨୦୨୧ ରେ ନୋମିନାଲ୍ ଜିଡିପିରେ ଆମେ ଇଂଲଣ୍ଡକୁ ଟପିସାରିଥିଲୁ। କିନ୍ତୁ ସେତେବେଳେ ଇଂଲଣ୍ଡର ମୁଣ୍ଡପିଛା ଜିଡିପି ୪୬, ୧୧୫ ଡଲାର ଥିବା ବେଳେ ଆମର ଥିଲା ୨, ୨୫୦ ଡଲାର। ବର୍ତ୍ତମାନ ସେ ଦେଶର ମୁଣ୍ଡପିଛା ଜିଡିପି ୫୪, ୯୪୯ ଥିବା ବେଳେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ପାଇ ମଧ୍ୟ ଆମର ମୁଣ୍ଡ ପିଛା ଜିଡିପି ୨, ୮୭୯ ଡଲାର ରହିଛି। ତେଣୁ ଏ ଦିଗରେ ଆମକୁ ମାତ୍ରାଧିକ ଉତ୍ସାହିତ ନ ହୋଇ ଆହୁରି ଅନେକ ବାଟ ଚାଲିବାର ଅଛି। ଏଥିପାଇଁ ଚୀନ୍‌କୁ ଉଦାହରଣ ଓ ପ୍ରେରଣା ରୂପେ ନିଆଯାଇପାରେ। ଉଲ୍ଲେଖନୀୟ ପ୍ରଗତି ଏବଂ ନୋମିନାଲ୍ ଜିଡିପିରେ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ମାନ୍ୟତା ସତ୍ତ୍ୱେ ସେ ଦେଶ ଏ ପର୍ଯ୍ୟନ୍ତ ଉଚ୍ଚବିତ୍ତ ବର୍ଗରେ ପହଞ୍ଚିପାରିନାହିଁ।

ଆମ ଦେଶରେ ବିଗତ ୧୦ ବର୍ଷ ଭିତରେ କୌଣସି ନୀତିଗତ ସଂସ୍କାର ହୋଇନାହିଁ। ଯାହାକିଛି ଆଂଶିକ ସଂସ୍କାର ହୋଇଛି ତାହା ବଡ଼ କମ୍ପାନୀଙ୍କୁ ସୁହାଇଛି ଏବଂ ଛୋଟ କମ୍ପାନୀଙ୍କୁ କ୍ଷତିଗ୍ରସ୍ତ କରିଛି। ତେଣୁ ଏକ ବୃହତ୍ ସଂସ୍କାର ବିନା ଅର୍ଥନୈତିକ ମହାଶକ୍ତିର ମର୍ଯ୍ୟାଦା ଓ ବାସ୍ତବତା ଆମ ପାଇଁ କେବଳ ଏକ ସ୍ୱପ୍ନ ହୋଇ ରହିଯିବ। ଆମକୁ ମନେ ରଖିବାକୁ ହେବ ଯେ ମାନ୍ୟତା ଓ ମର୍ଯ୍ୟାଦା ଭିତରେ ଫରକ ଅନେକ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ସର୍ବଭାରତୀୟ ପ୍ରଶାସନିକ ସେବା: ରାଷ୍ଟ୍ରନିର୍ମାଣର ଇସ୍ପାତ ଢାଞ୍ଚା

**ରଞ୍ଜନ କୁମାର ରାୟ**

ଏକ ରାଷ୍ଟ୍ରର ମାନ ନିର୍ଦ୍ଧାରଣ କେବଳ ଏହାର ଭୌଗୋଳିକ ସ୍ଥିତି ଦ୍ୱାରା ନୁହେଁ, ବରଂ ଏହାର ପ୍ରତିଷ୍ଠାନଗୁଡ଼ିକର ଦକ୍ଷତା, ନିରପେକ୍ଷତା ଏବଂ ସ୍ଥିରତା ଦ୍ୱାରା କରାଯାଏ। ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଅଖିଳ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଓଏସ୍) ପ୍ରଶାସନ ଏବଂ ସମ୍ବିଧାନର ତୃତୀୟସ୍ତମ୍ଭର ମେରୁଦଣ୍ଡ ଭାବରେ କାର୍ଯ୍ୟ କରିଛି, କେନ୍ଦ୍ର-ରାଜ୍ୟ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ ଓ ସୁନିଶ୍ଚିତ କରିଛି, ଶାସନ-ନାଗରିକଙ୍କ ମଧ୍ୟରେ ବ୍ୟବଧାନକୁ ଦୂର କରିଛି। ଭାରତୀୟ ପ୍ରଶାସନିକ ସେବା ଓ ଅଧିକାରୀଙ୍କ ଅବଦାନ ଏହା ପ୍ରମାଣିତ ଓ ପ୍ରତିଫଳିତ କରେ ଯେ କିପରି ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୃଷ୍ଟିକୋଣ ଏକ ଦୃଢ଼, ଏକୀକୃତ ଓ ପ୍ରତିକ୍ରିୟାଶୀଳ ରାଷ୍ଟ୍ରର ପ୍ରଶାସନିକ ବ୍ୟବସ୍ଥାକୁ ମାର୍ଗଦର୍ଶନ କରି ଚାଲିଛି।

ଏକ ନୂତନ ସ୍ୱାଧୀନ ରାଷ୍ଟ୍ରର ଭଙ୍ଗୁରତାକୁ ଠିକ୍ ରୂପେ ଅନୁମାନ କରି ଏକ ବୃତ୍ତିଗତ, ନିରପେକ୍ଷ ଏବଂ ପ୍ରଭାବଶାଳୀ ନାଗରିକ ସେବା ଉପରେ ଗୁରୁତ୍ୱ ଦେଇଥିଲେ, ଯାହା ସ୍ୱାଧୀନ ଭାରତର ଶାସନ ଓ ପ୍ରଶାସନିକ ବ୍ୟବସ୍ଥାରେ ଏକ ସୁଦୃଢ଼ ଇସ୍ପାତ ଢାଞ୍ଚା ରୂପେ କାର୍ଯ୍ୟ କରିବ। ଏହି ଢାଞ୍ଚା ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ରାଜ୍ୟ ସହିତ ସଂଯୋଗ କରିବ, ନୀତିଗୁଡ଼ିକୁ ସମାନ ଭାବରେ କାର୍ଯ୍ୟକାରୀ କରିବାରେ ସମନ୍ୱୟ ରକ୍ଷା କରିବ ଏବଂ ଆର୍ଥିକ-ସାମାଜିକ ବିକାଶକୁ ପ୍ରୋତ୍ସାହିତ କରିବ ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବ। ସର୍ଦ୍ଦାର ପଟେଲ ବୁଝିପାରିଥିଲେ ଯେ ଅଖଣ୍ଡ ଭାରତର ସାର୍ବଭୌମତ୍ୱର ସୁରକ୍ଷା ପାଇଁ କେବଳ ରାଜନୈତିକ ଏକତା ଯଥେଷ୍ଟ ନୁହେଁ। ଏଥିପାଇଁ ଆବଶ୍ୟକ ଏପରି ଏକ ସୁଦୃଢ଼ ବ୍ୟବସ୍ଥା, ଯେଉଁଥିରେ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ନୀତିଗୁଡ଼ିକୁ ବ୍ୟବାହାରିକ ଶାସନରେ ରୂପାନ୍ତରିତ କରିପାରିବେ, ସ୍ଥାୟୀ ଶାନ୍ତି ବାହାଲ କରିପାରିବେ ଏବଂ ଅଭିବୃଦ୍ଧିକୁ ସୁଦୃଢ଼ କରିପାରିବେ।

ସର୍ବଭାରତୀୟ ସେବା ଅଧିକାରୀମାନଙ୍କୁ ଜିଲ୍ଲା ଓ ରାଜ୍ୟଗୁଡ଼ିକରେ ନିଯୁକ୍ତ କରାଯାଇଛି, ଯାହାଦ୍ୱାରା ସରକାର ନେଉଥିବା ନୀତିଗତ ନିଷ୍ପତ୍ତି ଏବଂ ଜନତାଙ୍କ ପହଞ୍ଚି ଉଭୟଙ୍କ ମଧ୍ୟରେ ସଂଯୋଗ ରକ୍ଷା କରିପାରୁଛି। ନିର୍ବାଚନ ତଦାରଖ ଠାରୁ ଆରମ୍ଭ କରି ସାମାଜିକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିବା ପର୍ଯ୍ୟନ୍ତ, ସେମାନେ ଆଇନର ଶାସନ, ସମାନତା ଏବଂ ଜାତୀୟ ଏକତାକୁ ବଜାୟ ରଖିଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ସେମାନଙ୍କର ଉପସ୍ଥିତି ନିଶ୍ଚିତ କରେ ଯେ ଶାସନ କେବଳ ସହରାଞ୍ଚଳ କେନ୍ଦ୍ରଗୁଡ଼ିକରେ କେନ୍ଦ୍ରିତ ନୁହେଁ, ପ୍ରତ୍ୟେକ ନାଗରିକଙ୍କୁ ଜାତୀୟ ପ୍ରକଳ୍ପରେ ଭାଗୀଦାର କରିଥାଏ। ଅନେକ ଅଞ୍ଚଳରେ ଅଧିକାରୀମାନେ ବିପର୍ଯ୍ୟୟ ପ୍ରଶମନ, ସ୍ଥାନୀୟ ଯୋଜନା ଏବଂ ସାମାଜିକ ପଦକ୍ଷେପରେ ଅତିରିକ୍ତ ଭୂମିକା ଗ୍ରହଣ କରନ୍ତି, ଯାହା ସର୍ଦ୍ଦାର ପଟେଲ୍‌ଙ୍କ ପରିକଳ୍ପିତ ଇସ୍ପାତ ଢାଞ୍ଚାର ବହୁମୁଖୀ ପ୍ରଭାବକୁ ପ୍ରତିଫଳିତ କରେ।



ଏହା ପ୍ରାକୃତିକ ବିପର୍ଯ୍ୟୟ, ନାଗରିକ ଅଶାନ୍ତି, ମହାମାରୀ ପରି ସ୍ଥିତିରେ ସର୍ବଭାରତୀୟ ସେବା ଅଧିକାରୀମାନେ ନିରନ୍ତରତା, ସମନ୍ୱୟ ଓ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଆସୁଛନ୍ତି। ସ୍ଥାନୀୟ ବାସ୍ତବତା ସହିତ କେନ୍ଦ୍ରୀୟ ନିର୍ଦ୍ଦେଶାବଳୀକୁ ସମନ୍ୱିତ କରିବାର ସେମାନଙ୍କର କ୍ଷମତା ଭାରତକୁ ଆଭ୍ୟନ୍ତରୀଣ ଆହ୍ୱାନର ମୁକାବିଲା କରିବାକୁ ଏବଂ ବିବିଧତାରେ ଏକତା ବଜାୟ ରଖିବାକୁ ପ୍ରେରଣା ଓ ଉତ୍ସାହ ଦିଏ। ଆସାମର ବନ୍ୟାଠାରୁ ଗୁଜରାଟର ଭୂମିକମ୍ପ ପର୍ଯ୍ୟନ୍ତ ସଙ୍କଟ ସମୟରେ ଦେଶର ସ୍ଥିରତା, ଅତ୍ୟାବଶ୍ୟକ ସେବା ପ୍ରଦାନ ସୁନିଶ୍ଚିତ କରିବା ସହିତ ସାମ୍ପ୍ରଦାୟିକ ସଦ୍‌ଭାବନା, ଶାନ୍ତି ଓ ସ୍ଥିରତା ରକ୍ଷା କରିବାରେ ଏହି ଅଧିକାରୀଙ୍କ ଭୂମିକା ଅପରିହାର୍ଯ୍ୟ ଓ ପ୍ରଶଂସନୀୟ।

ପ୍ରଶିକ୍ଷଣ, ପ୍ରଶାସନ ଓ ନାଗରିକମାନଙ୍କ ସହିତ ଦୈନନ୍ଦିନ ପାରସ୍ପରିକ ସମ୍ପର୍କ, ସମନ୍ୱୟ ଓ ଭାବ ବିନିମୟ ମାଧ୍ୟମରେ ଭାରତୀୟ ସେବା ବିଭାଗଗୁଡ଼ିକ ସହଭାଗୀ ଦାୟିତ୍ୱ ଏବଂ ରାଷ୍ଟ୍ରୀୟ ଭାବନା ଜାଗ୍ରତ କରନ୍ତି। ଅଧିକାରୀମାନେ ବିଭିନ୍ନ ଗୋଷ୍ଠୀ ଓ ବିବାଦ ସମାଧାନରେ ମଧ୍ୟସ୍ଥତା କରନ୍ତି ଏବଂ ନୀତିଗୁଡ଼ିକର ସମାବେଶୀ ରୂପାୟନକୁ ନିଶ୍ଚିତ କରନ୍ତି, ଯାହା ଦ୍ୱାରା ଶାସନରେ ସମନ୍ୱୟ ଓ ବିଶ୍ୱାସ ଉଭୟକୁ ସୁଦୃଢ଼ କରିଥାଏ। ଏହି ଦୈନନ୍ଦିନ କାର୍ଯ୍ୟ ସାମାଜିକ ସଂହତିକୁ ସୁଦୃଢ଼ କରେ ଏବଂ ଆଇନ, ନ୍ୟାୟ ଓ ସାର୍ବଜନିତ ମୂଲ୍ୟବୋଧ ପ୍ରତି ସମ୍ମାନକୁ ପ୍ରୋତ୍ସାହିତ କରେ, ଯାହା ଏକ ରାଷ୍ଟ୍ରୀୟ ଏକତାର ଭିତ୍ତିକୁ ସୁଦୃଢ଼ କରେ।

ଏକ ଅଖଣ୍ଡ ଭାରତ ପାଇଁ ଦୃଢ଼ ଅନୁଷ୍ଠାନ ଅତ୍ୟାବଶ୍ୟକ - ସର୍ଦ୍ଦାର ପଟେଲ୍‌ଙ୍କ ଏହି ଦୂରଦୃଷ୍ଟି, ବିଶ୍ୱାସ ଓ ଦୃଷ୍ଟିଭଙ୍ଗୀକୁ ସର୍ବଭାରତୀୟ ସେବାଗୁଡ଼ିକ ପ୍ରମାଣିତ କରେ। ସେମାନେ ଦୃଷ୍ଟିକୋଣକୁ କାର୍ଯ୍ୟରେ, ନୀତିକୁ ପ୍ରୟୋଗରେ ଏବଂ ବିଚାରଧାରାକୁ ମୂର୍ତ୍ତ ଜାତୀୟ ସଂହତିରେ ରୂପାନ୍ତରିତ କରନ୍ତି। ରାଷ୍ଟ୍ରୀୟ ଏକତା ଦିବସରେ, ରାଷ୍ଟ୍ର ନିର୍ମାଣରେ ସେମାନଙ୍କର ଅବଦାନ ଯେକୌଣସି ରାଜନୈତିକ କିମ୍ବା ସାଂସ୍କୃତିକ ପ୍ରୟାସ ପରି ଗୁରୁତ୍ୱପୂର୍ଣ୍ଣ। ସେମାନେ ନିଶ୍ଚିତ କରନ୍ତି ଯେ ସମନ୍ୱୟ, ନ୍ୟାୟ ଓ ଜାତୀୟ ସେବାର ଆଦର୍ଶ ଦେଶର ପ୍ରତ୍ୟେକ କୋଣରେ ଜୀବନ୍ତ ରହିବ।

ଭୁବନେଶ୍ୱର, ମୋ: 7008973541

## ବାସ୍ତବବାଦୀ ସାଧିକା ସୀତାଦେବୀ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ବାସ୍ତବବାଦ ପ୍ରସଙ୍ଗ ଉତ୍‌ଥାପିତ ହେବା ମାତ୍ରକେ ପାଶ୍ଚାତ୍ୟ ପୃଥିବୀର ସ୍ୱଭାବବାଦୀ ଓ ବାସ୍ତବବାଦୀ ସାହିତ୍ୟିକ ଆନ୍ଦୋଳନର ଚିତ୍ର ସଚେତନ ପାଠକମାନଙ୍କ ମାନସ ପଟରେ ଚିତ୍ରିତ ହୋଇଉଠିବା ସ୍ୱାଭାବିକ। ମାତ୍ର ଭାରତୀୟ ବାସ୍ତବତାବାଦ ସମ୍ପର୍କରେ ଯେଉଁ ଗଭୀର ଓ ବିସ୍ତୃତ ଚିନ୍ତନ ମନ୍ଥନ ଆବଶ୍ୟକ, ଏହା ଆଶାନୁରୂପ ଉପସ୍ଥାପିତ ହୋଇପାରିନାହିଁ। କିନ୍ତୁ ବିଶିଷ୍ଟ ସାହିତ୍ୟ ସାଧିକା ସୀତାଦେବୀ ଖାଡ଼ଙ୍ଗା ଯେ ତତ୍କାଳୀନ ସାହିତ୍ୟ ଜଗତରେ ଥିଲେ ପ୍ରକୃତ ବାସ୍ତବତାବାଦୀ ଉଚ୍ଚମାନର ସାହିତ୍ୟ ସାଧିକା -ଏହା ସ୍ୱକୀୟ ବିଚାରବୋଧ ଦ୍ୱାରା ନିର୍ଣ୍ଣୟ କରିପାରିବା ଏକ ଗୌରବଦୀପ୍ତ ଅନୁଭବ।

ସୀତାଦେବୀ ଯେଉଁ ସାମାଜିକ ପରିବେଶ ମଧ୍ୟରେ ଜନ୍ମ ନେଲେ ସେଥିରେ ଚତୁର୍ଦ୍ଦିଗରେ ଘେରି ରହିଥିଲା ରକ୍ଷଣଶୀଳତାର ବହଳ କଳା ପରଦା। ସେଇ ଅନ୍ଧକାରାବୃତ୍ତ ବାତାବରଣକୁ ସେହି ନାରୀ ପ୍ରତିଭା ହିଁ ବିନମ୍ରତା ସହ ଅତିକ୍ରମ କରିଯାଇପାରନ୍ତି, ଯାହାଙ୍କ ହୃଦୟକୁ ଆଲୋଡ଼ିତ କରିପାରେ ବାହାର ସଂସାରର ଅସଂଗତି ଓ ଅଚେତନତା। ତାହା ହୋଇ ନଥିଲେ ସୀତାଦେବୀ କିପରି ରଚନା କରିପାରିଥା'ନ୍ତେ 'ମନ୍ଦିର ପ୍ରବେଶ' ପରି ନାଟକ! ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିଥା'ନ୍ତେ କେଉଁ ଜୀବନୀ-ଶକ୍ତି ବଳରେ!! ସୃଷ୍ଟି କରିପାରିଲେ କିପରି 'ସଂସ୍କାରକ' ଶୀର୍ଷକ ଗଳ୍ପ ଅଥବା ଭିକ୍ଷୁକ ସମସ୍ୟା ପରି ପ୍ରବନ୍ଧ!!!

ସୀତାଦେବୀ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଛନ୍ତି ଅନ୍ତରର ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ବଳରେ। କବିତା, ନାଟକ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଏକାଙ୍କିକା, ଶିଶୁ ସାହିତ୍ୟ, ସାହିତ୍ୟ ସମାଲୋଚନା ଆଦି ସମସ୍ତ ପ୍ରକାର ଲେଖାରେ ନିଜସ୍ୱ ମୌଳିକ ଦୃଷ୍ଟିଭଙ୍ଗୀର ବଳିଷ୍ଠ ପରିଚୟ ଦେଇ ପାରିଛନ୍ତି ସେ। 'ଦାସୀର ଭାଗ୍ୟ, ' 'ଦୁଃଖୀ', 'ଭୁଲ', 'ବୃଥା ଗର୍ବ' ଆଦି ଅନେକ ଗଳ୍ପର ସ୍ରଷ୍ଟା ସେ। ନାଟକ ମଧ୍ୟରେ ରହିଛି 'ମନ୍ଦିର ପ୍ରବେଶ, ' 'ନିଷ୍ପତ୍ତି', 'ଜନ୍ମତିଥି', 'ଉପନ୍ୟାସ 'ପୌଷ୍ୟପୁତ୍ର', 'ଅଗ୍ରଜ', 'ପ୍ରତ୍ୟାବର୍ତ୍ତନ', କବିତା - 'ଶାନ୍ତିନିକେତନ', 'ପାନ୍ଥଶାଳା', 'ନୈବେଦ୍ୟ' ଆତ୍ମଜୀବନୀ - 'ମୋର ଜୀବନ ସ୍ମୃତି' ଆଦି ବିପୁଳ ସୃଷ୍ଟିର ତାଲିକା ହୋଇଯାଇ ପାରିବ ଦୀର୍ଘାୟିତ। ଗଦ୍ୟ ହେଉ ଅବା ପଦ୍ୟ, ସମାଜର ସମସ୍ୟା ଲେଖନ୍ତୁ ଅଥବା ନିଜ ବ୍ୟକ୍ତିନିଷ୍ଠ ଉପଲବ୍ଧି ବ୍ୟକ୍ତ କରନ୍ତୁ -ସର୍ବତ୍ର ତାଙ୍କ ଅନ୍ତରାତ୍ମାର ପରିଶୁଦ୍ଧତା ପ୍ରତିବିମ୍ବିତ।

ନିଜକୁ ସମସ୍ତ ପ୍ରକାରର ସଂକୀର୍ଣ୍ଣତାରୁ ମୁକ୍ତ ନ କଲେ, ବାଗଦେବୀ ତାଙ୍କ ସୂକ୍ଷ୍ମ ବୀଣାତାରର ମୂର୍ଚ୍ଛନାରେ ପ୍ରାଣ-ପ୍ରକୋଷ୍ଠରେ କାହିଁକି ଓ କିପରି ସୃଷ୍ଟି କରିବେ ସୃଜନିକାର ମର୍ମଧ୍ୱନି? ସୀତାଦେବୀ କି ଆନ୍ତରିକ ଭାବରେ ଗାଇଛନ୍ତି ଅନ୍ତରର ଅନୁଭୂତି! ସେ କହନ୍ତି -

'ଦେଇଛ ଅନେକ ପାଇଲୁ ସେ
ସବୁ ହୋଇଛୁ ପରିପୂର୍ଣ୍ଣ, କେଉଁ
କୋଣେ ଯଦି ଦ୍ୱେଷ ରୋଷ ଥାଏ,
ଅବିଳମ୍ବେ କର ଚୂର୍ଣ୍ଣ / ଦୁଃଖ ଅବସାଦ ଆସି କେଉଁକ୍ଷଣେ
ଗ୍ରାସ କରିଦେଲେ ପ୍ରାଣ, କେତେବେଳେ କେଉଁ ବେଶେ
ଆସି ପ୍ରଭୁ କର ମୋତେ ପରିତ୍ରାଣ।' - 'ପାନ୍ଥଶାଳା'

କବିତାରେ ପ୍ରକାଶିତ ତାଙ୍କର ଏହି ନିବେଦନ କି ମର୍ମସ୍ପର୍ଶୀ!

ଆତ୍ମକଥା ରଚନା ବେଳେ କି ନମ୍ରତାର ସହ ସେ ବିମୋଚନ କରିଦେଉଛନ୍ତି ଜୀବନାନୁଭୂତିର ଗୋଟିଏ ପରେ ଗୋଟିଏ ସ୍ତର! ପ୍ରତିଭା ସାମାଜିକ ସମର୍ଥନ ଲାଭ କରି ପ୍ରସ୍ଫୁଟିତ ହୁଏ ନାହିଁ। ସାମାଜିକ ସଂକୀର୍ଣ୍ଣତାକୁ ଅସ୍ୱୀକାର କରି ହିଁ ସେ ପ୍ରଜ୍ୱଳିତ ହୋଇଉଠେ - ତାହାର ପ୍ରତୀକ ସୀତାଦେବୀ। ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି' ମଧ୍ୟରେ ନିଜ ନିଷ୍କଳୁଷ ନିର୍ମଳ ଆତ୍ମାକୁ ଆବିଷ୍କାର କରିଛନ୍ତି ସେ। ସେହି ଭାବନାରେ ଲେଖିଛନ୍ତି କେତେ ଗୀତିଧର୍ମୀ କବିତା। ପାଠକର ଜାଣିବା ସକାଶେ ତାହାକୁ ଅନୁବାଦ ଆଖ୍ୟା ଦେଇଛନ୍ତି ସିନା; କିନ୍ତୁ ସେଥିରେ ତାଙ୍କରି ଆତ୍ମାନୁଶୀଳନ ହିଁ ରହିଛି ପ୍ରଚ୍ଛନ୍ନ। କେହି କେହି ତାଙ୍କ କବିତାରେ କବିଙ୍କ ବ୍ୟକ୍ତିସତ୍ତାଟିକୁ ଖୋଜି ପାଉଥିବା ବେଳେ ଗଦ୍ୟସୃଷ୍ଟିରେ ସମାଜ ସଚେତନ ଶିଳ୍ପୀ ସତ୍ତାକୁ ଲକ୍ଷ୍ୟ କରିପାରନ୍ତି। ବାସ୍ତବରେ ଏହି ବ୍ୟକ୍ତି ସତ୍ତା ଆଉ ସାମାଜିକ ପରିବର୍ତ୍ତନର ଆହ୍ୱାନ ଦେଉଥିବା ସାହସିନୀ ସୀତାଙ୍କ ମଧ୍ୟରେ କୌଣସି ତାରତମ୍ୟ ହିଁ ନାହିଁ। ପୁଣି ଶିଳ୍ପକଳା ଦୃଷ୍ଟିରୁ ତାଙ୍କ କଥା ସାହିତ୍ୟରେ ପୂର୍ଣ୍ଣତାର ଅନୁଭବ ଆମେ ଯେଉଁମାନେ କରିପାରୁନା, କଳାର ରହସ୍ୟ ଉନ୍ମୋଚନ ନିମିତ୍ତ ଆମ ଚେତନାର ମୁକୁଳନ ଅସମାପ୍ତ। ଭାରତୀୟ ବାସ୍ତବତାବାଦ ବୋଲି ନ କହି ବାସ୍ତବତାବୋଧ ବୋଲି କୁହାଯାଇପାରେ। ବାସ୍ତବବାଦ ମଧ୍ୟରେ ଏକାତ୍ମ ହୋଇ ରହିଥାଏ ଆଦର୍ଶବାଦ, ଯାହା ସୀତାଦେବୀ ଖାଡ଼ଙ୍ଗାଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱର ପ୍ରକୃତ କୀର୍ତ୍ତି।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅନାହାରରେ ଆଖି ବୁଜିଲେ...

ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ସରପଞ୍ଚ କନକଲତା ସର୍ଦ୍ଦାରଙ୍କ ସହ ଯୋଗାଯୋଗ କରାଯାଇଥିଲା। ତାଙ୍କର କିଛି କାଗଜପତ୍ର କିଛି ନଥିଲା; ସେଥିପାଇଁ ରାସନ କାର୍ଡ କଟିଯାଇଥାଇପାରେ ବୋଲି ସେ କହିଛନ୍ତି।

ଏ ସଂପର୍କରେ ଖବର ପାଇ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶରେ ବିଧାୟକ ଦଳ ଉପନେତା ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ପିସିସି ସଂଗଠନ ସୃଜନ ଅଭିଯାନ ଉପସଭାପତି ସୁଧାଂଶୁ ଦେଓ, ମୁଖପାତ୍ର ହିମାଂଶୁ ଲେଙ୍କା, ବିଧାୟକ ପ୍ରାର୍ଥୀ ଇଂ.ବିଭୂଭୂଷଣ ରାଉତ, ଡିସିସି ସଭାପତି ମାଗୁଣି ଜେନା, ପିସିସି ମହିଳା ସମ୍ପାଦକ ସ୍ୱର୍ଣ୍ଣଲତା ବାନରା, ଆଦିବାସୀ ନେତା ହିନ୍ଦୁ ଜାମୁଦା ଓ ସ୍ଥାନୀୟ ସଂଗଠକ ଗୀତାଞ୍ଜଳି ମହାନ୍ତ ପ୍ରମୁଖ ଗାଁକୁ ଗସ୍ତ କରି ସେଠାରେ ରହୁଥିବା ମାଙ୍କେଡିଆ ବସ୍ତିବାସିନ୍ଦାଙ୍କ ଦୟନୀୟ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ରସରକାର ଯେଉଁ କାଳିଆପାଣି ଖଣି ଅଞ୍ଚଳରୁ ବାର୍ଷିକ କୋଟି କୋଟି ଟଙ୍କା ରାଜସ୍ୱ ପାଉଛନ୍ତି ତା'ରି କୋଳରେ ରହୁଥିବା ଏହି ଆଦିବାସୀମାନେ ଆଜି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଇ-କେୱାଇସି ଅପ୍‌ଡେଟ ନାଁରେ ପ୍ରତିଦିନ ଅନେକ ଲୋକ ଭୋକ ଉପାସରେ ମୃତ୍ୟୁବରଣ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ରିସା ମାଙ୍କଡ଼ିଆଙ୍କ ମୃତ୍ୟୁ ଅନାହାରଜନିତ ବୋଲି ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛି କଂଗ୍ରେସ।

### ଗାଜାରେ ପୁଣି...

ମୃତକଙ୍କ ମଧ୍ୟରେ ମହିଳା ଓ ।।ଛୋଟପିଲା ସାମିଲ ରହିଛନ୍ତି ବୋଲି ଗାଜା ହସ୍ପିଟାଲ ତରଫରୁ କୁହାଯାଇଛି। ୨୦ ଦିନ ତଳେ ଇସ୍ରାଏଲ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ସେପ୍ଟେମ୍ବର ୨୯ରେ ବିଂଶ ସୂତ୍ରୀ ଶାନ୍ତି ଯୋଜାନ ଉପସ୍ଥାପନା କରାଯାଇଥିଲା। ଅକ୍ଟୋବର ୯ରେ ହମାସ ଏଥିରେ ସମ୍ମତି ପ୍ରକାଶ କରିଥିଲା।

ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ହମାସ ଗାଜାରେ ରହିଥିବା ଇସ୍ରାଏଲ ସୈନିକଙ୍କ ଉପରେ ଆକ୍ରମଣ କରୁଛି ଓ ମୃତ ପଣବନ୍ଦୀଙ୍କୁ ଫେରାଇବା ନେଇ ହୋଇଥିବା ଚୁକ୍ତିର ଉଲ୍ଲଂଘନ କରୁଛି। ହମାସ ରେଡ ଲାଇନ୍ ପାର କରିଛି ଓ ଏବେ ହମାସକୁ ମୂଲ୍ୟ ଦେବାକୁ ହେବ ବୋଲି ସେ କହିଛନ୍ତି। ସେପଟେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଙ୍ଗଳବାର ରାତିରେ ହମାସ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ହମାସ ସବୁ ଅଭିଯୋଗକୁ ଖଣ୍ଡନ କରିଛି। ଏବେ ଇସ୍ରାଏଲ ଗାଜାରେ ମାନବିୟ ସହାୟତାକୁ ରୋକିବା ସହ ଗାଜାର ଅଞ୍ଚଳରେ ନିଜର ଅକ୍ତିଆର ବୃଦ୍ଧି କରିବା ଓ ହମାସ ନେତାଙ୍କ ଉପରେ ଆକ୍ରମଣ କରୁଥିବା କୁହାଯାଉଛି।

### ୪ ପୁଲିସ କର୍ମଚାରୀ...

ହେଲିକପଟର। ପୁଲିସ ଏହି ଅଞ୍ଚଳରେ ପ୍ରବେଶ କରିବା ମାତ୍ରେ ରେଡ୍ କମାଣ୍ଡ ଗ୍ୟାଙ୍ଗର ସଦସ୍ୟ ସେମାନଙ୍କ ଉପରକୁ ଗୁଳିମାଡ଼ ଆରମ୍ଭ କରିଥିଲେ। ପୁଲିସକୁ ରୋକିବା ପାଇଁ ସେମାନେ ସଡ଼କ ଉପରେ ଜଳୁଥିବା ବ୍ୟାରିକେଡ୍ ମଧ୍ୟ ଲଗାଇଥିଲେ। ସେମାନେ ଡ୍ରୋନରୁ ବୋମା ମାଡ଼ ମଧ୍ୟ କରିଥିଲେ। ଏହାର ଜବାବରେ ପୁଲିସ ମଧ୍ୟ ସେମାନଙ୍କ ଉପରକୁ ଗୁଳିମାଡ଼ କରିଥି ଲା। ଆକାଶମାର୍ଗରୁ ହେଲିପଟର ଓ ଡ୍ରୋନରୁ ମଧ୍ୟ ମାଫିଆଙ୍କ ଉପରେ ବୋମା ମାଡ଼ କରାଯାଇଥିଲା। ପୁଲିସ ଓ ଅପରାଧୀ ମଧ୍ୟୋର ସଂଘର୍ଷ ଯୋଗୁଁ ମୋଟ୍ ଉପରେ ୬୪ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଏଥିରେ ୪ ଜଣ ପୁଲସ କର୍ମଚାରୀ ସାମିଲ ଅଛନ୍ତି।

ସୂଚନାଯୋଗ୍ୟ ଯେ ଗୋଟିଏ ବର୍ଷ ପୂର୍ବରୁ ପୁଲିସ ଏହି ଅପରେସନ ଆରମ୍ଭ କରିବାକୁ ଯୋଜନା କରିଥିଲା। ଏହି ଅପସରେସନରେ ପୁଲିସ ୮୦ ଜଣଙ୍କୁ ଗିରଫ କରିଛି। ଏହି କାର୍ଯ୍ୟାନୁଷ୍ଠାନ ପରେ ଆଖାପାଖ ଅଞ୍ଚଳରେ ରହୁଥିବା ୩ ଲକ୍ଷ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏହି ଅଞ୍ଚଳକୁ ରେଡ୍ କମାଣ୍ଡର ମୁଖ୍ୟ ଠିକଣା ବୋଲି କୁହାଯାଉଛି। ଏହି ଅଞ୍ଚଳରେ ନିଶାଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ବହୁଳ ଭାବେ କରାଯାଇଥାଏ। ଏହି ଅପରେସନ୍‌ରେ ୨୦୦ କିଲୋରୁ ଅଧିକ ଡ୍ରଗ୍ସ, ଅନେକ ରାଇଫଲ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ଦୁଷ୍କର୍ମ ପରେ...

ଉଦ୍ଦେଶ୍ୟରେ ତାଙ୍କ ମୁହଁକୁ ପୋଡି ଦିଆଯାଇଥିବା ଆଲୋଚନା ହେଉଛି। ସମସ୍ତ ଦିଗକୁ ଅନୁଧ୍ୟାନ କରି ପୁଲିସ ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ପ୍ରକୃତ କଥା ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ମଳୟ ପଣ୍ଡା ସୂଚନା ଦେଇଛନ୍ତି।

### ବାତ୍ୟା ଗଲା...

ରେକର୍ଡ କରାଯାଇଥିବା ବେଳେ ଗଜପତି ଜିଲ୍ଲାର ଗୋଷାଣୀଠାରେ ସର୍ବାଧିକ ୧୫୦.୫ ମିମି ଏବଂ ଗଞ୍ଜାମ ଜିଲ୍ଲାର ପାତ୍ରପୁର ୧୭୦.୪ ମିମି. ବର୍ଷା ରେକର୍ଡ କରାଯାଇଛି। ଏହି ବର୍ଷା ସହ ୨ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ୩୧ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ନେଇ ପାଣିପାଗ କେନ୍ଦ୍ର କହିଛି।

ସୂଚନା ଥାଉ କି, ବାତ୍ୟା 'ମୋନ୍ଥା' ମଙ୍ଗଳବାର ରାତି ପ୍ରାୟ ୭ଟାରେ ମଛଲିପଟନମ୍-କଳିଙ୍ଗପଟନମ୍ ମଧ୍ୟରେ କାକିନାଡ଼ା ଦକ୍ଷିଣ ଦିଗକୁ ନର୍ସାପୁରମ୍‌ଠାରେ ସ୍ଥଳଭାଗ ଛୁଇଁଥିଲା। ଭାରତୀୟ ପାଣିପାଗ ବିଭାଗର ସୂଚନା ମୁତାବକ, ପାଖାପାଖି ୫ଘଣ୍ଟା ଧରି ଏହି ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଜାରି ରହିଥିଲା। ଏହା ଆଇଏମ୍‌ଡିର ନିର୍ଦ୍ଧାରିତ କାକାନାଡ଼ାର ପ୍ରାୟ ୧୦୦ କିମି ଦୂରରେ ସ୍ଥଳଭାଗ ଅତିକ୍ରମ କରିଛି। ଟ୍ରାକ୍‌ରେ ସାମାନ୍ୟ ପରିବର୍ତ୍ତନ କାରଣରୁ ଓଡ଼ିଶାରେ ବର୍ଷାର ପରିମାଣ କମ୍ ରହିଛି। ବାତ୍ୟା ବାହ୍ୟବଳୟରେ ବାଦଲ ଖଣ୍ଡକୁ ଛାଡ଼ିଦେଲେ ବାତ୍ୟାର ପ୍ରମୁଖ ଅଂଶ ଓଡ଼ିଶାଠାରୁ ଯଥେଷ୍ଟ ଦୂରରେ ରହିଛି। ଫଳରେ ରାଜ୍ୟରେ ଆଶା କରାଯାଉଥିବା ବର୍ଷା ଓ ପବନର ପରିମାଣ ଅପେକ୍ଷାକୃତ କମ୍ ରହିଛି। ବର୍ତ୍ତମାନ ଏହା ଘଣ୍ଟା ପ୍ରତି ୧୫ କିମି ବେଗରେ ଆନ୍ଧ୍ରପ୍ରଦେଶ ସଂଲଗ୍ନ ତେଲଙ୍ଗାନା ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ଉତ୍ତର ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି।

ଅନ୍ୟପଟେ ଆସନ୍ତା ୨ ତାରିଖରୁ ରାଜ୍ୟରେ ଶୀତ ଆରମ୍ଭ ହେବ। ଏଥିପାଇଁ ପାଗ ଅନୁକୂଳ ହେବାରେ ଲାଗିଛି। ବର୍ତ୍ତମାନ ରାଜ୍ୟରେ ପାଗ ମେଘୁଆ ରହୁଛି। ରାଜ୍ୟକୁ ସମୁଦ୍ର ପବନ ଆସୁଥିବାରୁ ତାପମାତ୍ରା ଅଧିକ ରହିଛି। ଆକାଶରୁ ମେଘ ହଟିଲେ, ତାପମାତ୍ରା ହଠାତ୍ କମିବ। ଏହା ସହିତ ବର୍ତ୍ତମାନର ଅବପାତ ଝାଡ଼ଖଣ୍ଡ ଓ ବିହାରମୁହାଁ ହେବ। ସମାନ ଭାବେ ମହାରାଷ୍ଟ୍ର ଉପରେ ୧ତାରିଖ ବେଳକୁ ଏକ ଗୁରୁଚାପ ବଳୟ ସୃଷ୍ଟି ହେବ। ଏହା ଫଳରେ ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ବାୟୁ ବହିବ। ତେଣୁ ୨ ତାରିଖଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୫ରୁ ୬ ଡିଗ୍ରୀ ହ୍ରାସ ପାଇ ପହିଲି ଶୀତ ଅନୁଭୂତ ହେବ। ପରେ ୬ ତାରିଖରୁ ୨-୩ ଦିନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବାର ଥିଲେ ମଧ୍ୟ ଏହାପରେ ତାପମାତ୍ରା ପୁଣି ହ୍ରାସ ପାଇବ ଓ ଶୀତ ଜାରି ରହିବ।

### 'ମୋନ୍ଥା'ରେ ୩୩ ବ୍ଲକ୍...

ଆଦି ଅଧିକାରୀମାନେ ଆଣିବେ। ଫଳରେ ଅନଲାଇନରେ ତୁରନ୍ତ କ୍ଷତିପୂରଣ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ଯେ ବାତ୍ୟାରେ ୩୩ଟି ବ୍ଲକ୍, ୧୧ଟି ସହରାଞ୍ଚଳ ଓ ୩୫୮ଟି ଗ୍ରାମ ପ୍ରଭାବିତ ହୋଇଛି। ୩୬୨ଟି ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇ ୧୮୭୩୨ ଜଣ ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଯେଉଁ ସ୍ଥାନରେ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହୋଇଥିଲା ସେସବୁକୁ ପୁନଃସଂସ୍ଥାପିତ ଓ ସ୍ୱାଭାବିକ କରାଯାଇପାରିଛି। ଯେଉଁଠାରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିଲା, ସେଠାରେ ତୁରନ୍ତ ଗଛ କାଟି ରାସ୍ତା ସଫା କରାଯାଇଛି। ୩୧ ତାରିଖ ବେଳକୁ ପରିସ୍ଥିତି ସ୍ୱାଭାବିକ ହୋଇଯିବ। ୩୦ ପରଠାରୁ କ୍ଷୟକ୍ଷତିର ଆକଳନ କରାଯାଇ ଆବଶ୍ୟକୀୟ ସରକାରୀ ସହାୟତା ପ୍ରଦାନ କରାଯିବ।

ବାତ୍ୟା ମୁକାବିଲା ପାଇଁ ୩୩ଟି ଓଡ୍ରାଫ୍ ଦଳ, ୫ଟି ଏନ୍‌ଡିଆର୍‌ଏଫ୍, ୧୩୩ଟି ଅଗ୍ନିଶମ ବାହିନୀଙ୍କୁ ମିଶାଇ ମୋଟ ୧୬୧ଟି ଦଳ ନିୟୋଜିତ ହୋଇଥିଲେ। ୨୧୬୪ଟି ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀକୁ ଚିହ୍ନଟ କରାଯାଇ ୧୮୭୩୨ ଜଣ ଲୋକଙ୍କୁ ନିରାପଦ ଭାବରେ ସ୍ଥାନାନ୍ତର କରାଯାଇଥିଲା। ଏତଦ୍‌ବ୍ୟତୀତ ୨୧୯୮ ଜଣ ଆସନ୍ନ ପ୍ରସବା ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ଓ ମା'ଗୃହକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା। ଏବେ ସେମାନେ ସେଠାରେ ସୁରକ୍ଷିତ ଅଛନ୍ତି ଏବଂ କେତେକ ମାତୃତ୍ୱ ଲାଭ କରିଛନ୍ତି। ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ଅଞ୍ଚଳରେ ୭୦ଟି ଡାକ୍ତରୀ ଦଳ ନିୟୋଜିତ କରାଯାଇଥିବାବେଳେ ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୩୫ଟି ପଶୁଚିକିତ୍ସା ଦଳ ନିୟୋଜିତ ହୋଇଥିଲେ ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି।

### ପ୍ରଚାର ମଇଦାନକୁ...

ନବୀନ ଦ୍ୱିତୀୟ ଥର ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇବା ସହ ଖରିଆର ରୋଡଠାରୁ ନୂଆପଡା ଯାଏଁ ବିଶାଳ ରୋଡ ଶୋ କରିବେ। ନବୀନଙ୍କ ନୂଆପଡ଼ା ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେବା ପରେ ଦଳର ନେତା, କର୍ମୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବେଶ୍ ଉତ୍ସାହିତ ଅଛନ୍ତି। ଏପଟେ ନବୀନଙ୍କ ଗସ୍ତ ଏବଂ ନିର୍ବାଚନ ପ୍ରଚାରକୁ ନେଇ ମତ ରଖୁଛନ୍ତି ରାଜନୈତିକ ସମୀକ୍ଷକ। ସାଧାରଣ ଲୋକଙ୍କ ମଧ୍ୟରେ ନବୀନ ବାବୁଙ୍କର ଯାଦୁ, ପ୍ରଭାବ ଏବେବି ଅପରିବର୍ତ୍ତିତ ରହିଛି। ନବୀନ ପଟ୍ଟନାୟକଙ୍କ ପ୍ରଚାର ନିଶ୍ଚିତ ଭାବେ ସ୍ନେହାଙ୍ଗିନୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି।

### ବିକ୍ରି ହେବ...

ପାଇଁ ଆଲୋଚନାକୁ ଏବେ ତୀବ୍ର କରିଛି। ଏହି କାରବାର କିପରି ଆଗକୁ ବଢ଼ିବ ତାହା ମଧ୍ୟ ସ୍ଥିର କରାଯାଉଛି। ଏହା ଏକ ଯୋଗ୍ୟ ସଂସ୍ଥାଗତ ପ୍ଲେସମେଣ୍ଟ (କ୍ୟୁଆଇପି) କିମ୍ବା ଓପନ୍ ଫର ସେଲ୍ (ଓଏଫ୍‌ଏସ୍) ମାଧ୍ୟମରେ ହୋଇପାରେ। ଏକ ସୂତ୍ର କହିଛି ଯେ ଆଗାମୀ ସପ୍ତାହଗୁଡ଼ିକରେ ନିର୍ଦ୍ଧାରିତ ରୋଡ ଶୋ'ରେ ନିବେଶକଙ୍କ ଚାହିଦା ଉପରେ ଆଧାର କରି ନିଷ୍ପତ୍ତି ନିଆଯିବ। ତେବେ ଏ ସମ୍ପର୍କରେ ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି ଯେ ଏହି ପ୍ରସଙ୍ଗ ବର୍ତ୍ତମାନ ବିଚାରାଧୀନ ରହିଛି, କିନ୍ତୁ ତାହା ଉପରେ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

### ଗାଞ୍ଜିଆରେ ଧନ...

ଚିନ୍ତା ପ୍ରକଟ କରିଛନ୍ତି। ଅପରପକ୍ଷେ ନିଜ ନିଜ ବିଭାଗର ବଜେଟ ଖର୍ଚ୍ଚକୁ ଧ୍ୟାନ ଦେବା ପରିବର୍ତ୍ତେ, ମନ୍ତ୍ରୀମାନେ କିଛିଦିନ ହେଲା ନୂଆପଡ଼ାରେ ଉପ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ପ୍ରାୟ ୮ ଜଣ ମନ୍ତ୍ରୀଙ୍କୁ ଜୋନୱାରୀ ଦାୟିତ୍ୱ ମିଳିଥିବା ବେଳେ ଅନ୍ୟ କେତେକ ମନ୍ତ୍ରୀ ମଧ୍ୟ ସହଯୋଗୀ ଭୂମିକାରେ ରହିଛନ୍ତି। ଆସନ୍ତା ୯ ତାରିଖ ଯାଏଁ ସେମାନେ ନୂଆପଡ଼ାରେ ରହିବାକୁ ଥିବାବେଳେ ଏପଟେ ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏକପ୍ରକାର ଠପ୍ ହୋଇ ପଡ଼ିଲାଣି। ଦଳ ସହ ମନ୍ତ୍ରୀମାନେ ନିଜ ବିଭାଗ ମଧ୍ୟ ଗୁରୁତ୍ୱ ଦେବା ଜରୁରୀ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

### ୧୩ ଲକ୍ଷ ଟଙ୍କା...

ସମୟରେ ସେ କହିବା ଅନୁଯାୟୀ ୧୩ ଜଣ ପୁରୁଷ ଓ ୫ ଜଣ ମହିଳା ଏଜେଣ୍ଟ / ସୁପରଭାଇଜର ମୋଟ ୧୮ ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯାଇଥିବା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଆଜି ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନଙ୍କୁ ପୁଲିସ ଅଟକ ରଖି ଅଧିକ ତଦନ୍ତ କରୁଛି। ଏହାସହ ଚାରପାଲିର ଭାଗ୍ୟଶ୍ରୀ ମହାନନ୍ଦଙ୍କଠାରୁ ୧୩ ଲକ୍ଷ ଟଙ୍କା ଜବତ କରାଯାଇଥିବା ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୩ ତାରିଖ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସମୟରେ ସେମାନଙ୍କଠାରୁ ୬୨ ଲକ୍ଷ ଟଙ୍କା ଜବତ କରିଥିଲା।

ଏସ୍‌ପି ଶ୍ରୀ ଭାମୁଙ୍କ ସୂଚନା ଅନୁଯାୟୀ, ବୁର୍ଲା ଥାନାରେ ଚାକିରୀ ଠକେଇକୁ ନେଇ ରୁଜୁ ହୋଇଥିବା କେସ ନଂ. ୪୬୪ ତା ୨୩-୧୦-୨୦୨୫ରେ ହୋଇଥିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ରାହୁଲକୁ ରିମାଣ୍ଡରେ ଆଣି ପଚରାଉଚୁରା କରାଗଲା। ପଚରାଉଚୁରା ସମୟରେ ରାହୁଲ କହିଥିବା ନାମଗୁଡ଼ିକ ଯାଞ୍ଚ କରାଗଲା। ୧୮ ଜଣ ଏଜେଣ୍ଟ / ସୁପରଭାଇଜରଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଯେଉଁ ଭୁବନେଶ୍ୱରର ଜଣେ ମାଷ୍ଟର ମାଇଣ୍ଡ ଅଛନ୍ତି ବୋଲି କହୁଥିଲେ ତାହା ମିଛ ଏବଂ ସେ ନିଜେ ମାଷ୍ଟର ମାଇଣ୍ଡ ବୋଲି ସ୍ୱୀକାର କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଭୁବନେଶ୍ୱରର ଜଣେ ବ୍ୟକ୍ତି ବୋଲି କହୁଥିବାବେଳେ ନିଜ ବାପାଙ୍କ ନମ୍ବର ଦେଇ ଅଭିଯୁକ୍ତ ରାହୁଲ ଫୋନ୍‌କୁ ସ୍ୱିଚ୍‌ଅଫ୍ କରି ଦେଇଥିଲା। ରାହୁଲ ଓରଫ ସମ୍ରାଟ ସାହୁ ମାଷ୍ଟର ମାଇଣ୍ଡ ହୋଇଥିବାବେଳେ ତାଙ୍କସହ ପଦ୍ମା ତାଣ୍ଡି ଓ ଭାଗ୍ୟଶ୍ରୀ ମହାନନ୍ଦ ରହିଛନ୍ତି ବୋଲି ଏସ୍‌ପି କହିଥିଲେ। ଚାରପାଲି ଗାଁର ଭାଗ୍ୟଶ୍ରୀ ମହାନନ୍ଦଙ୍କଠାରୁ ୧୩ ଲକ୍ଷ ଟଙ୍କା ଏବଂ ଆଧାରକାର୍ଡ, ବ୍ୟାଙ୍କ ପାସବୁକ ଆଦି ଜବତ କରାଯାଇଛି। ସେ ୪୯୨ ଜଣ ଲୋକଙ୍କୁ ନିୟୋଜିତ କରି ଟଙ୍କା ନେଇଥିଲେ। ଏସ୍‌ପି କହିଛନ୍ତି, କୌଣସି କାମ ହେଉନଥିବାବେଳେ ଟଙ୍କା ନେବାପରେ କେବଳ ଫଟୋ ଉଠାଇ ତାହାକୁ ଅପ୍‌ଲୋଡ କରାଯାଉଥିଲା। ଚାକିରୀ ଦେଇ ବିନା କାମରେ ଦରମା ଦେଉଥିଲେ, ଏଭଳି କୋଉଠି ବି ସମ୍ଭବ ନୁହେଁ। ଲୋକମାନେ ଯାଇ ଏସ୍‌ଏମ୍‌ସିରେ ପଚାରିବା କଥା। ଏଭଳି କ୍ଷେତ୍ରରେ ସମ୍ପୃକ୍ତ ବିଭାଗକୁ ଯାଇ ଯାଞ୍ଚ କରନ୍ତୁ ନଚେତ୍ ପୁଲିସ ପାଖକୁ ଆସିଲେ ପୁଲିସ ଯାଞ୍ଚ କରି ସତ୍ୟାସତ୍ୟ ବାହାର କରିବ। ଚାକିରୀ କ୍ଷେତ୍ରରେ ଲୋକମାନେ ସଜାଗ ଓ ସତର୍କ ହେବା ଆବଶ୍ୟକତା ରହିଛି ବୋଲି ଏସ୍‌ପି କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ମହାନଗର ନିଗମରେ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦେବା ପାଇଁ ଆରମାକ୍ସ ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥା ଲୋକଙ୍କ ପାଖରୁ ଟଙ୍କା ନେଉଥିଲା। ସଫେଇ କର୍ମଚାରୀ ଭାବେ ଚାକିରୀ କରିବାକୁ ହେଲେ ପ୍ରାଥମିକ ଭାବେ ଜଣ ପିଛା ୧୨ ହଜାର ଟଙ୍କା ଦେବାକୁ ପଡୁଥିଲା। ପରେ ଉକ୍ତ ସଂସ୍ଥା ଦିନକୁ ଘଣ୍ଟେ କାମ କଲେ ୪ ଶହ ଟଙ୍କା ଦେଉଥିଲା। ଏପରି ଭାବରେ ସମ୍ବଲପୁର, ବରଗଡ଼ ଓ ସୋନପୁର ଜିଲ୍ଲାର ପ୍ରାୟ ୨ ହଜାର ଲୋକଙ୍କ ପାଖରୁ ଏହି ସଂସ୍ଥା ଠକେଇ କରିଛି। ଏହି ମାମଲାରେ ବୁର୍ଲା ପୁଲିସ ପ୍ରଥମେ ଦୁଇ ଅଭିଯୁକ୍ତ ସମ୍ବଲପୁର ବଡ଼ବଜାରର ରାହୁଲ ଓରଫ ସମ୍ରାଟ ରାୟ ଏବଂ ସତୁପାଲି ଗାଁର ପଦ୍ମାବତୀ ତାଣ୍ଡିଙ୍କୁ ଗତ ୨୩ ତାରିଖ ଗିରଫ କରି କୋର୍ଟଚାଲାଣ କରିଥିଲା। ଗତ ୨୭ ତାରିଖ ମୁଖ୍ୟ ଅଭିଯୁକ୍ତ ରାହୁଲକୁ ପୁଲିସ ଦୁଇଦିନିଆ ରିମାଣ୍ଡରେ ଆଣି ପଚରାଉଚୁରା କରିଥିଲା।

---

**ଟିଟିଲାଗଡ ପାଉମେକ୍ସ ଷ୍ଟିଲ କାରଖାନା ଡିଜିଏମ ହତ୍ୟା ଘଟଣା**

## ୫ ଅଭିଯୁକ୍ତଙ୍କୁ ଜାମିନ

କଟକ,୨୯ ।୧୦(ସମିସ): ଟିଟିଲାଗଡ଼ ପାଉମେକ୍ସ ଷ୍ଟିଲ କାରଖାନାର ଡିଜିଏମ ରାଧେଶ୍ୟାମ ରାୟଙ୍କ ହତ୍ୟା ମାମଲାରେ ୫ଜଣ ଅଭିଯୁକ୍ତଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଥିବା ବେଳେ ଜଣଙ୍କର ଜାମିନ ଖାରଜ କରିଛନ୍ତି। ମହତାବ ଖାରସେଲର ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ଅନ୍ୟ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ନାଗ, ଅନ୍ତରାମ ବିଶି, ବୀରେନ୍ଦ୍ର ବାଗ, ଗରୁଡ଼ଧ୍ୱଜ ସାହୁ ଓ ମଦନ ଜାଲଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ୫୦ ହଜାର ଟଙ୍କାର ଦୁଇ ଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ଏମାନଙ୍କୁ ଜାମିନରେ ଛାଡ଼ିବେ ବୋଲି ଜଷ୍ଟିସ ଗୌରୀଶଙ୍କର ଶତପଥୀ ରାୟ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୧୧ରେ ଟିଟିଲାଗଡ଼ରେ ଥିବା ପାଉମେକ୍ସ ଷ୍ଟିଲ କାରଖାନାର ଡିଜିଏମ ରାଧେଶ୍ୟାମ ରାୟଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡରେ ସଂପୃକ୍ତ ୫୨ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩୫ ଜଣଙ୍କ ବିରୋଧରେ ଅଦାଲତରେ ମାମଲା ଶୁଣାଣି ହୋଇଥିଲା। ଏଥିମଧ୍ୟରୁ ମାତ୍ର ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିଲେ।

**■ ହାଇକୋର୍ଟରେ ରାଜ୍ୟ ସରକାରଙ୍କ ଜବାବ ଦାଖଲ**

## ସରକାରୀ ଜମି ଜବରଦଖଲମୁକ୍ତ ପାଇଁ ଆକ୍ସନପ୍ଲାନ ପ୍ରସ୍ତୁତ

କଟକ,୨୯।୧୦(ସମିସ): ସରକାରୀ ଜମିର ସୁରକ୍ଷା ଓ ଜବରଦଖଲରୁ ମୁକ୍ତ ପ୍ରସଂଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିପାଇଁ ନୀତିଗତ ନିଷ୍ପତ୍ତି ନିଆଯିବା ସହ ସରକାରୀ ଜମି ଜବରଦଖଲ ପ୍ରସଂଗରେ ସରକାର ଶୂନ୍ୟ ଶହନଶୀଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ହାଇକୋର୍ଟରେ ଆଜି ରାଜ୍ୟ ସରକାରଙ୍କ ତରଫରୁ ଜବାବ ଦାଖଲ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅଞ୍ଚଳରେ ସରକାରୀ ଜମିରେ ଥିବା ଏକ ରାସ୍ତାକୁ ଜବରଦଖଲ କରାଯାଇଥିବା ଅଭିଯୋଗ ନେଇ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ସରକାର ପକ୍ଷ ରଖିଛନ୍ତି। ଅତିରିକ୍ତ ସରକାରୀ ଓକିଲ ଦେବାଶିଷ ତ୍ରିପାଠୀ ମାମଲା ଶୁଣାଣି ବେଳେ ଏହା ଦର୍ଶାଇଥିଲେ। ଆକ୍ସନ ପ୍ଲାନ କାର୍ଯ୍ୟକାରୀ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ସବୁ ଜିଲ୍ଲାପାଳଙ୍କୁ ଅଗଷ୍ଟ ୨୨ରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଓ ଏହା ସହିତ ସଂଲଗ୍ନ ଆକ୍ସନ ପ୍ଲାନର କପି ହାଇକୋର୍ଟରେ ଉପସ୍ଥାପନ କରିଥିଲେ ଏଜିଏ। ଜବରଦଖଲରେ ରହିଥିବା ସରକାରୀ ଜମିର ଚିହ୍ନଟ ଓ ଉଚ୍ଛେଦ ପାଇଁ ରାଜସ୍ୱ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ ଉପରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା।

ସରକାରୀ ଜମିର ସୁରକ୍ଷାକୁ ପ୍ରାଥମିକତା ଦେଇ ସୁରକ୍ଷା ବାଡ ନିର୍ମାଣ କରିବା ଓ ଫଳକ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ଉଲ୍ଲେଖ କରାଯାଇଥିଲା। ଦର୍ପଣ ତହସିଲ ଅଞ୍ଚଳରେ ଜବରଦଖଲ ଉକ୍ତ ରାସ୍ତା ରହିଥିବା ତଦନ୍ତରୁ ଜଣାପଡିବା ପରେ ଜବରଦଖଲମୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଥିଲା। ଏହି ପ୍ରକ୍ରିୟା ଶୀଘ୍ର ସଂପୂର୍ଣ୍ଣ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ସୁଦର୍ଶନ ସାମଲ ଓ ଅନ୍ୟମାନଙ୍କ ତରଫରୁ ଦାୟର ଏଜନସ୍ୱାର୍ଥ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ କପିଳ ଚରଣ ନାୟକ ମାମଲା ପରିଚାଳନା କରୁଥିଲେ।


**AFFIDAVIT**
I P S Priyadarsini, w/o- Manoranjan Swain, (D/o- Prasanta Kumar Mohapatra, as mentioned in Adhar Card) Resident of Ayatpur, Dist/PO- Cuttack, Pin- 754131, Odisha declare by this Affidavit No. CF. No.66 dated-25/09/25 that My daughters name in her Birth Certificate ( Regd. No. 571/2011, Regd. Date 11/ 01/2011) issued by Registrar Birth and Death, C.M.C Cuttack has been entered incorrect as "Priyanshi Priyadarsni" instead of "Priyanshi Priyadarshni" and henceforth she shall be known as **"Priyanshi Priyadarshni"** for all future purposes.

**AFFIDAVIT**
I P S Priyadarsini ,w/o- Manoranjan Swain (D/o- Prasanta Kumar Mohapatra as mentioned in Adhar Card)Resident of Ayatpur, Dist/PO- Cuttack, Pin- 754131, Odisha hereby declare vide Affidavit No. C.F No. 67 dated 25/09/25 that My name has been entered incorrect in my daughter's Birth Certificate as "P.S Priyadarshini" instead of "P S Priyadarsini".I declare that "P.S Priyadarshini" and "P S Priyadarsini" is the same person and my correct name **"P S Priyadarsini"** shall be used for future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar dated 27/10/2025 I Ratnakara Behera, Address Subash Nagar Basthi, Dumduma Housing Board Colony, Po: Dumduma, P.S. Khandagiri, Bhubaneswar, Dist – Khordha, Odisha, 751019 declare that I have changed the name of my daughter from Adyasa Behera to Adyasha Priyadarshini, Henceforth, she shall be known as **Adyasha Priyadarshini.**
**Ratnakara Behera**

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar dated 27/10/2025 I Ratnakara Behera, Address Subash Nagar Basthi, Dumduma Housing Board Colony, Po: Dumduma, P.S. Khandagiri, Bhubaneswar, Dist – Khordha, Odisha, 751019 declare that I have changed the name of my son from Sai Satyam Behera to Kumar Saisatyam Behera, Henceforth, he shall be known as **Kumar Saisatyam Behera.**
**Ratnakara Behera**

**AFFIDAVIT**
By virtue of an affidavit sworn before Executive Magistrate, Kutra, Dtd. 28/10/2025, I, LALITA NAIK, Address Vill./P.O.-Katang, P.S.- Kutra, Dist.- Sundargarh (Odisha), Pin-770023 declare that I have changed my name from LALITA AMAT to LALITA NAIK. Henceforth I shall be known as LALITA NAIK for all purposes.
**Sd/- Lalita Naik**

**AFFIDAVIT**
By virtue of an affidavit sworn before the Executive Magistrate/ Notary Public, Kantabanji, I, Manju Hianl, W/o- Shibraju Hianl, At/P.O: Chaulsukha, P.S. Kantabanji, Dist. Balangir do hereby declare that my correct name is Manju Hianl W/o- Shibraju Hianl. That in some of my documents, my name has been wrongly mentioned as Khiramani Nag. That both the names Manju Hianl, W/o- Shibraju Hianl and Khiramani Nag is one and the same person, i.e., myself.

**AFFIDAVIT**
I Renu Mishra, D/o- Sitaram Nayak, Resident of Flat No. E-403, 4th Floor, Baishnab Vihar, Phase-2, Near Durga Mandap, Bomikhal, Plot No- 220/3175, Po- Budheswari Colony Ps- Mancheswar, Bhubaneswar-751006, Dist Khordha, Odisha, declares by this affidavit No.357, on dated 15.10.2025 that now onwards I shall be known as **RENUBALA MISHRA** for all future purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an Executive Magistrate Bhubaneswar affidavit No. 33 on dated 28.10.2025. I Jayanti Mishra D/o- Harihara Panda, resident of Plot No- A/60, BJB Nagar, Bhubaneswar, Dist- Khordha, Odisha PIN- 751014, declare that after marriage my name has been changed from Jayanti Panda to Jayanti Mishra. Henceforth I shall be known as **JAYANTI MISHRA** W/o Ranjan Kumar Mishra for all future purposes.

**AFFIDAVIT**
I, Krishna Kumar Mundra, aged about 42 years, S/o- Late Kailash Nath Mundra, resident of Main Road, Jharsuguda, PO/PS/Dist- Jharsuguda, PIN-768201, Odisha declared by this affidavit No. 11, dtd- 28/10/2025 that now onwards I shall be known as **KRISHNA MUNDRA** for all future purposes.

**AFFIDAVIT**
I, Reena Mahapatra, aged about 43 years, W/o- Sachindra Saraf, resident of At/Po- Laikera, Ps- Laikera, Dist- Jharsuguda , Odisha, PIN- 768215, declare by this affidavit No. 2202, dtd- 28.10.2025, that now onwards I shall be known as **RINA SARAF** for all future purposes

**AFFIDAVIT**
I, Somya Prakash Parida S/o Kishor Chandra Parida, Resident of Plot No-771/3559, Oscar Vihar, Raghunathpur, Dist-Khordha, Odisha PIN- 751024, declare by this affidavit No 79AA 143399, dated-15.10.2025 that now onwards I shall be known as **SOUMYA PRAKASH PARIDA** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Nabarangpur vide no. 909 Dtd.30.07.2025, I, Rama Harijan, S/o- Hari Harijan resident of Vill.- Dhepaguda, Po.- Agnipur, Ps./Dist.- Nabarangpur, Odisha, state that, I have changed my minor son's name from **ASISHA HARIJAN** to **ASISH JOSHUA**. Henceforth she will be known as **ASISH JOSHUA** for all future purposes.
Sd/- Rama Harijan

**OFFICE OF THE PRINCIPAL-CUM-SECRETARY**
**BABA H.K. DAS, (DEGREE) MOHAVIDYALAYA**
At/Po - Markandpur, Dist- Jajpur, Pin-755062
E-Mail- babahkdasdegree.mohv@gmail.com.
**WANTED**
Guest Lecturers in subject Pol. Science & Junior Clerk (Computer Ability) are wanted for immediate engagement. The retired faculties and Non-teaching staff members below the age of 69 Years may apply through HIMS Portal on or before 31.10.2025.
The Salary for the above Cited Posts will be as per the notification of DHE. Odisha vide letter No- 57198 and 57203 on dated 23.10.2025
**Sd/-** Principal-cum-Secretary, Baba H.K. Das (Degree) Mahavidyalaya, Markandpur, Jajpur

**AFFIDAVIT**
I, Mahua Roy, W/o- Amitava Roy, resident of Flat no-14NB, Nilakantha Block, Mani Tribhuvan, Nandankanan road, Patia, Raghunathpur, Bhubaneswar, Dist- Khurda PIN-751024, Odisha declared by this affidavit No-784, dtd- 28/10/2025 that now onwards I shall be known as **MOHUYA ROY** for all future purposes

**AFFIDAVIT**
By virtue of an affidavit sworn before the Executive Magistrate, Padampur, I, Mayadhar Patel, At- Kurlubahal, Po- Melchhamunda, Dist- Bargarh, Pin–768035 do have changed my minor son's name from Kshireswari Patel to Kshireswar Patel. Henceforth he shall be known as **Kshireswar Patel** for all purposes.
**Sd/- Mayadhar Patel**

**AFFIDAVIT**
By virtue of an affidavit sworn before Executive Magistrate, Kutra, dated. 28.10.2025, I, Minati Majhi, W/o - Sreedhar Majhi, permanent resident of Vill.- Kunmendra, P.O.- Salangabahal, P.S.- Raiboga, Dist.- Sundargarh (Odisha), Pin-770033 declare that I have changed my minor son's name from SWATIK MAJHI to SWASTIK MAJHI. Henceforth, he shall be known as SWASTIK MAJHI for all purposes.
**Sd/- Minati Majhi**

**OFFICE OF THE PRINCIPAL**
**PRIYADARSHINI INDIRA DEGREE COLLEGE**
**JUNAGARH, DIST: KALAHANDI**
E-mail: pidmahavidyalaya@gmail.com
**WANTED**
Engagement of Guest Faculty Lecturers in the subject of Odia and Education including 01 no. of Junior Clerk, 01 no. of Demonstrator in Geography are wanted on contractual and temporary basis.The retired faculties and Non-Teaching members below the age of 69 years may apply through HRMS portal on or before 31.10.2025 as per letter No. 5719 and No.-57203 dated 23.10.2025, the remuneration for the above positions shall be paid as per the approved norms.
**Sd/- Principal-cum-Secretary**
P.I. Degree College, Junagarh

**AFFIDAVIT**
By virtue of an affidavit sworn before Executive Magistrate, Bissam Cuttack vide no. 2553/ 25 Dtd.29.10.2025, I, Trinath Pidikaka, S/o- Late Jagabanhu Pidikaka resident of Naringipanga, Po.- Dukum, Ps.- Bissam Cuttack, Dist.- Rayagada, Odisha, PIN- 765019 state that, I have changed my minor daughter's name from **BANA PIDIKAKA** to **BANDHANA PIDIKAKA**. Henceforth she will be known as **BANDHANA PIDIKAKA** for all future purposes.
Sd/-Trinath Pidikaka

**AFFIDAVIT**
By virtue of an affidavit sworn before the Executive Magistrate, Khariar, I, Debasish Chinmaya Nag, S/o- Jyoti Charan Nag resident of at ward no.- 01, Missionpada, Po.- Khariar, Dist.- Nuapada, Pin- 766107, Odisha state that, I have lost my Bachelor of Pharmacy Certificate, Pharmacy licence,10th Board Certificate, +2 Board Certificate with +2 Marksheet with other relevant Certificates theft during travelling in train.

**AFFIDAVIT**
I Deepak Ranjan Samanta, S/o- Late Harekrishna Samanta, resident of Amalapada, PO/PS- Angul, Dist- Angul, Pin-759122, Odisha declare by this affidavit No-3437, dated- 29/10/2025 that now on wards I shall be known as **DEEPAK RANJAN SAMANT** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Nabarangpur vide no. 908 Dtd.30.07.2025, I, Rama Harijan, S/o- Hari Harijan resident of Vill.- Dhepaguda, Po.- Agnipur, Ps./Dist.- Nabarangpur, Odisha, state that, I have changed my name from **RAMA HARIJAN** to **RAMA JOSHUA**. Henceforth she will be known as **RAMA JOSHUA**, S/o- Hari Harijan for all future purposes.

**AFFIDAVIT**
I, Sanghamitra Panigrahi, W/o- Ranjit Kumar Panda, resident of At- Prem Nagar, 5th Lane, Berhampur, Dist.- Ganjam, Pin: 760002, Odisha declare by this affidavit No. 73AA 332781, Dtd: 19.07.2025 that now onwards I shall be known as **SANGHAMITRA PANDA** for all future purposes.

Leadership and beyond
दि न्यू इण्डिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ:୦୬୭୪-୨୫୪୫୪୬୭

**ଲିଜ୍ ସୂତ୍ରରେ ବ୍ୟବସାୟିକ ଗୃହ ଆବଶ୍ୟକ**

ଟେଣ୍ଡର ରେଫ. ସଂ: ବିବିଏସ୍‌ଆରଓ/ଝାରସୁଗୁଡା ଓଓ ସ୍ଥାନାନ୍ତର/ସନ୍ଧାନ/ଚୟନ/୫୫୦୯୦୪/୦୦୨
ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍, କ୍ଷେତ୍ରୀୟ କାର୍ଯ୍ୟାଳୟ, ଏହାର ଝାରସୁଗୁଡା ଅପରେଟିଂ କାର୍ଯ୍ୟାଳୟ ନିମନ୍ତେ ନିମ୍ନଲିଖିତ ସ୍ଥାନରେ ୧୦୦୦-୧୨୦୦ ବର୍ଗଫୁଟ କାର୍ପେଟ ଏରିଆ ବିଶିଷ୍ଟ ତଳ କିମ୍ବା ପ୍ରଥମ ମହଲାରେ ଥିବା ବ୍ୟବସାୟିକ ଗୃହ ଲିଜ୍ ଭିତ୍ତିରେ ଜଉମୁଦ ଦିଆ ଲଫାପାରେ (ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ନିମନ୍ତେ ପୃଥକ) ପ୍ରସ୍ତାବମାନ ଆମନ୍ତ୍ରିତ କରୁଛି।
ଅବସ୍ଥିତି: ଆବଶ୍ୟକୀୟ ପାର୍କିଂ ଏରିଆ ସହିତ ଏହି ଗୃହ ମୁଖ୍ୟତଃ ସରବାହାଲ ଠାରୁ ବେହେରାମାଳ ଛକ, ଝାରସୁଗୁଡାରେ ହୋଇଥିବା ଆବଶ୍ୟକ।
ଟେଣ୍ଡର କାଗଜପତ୍ର (ଝାରସୁଗୁଡା ଅପରେଟିଂ କାର୍ଯ୍ୟାଳୟ, ୧ମ ମହଲା, ମିଶ୍ର ମାର୍କେଟ କମ୍ପ୍ଲେକ୍ସ, ମଙ୍ଗଳା ବଜାର ରୋଡ) କାର୍ଯ୍ୟାଳୟରୁ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୫.୩୦ ମଧ୍ୟରେ ସୋମବାରରୁ ଶୁକ୍ରବାର ସମସ୍ତ କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ। ଏହି ଟେଣ୍ଡର ସୂଚନା କଂପାନୀର ୱେବସାଇଟ: **www.newindia.co.in (public notice section)**ରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ।
ଟେଣ୍ଡର ଦାଖଲ କରିବାର ଅନ୍ତିମ ତାରିଖ: ୧୭.୧୧.୨୦୨୫ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।
ସ୍ୱା/- ଉପ ମହା-ପ୍ରବନ୍ଧକ

# ‘ମୋନ୍ଥା’ ପ୍ରଭାବରେ ୩୯୩.୮ ମିମି ବର୍ଷା

## ଆଶ୍ରୟସ୍ଥଳୀରୁ ଘରକୁ ଫେରିଲେ ଲୋକେ

କୋରାପୁଟ,୨୯।୧୦(ସମିସ): 

ମୋନ୍ଥା ପ୍ରଭାବରେ କୋରାପୁଟ ଜିଲ୍ଲାରେ ଗତ ୨୪ ଘଣ୍ଟାରେ ଅର୍ଥାତ୍ ବୁଧବାର ଅପରାହ୍ନ ୧୨ ଟା ମଧ୍ୟରେ ୩୯୩.୮ ମିମି ବର୍ଷା ହୋଇଥିବାବେଳେ କୌଣସି ପ୍ରକାର ଅଘଟଣ ଘଟି ନଥିବା ଜଣାପଡ଼ିଛି। ବାତ୍ୟା ମୋନ୍ଥାକ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରା ଯାଇଥିବାବେଳେ ଧନଜୀବନର ସୁରକ୍ଷା ପାଇଁ କେତେକ ନିର୍ଦ୍ଦେଶନାମା କରାଯାଇଥିଲା। ୨୪ ଘଣ୍ଟା ମଧ୍ୟରେ କୌଣସି ଧନ ଜୀବନର କ୍ଷତି ହୋଇ ନଥିବା ଜଣା ପଡ଼ିଛି। ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀକୁ ଯିବା ପାଇଁ ବାରଣ କରାଯାଇଥିବା କାରଣରୁ ସେ ସବୁ ଗତ ଦୁଇଦିନ ହେଲା ଖାଁ ଖାଁ ଲାଗୁଛି। ତେବେ ପାଣିପାଗ ବିଭାଗର ସୂଚନା ଅନୁଯାୟୀ କୋରାପୁଟ ଜିଲ୍ଲାକୁ ରେଡ ଆଲର୍ଟ ଜାରି କରାଯିବା ସତ୍ତ୍ୱେ ସେଭଳି କିଛି ପ୍ରଭାବ ଦେଖିବାକୁ ମିଳି ନାହିଁ। ଗତ ୨୪ ଘଣ୍ଟାରେ ଜିଲ୍ଲାରେ ୩୯୩.୮ ମିମି ବର୍ଷା ହୋଇଥିବା ବେଳେ ପଟ୍ଟାଙ୍ଗିରେ ସର୍ବାଧିକ ୯୪.୪ ମିମି ବର୍ଷା ହୋଇଥିବା ରେକର୍ଡ କରା ଯାଇଛି। ସେହିପରି କୋରାପୁଟ ବ୍ଲକରେ ୪.୬ ମିମି ବର୍ଷା ହୋଇଥିବା ବେଳେ ଲମତାପୁଟରେ ୬.୩, ବନ୍ଧୁଗାଁରେ ୬୦.୨ ନନ୍ଦପୁରରେ ୩୦, ଦଶମନ୍ତପୁରରେ ୧୦ ମିମି ବର୍ଷା ହୋଇଛି। ଅନ୍ୟ ପକ୍ଷରେ ନାରାୟଣପାଟଣା ବ୍ଲକରେ ୭୨.୨ ମିମି ବର୍ଷା ହୋଇଥିବା ବେଳେ ଲକ୍ଷ୍ମୀପୁରରେ ୬୩.୪, ସେମିଳିଗୁଡାରେ ୪୧.୧, କୋଟପାଡରେ ୨, କୁନ୍ଦୁରାରେ ୨, ବୋରିଗୁମ୍ମାରେ ୫.୬ ମିମି ବର୍ଷା ହୋଇଥିବା ବେଳେ ଜୟପୁର ଏବଂ ବୈପାରିଗୁଡ଼ା ବ୍ଲକରେ ଆଦୌ ବର୍ଷା ହୋଇନାହିଁ। ସେହିପରି ବାତ୍ୟାକୁ ନେଇ ପ୍ରଶାସନ ପକ୍ଷରୁ ଜନ ସଚେତନ କରାଇବା ପାଇଁ ଏନଡିଆରଏଫ୍ ଟିମ୍ ସହ ବିଭିନ୍ନ ଅଞ୍ଚଳ ଗସ୍ତ କରି ଅଧିକାରୀ ମାନେ ଲୋକଙ୍କୁ ବାତ୍ୟା ପ୍ରକୋପରୁ କିପରି ସୁରକ୍ଷିତ ରହିବେ ସେ ସମ୍ପର୍କରେ ସଚେତନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତେବେ ଗତ ୨୪ ଘଣ୍ଟାରେ ବାତ୍ୟା ଯୋଗୁଁ ୧୧୧୭ ହେକ୍ଟର ଜମିର ଚାଷ ନଷ୍ଟ ହୋଇଥିବା ବେଳେ ୧୩୯ ଟି କଚା ଘର ଭାଙ୍ଗିଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ସୂଚନା ଦେଇଛନ୍ତି। ପାଗରେ ପରିବର୍ତ୍ତନ ହେବା ପରେ ଆଶ୍ରୟ ସ୍ଥଳୀରେ ଥିବା ଲୋକେ ନିଜ ଘରକୁ ଫେରି ଯାଉଛନ୍ତି। ଯେଉଁ ମାନଙ୍କ ଘର ଭାଙ୍ଗିଛି କିମ୍ବା। ଚାଷ ନଷ୍ଟ ହୋଇଛି ସେ ସମ୍ପର୍କରେ ତୁରନ୍ତ ରିପୋର୍ଟ ଦେବାକୁ ତହସିଲଦାର ଓ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଛି। ସେହିପରି ଯେଉଁ ଅଞ୍ଚଳରେ ରାସ୍ତା ଭାଙ୍ଗିଛି ସେ ଗୁଡ଼ିକର ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦିଆ ଯାଇଛି। କେତେକ ଅଞ୍ଚଳରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହେଇଥିଲା କିନ୍ତୁ ଅଗ୍ନିଶମ ବିଭାଗ ଓ ଓଡରାଫ୍ ଟିମ ପହଞ୍ଚି ଗଛ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିବା ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି।

● କେବେ ହେବ ଇନ୍ଦ୍ରାବତୀରେ ବସଷ୍ଟାଣ୍ଡ ?

# ବଜାର ମଝିରେ ବସ୍ ବୁଲାଣିକୁ ନେଇ ଅସନ୍ତୋଷ



ତେନ୍ତୁଳିଖୁଣ୍ଟି,୨୯।୧୦(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ମୁଖ୍ୟ ବ୍ୟବସାୟିକ ଦପ୍ତର ଖାତିଗୁଡାରେ ବସଷ୍ଟାଣ୍ଡ ନାହିଁ। ଦୀର୍ଘ ଦିନରୁ ବସଷ୍ଟାଣ୍ଡ ଖଣ୍ଡେ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଇନ୍ଦ୍ରାବତୀରେ ବସଷ୍ଟାଣ୍ଡ ନିର୍ମାଣ ହୋଇପାରିନାହିଁ । ବସଷ୍ଟାଣ୍ଡ ନଥିବା କାରଣରୁ ବଜାର ମଝି ଜନଗହଳି ପୂର୍ଣ୍ଣ ଜଗନ୍ନାଥ ମନ୍ଦିର ଛକ ନିକଟରେ ବସ୍ ଗୁଡିକ ବୁଲାଉଛନ୍ତି। ଫଳରେ ଅନେକ ଛୋଟବଡ଼ ଦୁର୍ଘଟଣା ମାନ ଘଟୁଛି । ତଥାପି ପ୍ରଶାସନ ନିରବ ରହୁଛି । ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଗୁରୁବାର ଏକ ଘରୋଇ ବସ ବୁଲାଉଥିବା ସମୟରେ ପଛପଟୁ ଆସୁଥିବା ଏକ କାର ସହ ଦୁର୍ଘଟଣା ଘଟିଥିଲା। ଦୁର୍ଘଟନାରେ ବିଶେଷ କିଛି କ୍ଷତି ହୋଇନଥିଲେ ସୁଦ୍ଧା ଏହିଭଳି ଘଟଣା ବାରମ୍ବାର ଘଟୁଛି । ଏନେଇ ପୂର୍ବରୁ ଇନ୍ଦ୍ରାବତୀ ବ୍ୟବସାୟୀ ମାନେ ପ୍ରଶାସନ ନିକଟରେ ମୌଖିକ ଭାବେ ଜଣାଇଥିଲେ ସୁଦ୍ଧା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ସ୍ଥାନୀୟ ସେଣ୍ଟ୍ରାଲ ଷ୍ଟୋର ନିକଟରେ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ ଆଗେଇପାରିନାହିଁ । ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମଧ୍ୟ ଉକ୍ତ ସ୍ଥାନ ପରିଦର୍ଶନ କରି ବସଷ୍ଟାଣ୍ଡ ୯ପାଇଁ ଅନୁକୂଳ ସ୍ଥାନ ବୋଲି କହିବା ସହ ଉଭୟ ପ୍ରକଳ୍ପ ପ୍ରଶାସନିକ ଅଧିକାରୀ ଏବଂ ବ୍ଲକ ଅଧିକାରୀଙ୍କ ସହ ପୂର୍ବରୁ ଆଲୋଚନା କରିଛନ୍ତି। ଯେଉଁଠାରେ ଅଧିକାଂଶ ଘରୋଇ ବସ ବୁଲାଉଛନ୍ତି, ସେଠାରେ ବସ ବୁଲାଇବା ପାଇଁ ପ୍ରତିକୂଳ ସ୍ଥାନ ହୋଇନଥିଲେ ସୁଦ୍ଧା ଲୋକଙ୍କ ସମସ୍ୟା କାହାର ଦୃଷ୍ଟି ଗୋଚର ହେଉନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ବସ୍‌କୁ ପ୍ରକଳ୍ପ ସେଣ୍ଟ୍ରାଲ ଷ୍ଟୋର ନିକଟରେ ବୁଲାଇବା ପାଇଁ ପରାମର୍ଶ ଦେବା ସହ ତେନ୍ତୁଳିଖୁଣ୍ଟି ବ୍ଲକର ମୁଖ୍ୟ ବ୍ୟବସାୟିକ ଦପ୍ତର ଖାତିଗୁଡା ଠାରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହେଉଛି।

# ସରକାରୀ ନିର୍ଦ୍ଦେଶକୁ ମାନିଲେନି ଉଦ୍ୟାନ ବିଭାଗ ଅଧିକାରୀ



ପଟ୍ଟାଙ୍ଗି,୨୯।୧୦(ସମିସ): 

ବାତ୍ୟା ମୋନ୍ଥାରେ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ଅଛନ୍ତି ବ୍ଲକ୍ ଉଦ୍ୟାନ କୃଷି ଅଧିକାରୀ ରାନୁ ପ୍ରିୟା ସାହୁ। କାର୍ଯ୍ୟାଳୟରେ ଉପସ୍ଥିତ ନଥିବା ନେଇ ଅଭିଯୋଗ କରିଛନ୍ତି ଚାଷୀ। ଟେବୁଲ ଉପରେ ଗଦା ହୋଇ ରହିଛି ଫାଇଲ। ଦୀର୍ଘ ବର୍ଷ ଧରି ସରକାରୀ ସହାୟତା ପାଇ ପାରୁନଥିବା ନେଇ ଅଭିଯୋଗ ଆଣିଛନ୍ତି ଚାଷୀ। କୋରାପୁଟ ଜିଲ୍ଲା ଓଡ଼ିଶା ଆନ୍ଧ୍ର ସୀମାନ୍ତ ପଟ୍ଟାଙ୍ଗି ଠାରେ ବାତ୍ୟା ‘ମୋନ୍ଥା’ର ପ୍ରଭାବ ଦେଖିବାକୁ ମିଳିଛି। ବାତ୍ୟା ପ୍ରଭାବରେ ପଟ୍ଟାଙ୍ଗି ବ୍ଲକର କିଛି ପଞ୍ଚାୟତରେ ପ୍ରବଳ ମାତ୍ରାରେ ବର୍ଷା ସହ ପବନ ବୋହିଥିଲା। ପଟ୍ଟାଙ୍ଗି ବ୍ଲକରେ ବହୁଳ ମାତ୍ରାରେ ପନିପରିବା ସହ ଉଦ୍ୟାନ ବିଭାଗ ଚାଷ କରାଯାଉଛି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ବାତ୍ୟା ଫଳରେ କିଛି ସ୍ଥାନରେ ଚାଷ ନଷ୍ଟ ହୋଇଥିବା ନେଇ ସୂଚନା ଦେବା ପାଇଁ ଉଦ୍ୟାନ ଓ କୃଷି ବିଭାଗ କେନ୍ଦ୍ରରେ ପହଞ୍ଚିଥିଲେ ଚାଷୀ। କିନ୍ତୁ କାର୍ଯ୍ୟାଳୟରେ ବ୍ଲକ ଉଦ୍ୟାନ କୃଷି ଅଧିକାରୀଙ୍କ ଦେଖା ମିଳିନଥିଲା। ଚାଷୀଙ୍କ ଠାରୁ ବ୍ଲକ ଉଦ୍ୟାନ କୃଷି ଅଧିକାରୀଙ୍କ ତଳିଆ କର୍ମଚାରୀ ଉପସ୍ଥିତ ରହି ଚାଷୀଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ଓଡ଼ିଶା ସରକାର ସମ୍ଭାବ୍ୟ ବାତ୍ୟା ନିମନ୍ତେ ସମସ୍ତ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହା ବ୍ୟତିକ୍ରମ କରି ବ୍ଲକ ଉଦ୍ୟାନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଦେଖା ମିଳିନଥିଲା। କ୍ଷୟକ୍ଷତି ନେଇ ଅନ୍ୟ କର୍ମଚାରୀଙ୍କୁ ଚାଷୀ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ଚାଷ କରି ଚାଷୀ ଦୀର୍ଘ ବର୍ଷ ଧରି ପାଇବାକୁ ଥିବା ସବ୍ସିଡି ଟଙ୍କା ବର୍ତ୍ତମାନ ସୁଦ୍ଧା ପାଇନଥିବା ନେଇ କହିବା ପାଇ ଜଗିରହିଥିଲେ। ଚାଷୀ ଆବେଦନ କରିଥିବା କାଗଜପତ୍ର ବର୍ତ୍ତମାନ ସୁଦ୍ଧା ଅଧିକାରୀଙ୍କ ଟେବୁଲ ଉପରେ ପଡ଼ି ରହିଥିବା ଦେଖି ଉତ୍ତେଜିତ ହୋଇଛନ୍ତି। ବାରମ୍ବାର ଉକ୍ତ କାର୍ଯ୍ୟଳୟରେ ସମସ୍ୟା ନେଇ ଜଣାଇବା ପାଇ ବୁଲି ବୁଲି ଥକି ଗଲେଣି। ଉକ୍ତ ସମସ୍ୟା ନେଇ ବ୍ଲକ ଉଦ୍ୟାନ କୃଷି ଅଧିକାରୀ ରାନୁ ପ୍ରିୟା ସାହୁଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯିବା ସେ ସେ ତଦାରଖ କରିବା ପାଇଁ ଯାଇଥିବା କହିଥିଲେ। ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଚାଷୀ କାର୍ଯ୍ୟାଳୟରେ ଅପେକ୍ଷା କରି ଘରକୁ ଫେରିଥିବା ଅଭିଯୋଗ ହୋଇଛି। ।

# ରାତିରେ ସୁଲଭ ଶୌଚାଳୟରେ ତାଲା ; ମହିଳା ଯାତ୍ରୀ ଓ ପର୍ଯ୍ୟଟକ ହନ୍ତସନ୍ତ



କୋରାପୁଟ,୨୯।୧୦(ସମିସ): କୋରାପୁଟର ଶାବର ଶ୍ରୀକ୍ଷେତ୍ର ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ବର୍ଷ ତମାମ କୋରାପୁଟ ଜିଲ୍ଲାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସହ ଦେଓମାଳି, ରାଣୀ ଡୁଡୁମା ଭଳି ବିଭିନ୍ନ ସ୍ଥାନକୁ ନେଇ କୋରାପୁଟ ଏବେ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ। ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ କୋରାପୁଟ ଆସନ୍ତି । ହେଲେ ସ୍ଥାନୀୟ ଯାତ୍ରୀ ସହ ପର୍ଯ୍ୟଟକଙ୍କ ପାଇଁ କୋରାପୁଟ ବସଷ୍ଟାଣ୍ଡରେ ରାତି ୯ଟା ପରେ ନାହିଁ ଆବଶ୍ୟକ ଶୌଚାଳୟ ସୁବିଧା। ଗତ କିଛି ମାସ ହେବ କୋରାପୁଟ ସଦରମହକୁମାର ବ୍ୟସ୍ତବହୁଳ ବସଷ୍ଟାଣ୍ଡରେ ଥିବା ସୁଲଭ ଶୌଚାଳୟ ରାତି ୯ ଟାରେ ବନ୍ଦ ରହିଥିବାରୁ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି ମହିଳା ଯାତ୍ରୀ ଓ ପର୍ଯ୍ୟଟକ। ନବେ ଦର୍ଶକରେ ନିର୍ମାଣ କରାଯାଇଥିବା କୋରାପୁଟ ବସଷ୍ଟାଣ୍ଡକୁ ପ୍ରତିଦିନ ପଡୋଶୀ ରାଜ୍ୟ ଆନ୍ଧ୍ର ଓ ଛତିଶଗଡ ସମେତ ଭୁବନେଶ୍ୱର, ସମ୍ବଲପୁର,ବଲାଙ୍ଗୀର ଆଦି ରାଜ୍ୟର ଅନେକ ସ୍ଥାନକୁ ପ୍ରତିଦିନ ବସ ଗୁଡିକ ଯିବା ଆସିବା କରିଥାଏ। ରାତ୍ର ସମୟରେ ବସ ଗୁଡିକ ଯାତାୟତ କରୁଥିବାରୁ ଯାତ୍ରୀ ମାନେ ଦୀର୍ଘ ସମୟ ଧରି ବସଷ୍ଟାଣ୍ଡରେ ଦୀର୍ଘ ସମୟ ଧରି ଅପେକ୍ଷା କରିଥାନ୍ତି। କିନ୍ତୁ ବସଷ୍ଟାଣ୍ଡରେ ଥିବା ସୁଲଭ ଶୌଚାଳୟ ରାତିରେ ବନ୍ଦ ରହୁଥିବାରୁ ମହିଳା ଓ ପର୍ଯ୍ୟଟକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ମହିଳା ମାନେ ଏଣେତେଣେ ଖୋଲାମେଲାରେ ଶୌଚ କରୁଥିବା ଦେଖିବାକୁ ମିଳିଛି । ଫଳରେ ପରିବେଶ ଦୂଷିତ ହେବା ସହ ଅପ୍ରିତୀକର ପରିସ୍ଥିତିକୁ ସାମ୍ନା କରିବାକୁ ପଡୁଥିବା ବସଷ୍ଟାଣ୍ଡରେ ଥିବା ଟେକ୍ସି ସଂଘ ସହ ହୋଟେଲ୍ କର୍ମଚାରୀ ମାନେ ଅଭିଯୋଗ କରିଛନ୍ତି। ଭୋର ୪ ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ଶୌଚାଳୟ ଖୋଲା ରହିବ ବୋଲି ଶୌଚାଳୟର ଫଳକରେ ଲଗାଯାଇଛି । କିନ୍ତୁ ରାତି ୯ଟା ହେଲେ କାହିଁକି ଶୌଚାଳୟ ବନ୍ଦ ରହୁଛି ବୋଲି ଯାତ୍ରୀ ମାନେ ପ୍ରଶ୍ନ କରିଛନ୍ତି। ଶୌଚାଳୟ ଦାୟିତ୍ୱରେ ଥିବା ବ୍ୟକ୍ତି ଜଣକ ରାତିରେ ଶୌଚାଳୟର ଭିତର ପଟୁ ଚାବି ପକାଇ ଭିତରେ ଶୋଇଥିବା ବେଳେ ଆବଶ୍ୟକ ସମୟରେ ଯେତେ ଡାକିଲେ ମଧ୍ୟ ସେ ଚାବି ଖୋଲୁ ନଥିବା ଅଭିଯୋଗ ହୋଇଛି। ଜଣେ ମହିଳା ଯାତ୍ରୀ କହିଛନ୍ତି ମହିଳାଙ୍କ ଶୌଚ ପାଇଁ ବସଷ୍ଟାଣ୍ଡରେ ଶୌଚାଳୟ ରହିବା ବାଧତାମୂଳକ । କିନ୍ତୁ ଏଠାରେ ଏଭଳି ସ୍ଥିତି ଉପରେ କିଭଳି ପୌର ପ୍ରଶାସନ ଅବଗତ ନାହାନ୍ତି, କିମ୍ବା ଅବଗତ ପରେ ମଧ୍ୟ କୌଣସି ସ୍ଥାୟୀ ବ୍ୟବସ୍ଥା କରା ଯାଉନାହିଁ , ଯାହା କୋରାପୁଟର ଭାବମୂର୍ତ୍ତି ନଷ୍ଟ କରୁଛି ବୋଲି ସେ କହିଛନ୍ତି। ୨୪ ଘଣ୍ଟା ଶୌଚାଳୟ ଖୋଲା ରଖିବା ପାଇଁ ଯାତ୍ରୀ ଓ ପର୍ଯ୍ୟଟକ ମାନେ ଦାବି କରିଛନ୍ତି। ଏ ନେଇ କୋରାପୁଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠି କହିଛନ୍ତି ଲୋକମାନଙ୍କୁ ଉନ୍ନତ ମାନର ସେବା ଯୋଗାଇବା ପାଇଁ ପୌର ପରିଷଦ ପ୍ରତିଶ୍ରୁତିବଦ୍ଧ। ରାତି ୯ଟା ପରେ ଶୌଚାଳୟ ବନ୍ଦ ରହିବା ଠିକ ନୁହେଁ। ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷଙ୍କୁ ଏ ସଂକ୍ରାନ୍ତରେ ପଚାରିବା ସହିତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। ସୁଲଭ ଶୌଚାଳୟ କିପରି ୨୪ ଘଣ୍ଟା ଖୋଲା ରହିବ ଆଗକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି।

# ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ, ଦୁର୍ଘଟଣା ଆଶଙ୍କା



ପାପଡାହାଣ୍ଡି,୨୯।୧୦(ସମିସ): ପାପଡ଼ାହାଣ୍ଡି ବ୍ଲକ୍ ତଣ୍ଡାଗୁଡା ଗ୍ରାମ ଦେଇ ଯାଇଥିବା ମୁଖ୍ୟ ପିଚୁ ରାସ୍ତା ଯାହା ପାପଡାହାଣ୍ଡିରୁ କୋଷାଗୁମୁଡ଼ାକୁ ସଂଯୋଗ କରୁଛି। ଏହି ରାସ୍ତାର ତଣ୍ଡାଗୁଡା ଗ୍ରାମରେ ଏକ ବିଦ୍ୟୁତ୍ ଖୁଣ୍ଟ ରହିଛି ଯାହା ରାସ୍ତାରେ ୩ ଫୁଟ ଭିତରେ ରହିଛି। ପୂର୍ବରୁ ଏହି ରାସ୍ତାରେ ଅଳ୍ପ ଗାଡି ଚଳାଚଳ କରୁଥିଲା । କିନ୍ତୁ ବର୍ତ୍ତମାନ ନୂତନ ଭାବେ ନିର୍ମିତ ରାସ୍ତାରେ ସର୍ବଦା ଦ୍ରୁତ ଗତିରେ ଗାଡି ମୋଟର ଚଳାଚଳ କରୁଛି। ବିଦ୍ୟୁତ୍ ଖୁଣ୍ଟ ଯୋଗୁ ଦୁର୍ଘଟଣା ଘଟିବା ଆଶଙ୍କା ପ୍ରକାଶ ପାଇଛି। କେତେବେଳେ କାହାର ଧନଜୀବନ ଚାଲିଯିବ କହିହେବ ନାହିଁ। ଏଣୁ ବେଳ ଥାଉ ଥାଉ ସାବଧାନ ହୋଇ ଦୁର୍ଘଟଣା ଘଟିବା ପୂର୍ବରୁ ଏହି ବିପଦପୂର୍ଣ୍ଣ ଭାବେ ରହିଥିବା ବିଦ୍ୟୁତ୍ ଖୁଣ୍ଟକୁ ଯଥାଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ‘ମୋନ୍ଥା’ ପ୍ରଭାବହୀନ, ନନ୍ଦପୁର ବ୍ଲକ୍‌ବାସୀ ଆଶ୍ୱସ୍ତ

ନନ୍ଦପୁର, ୨୯।୧୦ (ସମିସ): ବାତ୍ୟାର ମୁକାବିଲା ନେଇ ପ୍ରଶାସନ ପୁରା ପ୍ରସ୍ତୁତ ସହ ସଜାଗ ରହିଥିବା ବେଳେ ‘ମୋନ୍ଥା’ ପ୍ରଭାବହୀନ ଥିବାରୁ ଲୋକେ ଆଶ୍ୱସ୍ତ ହୋଇଛନ୍ତି। ତିନି ଦିନ ଧରି ବ୍ଲକ୍‌ର ସମସ୍ତ ବିଭାଗୀୟ ଅଧିକାରୀ କର୍ମଚାରୀ, ଲୋକ ପ୍ରତିନିଧି, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା । ବାତ୍ୟା ପାଇଁ ଖିନିବର୍ ପଞ୍ଚାୟତରେ ୭୦ଜଣଙ୍କୁ ଆଶ୍ରୟ ସ୍ଥଳୀରେ ରଖାଯାଇଥିଲା। ସେପଟେ ମୋନ୍ଥା ପ୍ରଭାବରେ ମଙ୍ଗଳବାର ରାଣୀ ଡୁଡୁମା ନିକଟରେ



ଗୋଟିଏ ଗଛ ସହ ଖୁର୍ଜି ଓ ପାଣ୍ଟଲୁଙ୍ଗ ପଞ୍ଚାୟତରେ ଦୁଇଟି ଘର ଉପରେ ଗଛ ପଡ଼ିଥିଲା । ବ୍ଲକ୍ ପ୍ରଶାସନ ପକ୍ଷରୁ ୨୩ ପଞ୍ଚାୟତରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ରାତି ତମାମ ବିଭିନ୍ନ ଆଶ୍ରୟ ସ୍ଥଳୀ ସହ କଣ୍ଟ୍ରୋଲ ରୁମ୍‌ରୁ ଏଡିଏମ୍ ଭକ୍ତ ବନ୍ଧୁ ଜନାର୍ଦ୍ଦନ ଦୋଲେଇ, ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ତହସିଲଦାର୍ ଦେବବ୍ରତ ମହାରଣା , ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ସୁପରଭାଇଜର ସୋମନାଥ ମୁଦୁଲି, ଏଇଇ ଯସ କେତନ ବେହେରା ୨୩ ପଞ୍ଚାୟତ ଉପରେ ନଜର ରଖିଥିଲେ। ସକାଳୁ ସାମାନ୍ୟ ଝିପି ଝିପି ବର୍ଷା ତିନି ଘଣ୍ଟା ପରେ ଆକାଶ ନିର୍ମଳ ହୋଇ ନୀଳ ରଙ୍ଗରେ ପରିପୂର୍ଣ୍ଣ ହୋଇଥିଲା। ତେବେ ସମ୍ଭାବ୍ୟ ବାତ୍ୟାକୁ ନେଇ ଯେଉଁ ଆଶଙ୍କା କରାଯାଉଥିଲା। ସବୁ ଆଶଙ୍କା ଦୂର ହୋଇଥିଲା।

# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସେମିଳିଗୁଡା, ୨୯।୧୦ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ଇତିହାସ ବିଭାଗ ତରଫରୁ ଆଲୋଚନାଚକ୍ର ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଝାନ୍ସୀ ସିଂହ ଯୋଗ ଦେଇଥିଲେ। ଆଲୋଚନାଚକ୍ରର ବିଷୟବସ୍ତୁ “ଇତିହାସର ପ୍ରାସଙ୍ଗିକତା’ ରହିଥିଲା। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସୁଶ୍ରୀ ନନ୍ଦିନୀ, ରଘୁରାମ ଗୋଲରି, ସୁଶ୍ରୀ ଅଞ୍ଜଳି, ପ୍ରିୟଦର୍ଶିନୀ ପ୍ରଧାନ ଆଦି ଆଲୋଚନାରେ ଭାଗ ନେଇଥିଲେ ଓ ଇତିହାସ ବିଭାଗ ମୁଖ୍ୟ ଶ୍ରୀ ସୁରେଶ ପାଇକରାୟ ଛାତ୍ର ଜୀବନରେ ଶିକ୍ଷାର ମହତ୍ତ୍ୱକୁ ବର୍ଣ୍ଣନା କରିଥିଲେ। ଅତିଥି ଭାବରେ ଅଧ୍ୟାପକ ଦେବରାଜ ନାୟକ, ଚିତ୍ତରଞ୍ଜନ ଦାସ, ସ୍ନିଗ୍ଧା ପଟ୍ଟନାୟକ, ସୁମିତ୍ରା ଗିରି, ପୂର୍ଣ୍ଣିମା ଗିରି, ଦିଗଶ୍ୱରୀ ଶିଖଓ, ଶ୍ରୀପତି ଗିରି ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀମତୀ ରତ୍ନମଣି କହଁର ଶିକ୍ଷାର୍ଥୀ ଜୀବନରେ ଶୃଙ୍ଖଳାର ଆବଶ୍ୟକତା ବିଷୟରେ ବୁଝାଇଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ନବରଙ୍ଗପୁର,୨୯।୧୦(ସମିସ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଏବଂ ଦୁର୍ନୀତି ନିବାରଣ ବିଭାଗ ତରଫରୁ ଚଳିତ ନଭେମ୍ବର ୨୭ ତାରିଖରୁ ୨ ଡିସେମ୍ବର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ନଭେମ୍ବର ୨୭ ତାରିଖରେ କୋଷାଗୁମୁଡ଼ା ବ୍ଲକ୍‌ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅବସରରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଉପସ୍ଥିତ ସମସ୍ତ ସରକାରୀ ଅଧିକାରୀ ସାଧୁତାର ଶପଥ ପାଠ କରିଥିଲେ। ଏହା ସହିତ ଜିଲ୍ଲାର ସମସ୍ତ ବ୍ଲକ,ତହସିଲ, ଜିଲ୍ଲା କାର୍ଯ୍ୟଳୟ, ପୌରପାଳିକା, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀ ଗଣ ସାଧୁତାର ଶପଥ ପାଠ କରିଥିଲେ। ଅଶୋକ ମେହେଟା ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ୍ ଏବଂ ତପନ କୁମାର ଖୁଣ୍ଟିଆ, ଡିଆଇପିଆର୍‌ଓ ମନୋଜ ବେହେରାଙ୍କ ସମେତ ଜିଲ୍ଲାପାଳ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ। ଏହି ସପ୍ତାହ ପାଳନ ଅବସରରେ ସମସ୍ତ ବ୍ଲକରେ ସଚେତନତା ଗ୍ରାମ ସଭା, ପଦଯାତ୍ରା, ସ୍କୁଲ କଲେଜ ଛାତ୍ର ଛାତ୍ରୀ ମଧ୍ୟରେ ପ୍ରତିଯୋଗିତା, ସଭା ଓ ପୁରସ୍କାର ବିତରଣ ଉତ୍ସବ ପାଳନ ହେଉଛି। ପ୍ରତ୍ୟେକ ବ୍ଲକରେ ଅନୁଷ୍ଠିତ ବ୍ଲକ୍ ସ୍ତରୀୟ କାର୍ଯ୍ୟକ୍ରମରେ ବିଡ଼ିଓ, ତହସିଲଦାର, ବ୍ଲକ୍ ସ୍ତରୀୟ ଅଧିକାରୀ ଭିଜିଲାନ୍ସ ଡି ଏସ ପି ଜୟଶ୍ରୀ ପ୍ରଧାନଙ୍କ ଉପସ୍ଥିତ ରହି ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି କରୁଛନ୍ତି। ଏହି ଅବସରରେ ଓସୱାନ ହଲ ରେ ଜିଲ୍ଲାପାଳ,ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଲୋକସେବା ଭବନ କନଭେନ୍ସନ୍ ସେଣ୍ଟର ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତା ଓ ସିଧା ପ୍ରସାରଣ କାର୍ଯ୍ୟକ୍ରମକୁ ଦେଖିଥିଲେ । ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରିଥିଲେ। ଆସନ୍ତା ନଭେମ୍ବର ୧ ତାରିଖ ରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫ ପାଳନ ଅବସରରେ ସଚେତନତା ପଦଯାତ୍ରା, ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ସଭା ଅନୁଷ୍ଠିତ ହେବ। ଏହା ସହିତ ସ୍କୁଲ କଲେଜ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ ପୁରସ୍କାର ପ୍ରଦାନ କରାଯିବ।

● ସେମିଳିଗୁଡା ଅଞ୍ଚଳରେ ମେଘୁଆ ପାଗ

# ପବନରେ ଭାଙ୍ଗିପଡ଼ିଲା ଇକୋ ରିଟ୍ରିଟ୍



ସେମିଳିଗୁଡା, ୨୯।୧୦ (ସମିସ): ‘ମୋନ୍ଥା’ ପ୍ରଭାବରେ ସୋମବାର ସକାଳୁ ମେଘୁଆ ପାଗ ତଥା ଝିପିଝିପି ବର୍ଷା ହୋଇଥିବା। ପାଗକୁ ଦେଖି ଚାଷୀଙ୍କ ମନରେ ଛନକା ପଶିଥିଲା। ଅମଳକ୍ଷମ ହେବାକୁ ଥିବା ଫସଲକୁ କାଟି ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ମଙ୍ଗଳବାର ସନ୍ଧ୍ୟାରେ ପବନ ସହ ପ୍ରବଳ ବର୍ଷା ହେଇଥିଲା। ସେମିଳିଗୁଡା ବ୍ଲକର ପୁଟସିଲର ଇକୋ ରିଟ୍ରିଟ୍ ନିର୍ମାଣ ହେଉଥିବା ବେଳେ ଏହାର ପ୍ରବେଶ ତୋରଣର କିଛି କିଛି ଅଂଶ ଭାଙ୍ଗି ପଡିଥିଲା। ଟେଣ୍ଟ ଉଡ଼ିଯାଇ ଥିବା ବେଳେ କର୍ମଚାରୀ ମାନେ ବହୁତ କଷ୍ଟ କରି ଏହାକୁ ଅବଶିଷ୍ଟ ଅଂଶକୁ ରଖିଥିଲେ। ପବନରେ ଇକୋ ରିଟ୍ରିଟ୍‌ର କିଛି ଅଂଶ ଭାଙ୍ଗି ପଡିଥିବାରୁ କିଛି ପରିମାଣର କ୍ଷତି ହୋଇଛି। ପାର୍ବତ୍ୟ ଅଞ୍ଚଳ ହୋଇ ଥିବାରୁ ଏଭଳି କ୍ଷତି ସହ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ପଡିଯାଇଛି। ରାଜ୍ୟର ଉଚ୍ଚତମ ଦେଓମାଳି ପର୍ବତର ଏକ ଅଂଶ ଭାବେ ପୁଟସିଲ ଓ ଫୁଲବନ୍ଧ ଗାଁ ମଝିରେ ଥିବା ସୁଉଚ୍ଚ ପର୍ବତ ଗିର୍ଲି ମାଳି ଉପରେ ପର୍ଯ୍ୟଟନ ବିଭାଗ ଓ କୋରାପୁଟ ଜିଲ୍ଲା ପ୍ରଶାସନ ଦ୍ୱାରା ଇକୋରିଟ୍ରିଟ୍ କେନ୍ଦ୍ର ନଭେମ୍ବର ୧୫ରେ ଆରମ୍ଭ ହେବା ପାଇଁ ପ୍ରସ୍ତୁତି ହେଉଥିଲା। ଅଞ୍ଚଳରେ ବୁଧବାର ମେଘୁଆ ପାଗ ରହିଛି।

## ଜରୁରୀକାଳୀନ ପରିସ୍ଥିତିର ବନ୍ଦୀଙ୍କୁ ମିଳୁନି ସୁବିଧା

# ରାଜ୍ୟ ପ୍ରିଜନର୍ସ ନିର୍ଦ୍ଦେଶକଙ୍କ ଜିଲ୍ଲାପାଳଙ୍କୁ ପତ୍ର

କୋଟପାଡ଼, ୨୯।୧୦ (ସମିସ): ଦେଶରେ ୧୯୭୫ ମସିହାରୁ ୧୯୭୭ ମସିହା ପର୍ଯ୍ୟନ୍ତ ଜରୁରୀକାଳୀନ ପରିସ୍ଥିତି ଜାରି ହୋଇଥିଲା। ଏହି ସମୟରେ ସାରା ଦେଶରୁ ହଜାର ହଜାର ରାଜନେତା ଓ ଜରୁରୀକାଳୀନକୁ ବିରୋଧ କରୁଥିବା ସାଧାରଣ ଲୋକଙ୍କୁ ମିସା ଆଇନ ବଳରେ ଜେଲ ମଧ୍ୟରେ ପ୍ରାୟ ୧୮ ମାସ ବନ୍ଦୀ ଜୀବନ କାଟିବାକୁ ପଡିଥିଲା। କୋଟପାଡ଼ର ୬ ଜଣଙ୍କୁ ମିସା ଓ ଡିଆଇ ଆର ରେ ୧୮ ମାସ ଜେଲ ଜୀବନ କାଟିବାକୁ ପଡିଥିଲା। ସେମାନେ ହେଲେ ସ୍ୱର୍ଗତ ହରିହର ପାତ୍ର, ବିଶିଷ୍ଟ କୃଷକ ନେତା ସ୍ୱର୍ଗତ ସରୋଜ କୁମାର ପାତ୍ର, ଇନ୍ଦ୍ର ମୋହନ ସାହୁ, ସୁନୀଲ କର, ରାମେଶ୍ୱର ବିଶୋଇ ଓ ଗୋପୀନାଥ ସ୍ୱାଇଁ ଥିଲେ। ବର୍ତ୍ତମାନ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଜରୁରୀକାଳୀନ ଅବସ୍ଥାରେ ଜେଲ ଯାଇଥିବା ଏହି ରାଜନେତାଙ୍କୁ ମାସିକ ପେନସନ ଓ ମେଡିକାଲ ଖର୍ଚ୍ଚ ଦେବା ପାଇଁ ଘୋଷଣା କରିଛନ୍ତି। ବର୍ତ୍ତମାନ ସାରା ରାଜ୍ୟରୁ ମାତ୍ର ୨୧ ଜଣଙ୍କ ପାଇଁ ଏହି ବ୍ୟବସ୍ଥା ଲାଗୁ କରାଯାଇଛି । କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ଏହି ରାଜନେତା ମାନଙ୍କ ମଧ୍ୟରୁ କମ୍ରେଡ ହରିହର ପାତ୍ର ଓ ସରୋଜ ପାତ୍ରଙ୍କ ଦେହାନ୍ତ ହୋଇଯାଇଛି । ବର୍ତ୍ତମାନ ଅନ୍ୟ ୪ ଜଣଙ୍କ ମଧ୍ୟରୁ ଇନ୍ଦ୍ର ମୋହନ ସାହୁ, ରାମେଶ୍ୱର ବିଶୋଇ ଓ ଗୋପୀନାଥ ସ୍ୱାଇଁ କୋଟପାଡ଼ରେ ଥିବା ବେଳେ ସୁନୀଲ କର ରାୟଗଡାରେ ରହୁଛନ୍ତି । ରାଜ୍ୟ ସରକାରଙ୍କ ଏହି ଘୋଷଣା ପରେ ୪ ଜଣ ଆବେଦନ କରିଥିଲେ ହେଁ ଏମାନଙ୍କ ଜେଲ୍ ରେକର୍ଡରେ ନାମ ଅଛି କି ନାହିଁ, ବାରମ୍ବାର ଜୟପୁର ଉପଖଣ୍ଡ ଜେଲ, କୋଟପାଡ଼ ଥାନା ଓ ଜିଲ୍ଲା କୋର୍ଟର ରେକର୍ଡ ବିଭାଗକୁ ଯାଇ କୌଣସି ତଥ୍ୟ ପାଇ ପାରି ନଥିଲେ। ଏ ସମ୍ପର୍କରେ ଜୟପୁରର ଆଇନଜୀବୀ ତଥା ମାନବିକ ଅଧିକାର କର୍ମୀ ରାଜ୍ୟ ସରକାରଙ୍କ ପ୍ରିଜନର୍ସ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ବନ୍ଦୀ ଥିବା ସମ୍ପର୍କିତ ସୂଚନା ପ୍ରଦାନ କରିବାକୁ ପତ୍ର ଲେଖି ଅନୁରୋଧ କରିଥିଲେ। ଏହି ପତ୍ର ଆଧାରରେ ପତ୍ର ସଂଖ୍ୟା ୧୭୧୧୨, ୨୮.୧୦.୨୦୨୫ ତାରିଖରେ ରାଜ୍ୟ ସରକାରଙ୍କ ପ୍ରିଜନର୍ସ ନିର୍ଦ୍ଦେଶକ ରାୟଗଡା, କୋରାପୁଟ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଉପରୋକ୍ତ ରାଜନେତାଙ୍କ ବନ୍ଦୀ ସମ୍ପର୍କିତ ସୂଚନା ପ୍ରଦାନ କରିବାକୁ ଜଣାଇଛନ୍ତି। ଯଥାଶୀଘ୍ର ଏହି ରାଜନେତାମାନଙ୍କୁ ରାଜ୍ୟ ସରକାରଙ୍କ ଘୋଷଣା ଅନୁସାରେ ସୁବିଧା ପ୍ରଦାନ କରିବାକୁ ଦାବି ହେଉଛି।

# ଲକ୍ଷ୍ମୀବସ୍ ଦୁର୍ଘଟଣାଗ୍ରସ୍ତ, ୩ ଆହତ



ରାୟଗଡ଼ା,୨୯।୧୦(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ କାଙ୍ଗୁରୁମା ଘାଟି ରାସ୍ତାରେ ବୁଧବାର ଅପରାହ୍ନରେ କାଶିପୁର ଠାରୁ ବନ୍ଧମାଣ୍ଡି ଯାଉଥିବା ଲକ୍ଷ୍ମୀ ବସ୍‌ଟି ବ୍ରେକ ଫେଲ୍ ଯୋଗୁଁ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ବସ୍ ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତା କଡ଼ ଜମି ଭିତରକୁ ବସଟିକୁ ମାଡି ନେଇଥିଲେ । ଫଳରେ ବସ୍‌ରେ ବସିଥିବା ୪୭ଜଣ ଯାତ୍ରୀଙ୍କ ମଧ୍ୟରୁ ୩ଜଣ ଆହତ ହୋଇଥିବା ବେଳେ ଅନ୍ୟ ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡିଛି। ଆହାତମାନଙ୍କୁ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇ ଚିକିତ୍ସା କରାଯାଇଛି। କାଶିପୁର ଠାରେ ଆଜି ବୁଧବାର ସପ୍ତାହିକ ହାଟ ବସୁଥିବାରୁ ବ୍ଲକର ବିଭିନ୍ନ ଗ୍ରାମରୁ ଲୋକେ ଏଠାକୁ ଆସିଥାନ୍ତି। ମାଣ୍ଡିବିସି,ବନ୍ଧମାଣ୍ଡି ଅଂଚଳର ଲୋକେ ମଧ ବଜାରକୁ ଆସି ଅପରାହ୍ନରେ ଛାଡୁଥିବା କାଶିପୁର-ବନ୍ଧମାଣ୍ଡି ଲକ୍ଷ୍ମୀ ବସରେ ବସି ଯାଉଥିବା ବେଳେ କାଙ୍ଗୁରୁମା ଘାଟି ରାସ୍ତାରେ ବ୍ରେକ ଫେଲ ଯୋଗୁଁ ଦୁର୍ଘଟଣା ଘଟିଥିଲା। ତେବେ ବସର ଅବସ୍ଥା ଭଲ ନ ଥିବା ନେଇ ଡ୍ରାଇଭର ବସ ପରିଚାଳନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଲୋକଙ୍କ ଜୀବନକୁ ଖାତିର ନ କରି ପରିଚାଳନା କର୍ତ୍ତୃପକ୍ଷ ଡ୍ରାଇଭରଙ୍କୁ ବସକୁ ଚଳାଇବାକୁ କହିଥିବା ନେଇ ଡ୍ରାଇଭର ଗ୍ରାମବାସୀଙ୍କୁ କହିଥିବା ଜଣାପଡିଛି। ଅନ୍ୟପକ୍ଷରେ କାଶିପୁର ଠାରୁ ମାଣ୍ଡିବିସ ପର୍ଯ୍ୟନ୍ତ ଥିବା ପୂର୍ତ ବିଭାଗର ରାସ୍ତାଟି ଏବେ ଶୋଚନୀୟ ହୋଇପଡିଛି। ଏହି ରାସ୍ତାର ଅନେକ ସ୍ଥାନରେ ଖାଲଖମା ଭର୍ତି ଯୋଗୁଁ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଥିବାରୁ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଥିବା ଗ୍ରାମବାସୀ କହିଛନ୍ତି। ଏପରିକି ଦୀର୍ଘ ବର୍ଷ ଧରି ଏହି ରାସ୍ତା କାମକୁ ଠିକା ସଂସ୍ଥା ପକ୍ଷରୁ ସଂପୂର୍ଣ୍ଣ କରାଯାଉ ନ ଥିବା ବେଳେ ପୂର୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ କାଶିପୁର ପୂର୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

➤ ରାସ୍ତା ଖରାପ ଯୋଗୁଁ ବଢୁଛି ଦୁର୍ଘଟଣା
➤ ମାଣ୍ଡିବିସି-କାଶିପୁର ରାସ୍ତା ଅବସ୍ଥା ଶୋଚନୀୟ

# ସ୍ୱାମୀ ଆୟାପ୍ପା ଧର୍ମସଂସ୍ଥାର ସମାବେଶ; ବିଭିନ୍ନ ରାଜ୍ୟରୁ ଆସିଲେ ଭକ୍ତ




ଗୁଣପୁର,୨୯।୧୦(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ସ୍ଥିତ ସ୍ୱାମୀ ଆୟାପ୍ପା ମନ୍ଦିର ଠାରେ ଅଖିଳ ଭାରତ ଆୟାପ୍ପା ଚିନମୁଦ୍ରା ସେବା ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ସମାବେଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତେଲୁଗୁ ସମ୍ପ୍ରଦାୟର ୪ଟି ରାଜ୍ୟର ଯଥା ଆନ୍ଧ୍ରପ୍ରଦେଶ, ଓଡିଶା, ଛତିଶଗଡ ଓ ତେଲେଙ୍ଗାନା ରାଜ୍ୟର ୪୦୦ରୁ ଅଧିକ ଆୟାପ୍ପା ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବୈଠକର ମୁଖ୍ୟ ଉଦେଶ୍ୟ ଥିଲା କେରଳର ସାବରିମାଲାକୁ ଏହି ସମସ୍ତ ରାଜ୍ୟରୁ ଯେତେ ସବୁ ଭକ୍ତ ସବୁ ଯାଉଛନ୍ତି, ସେଠାରେ ସେମାଙ୍କୁ ନିଃଶୁଳ୍କ ଭାବରେ ରହିବା, ଅନ୍ନପ୍ରସାଦ ବ୍ୟବସ୍ଥା କରିବା ସହ ସବୁ ପ୍ରକାର ସେବା ଯୋଗାଇ ଦେବା ନିମନ୍ତେ ପ୍ରୟାସ କରାଯାଉଛି । ଏଥିପାଇଁ ଏହି ଅଖିଳ ଭାରତ ଆୟାପ୍ପା ଚିନମୁଦ୍ରା ସେବା ଟ୍ରଷ୍ଟ କରାଯାଇଛି। ଏହି ସଂସ୍ଥାର ପ୍ରଥମ ବୈଠକ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ହୋଇଥିଲା। ଆଜି ରାୟଗଡା ଜିଲ୍ଲା ଗୁଣପୁର ଠାରେ ଏହାର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସମସ୍ତ ଆୟାପ୍ପା ଭକ୍ତ ଏକତ୍ରିତ ହୋଇ କିପରି ଏହି ସେବା ସଫଳ ହୋଇପାରିବ ଏବଂ ଭକ୍ତମାନେ ଏହାର ସୁବିଧା କିପରି ପାଇ ପାରିବେ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଗୁଣୁପୁର ଆୟପ୍ପା ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁବୁଦ୍ଧି ଗୌରୀ, ଅନନ୍ତ ଗୁରୁ ସ୍ୱାମୀ, ଭାନୁ ଗୁରୁ ସ୍ୱାମୀ, ଆଚାରୀ ଗୁରୁ ସ୍ୱାମୀ ଓ ସ୍ୱାମୀ ଆୟପ୍ପା ଭକ୍ତ ମାନେ ସହଯୋଗ କରିଥିଲେ।

## ରାୟଗଡ଼ା ଜିଲ୍ଲାରେ 'ମୋନ୍ଥା'ର ପ୍ରଭାବ

# ୮ ରାସ୍ତା ଅବରୋଧ, ୬୦ ଘର ଭାଙ୍ଗିଲା

ରାୟଗଡ଼ା,୨୯।୧୦(ସମିସ): ସାମୁଦ୍ରିକ ଘୁର୍ଣ୍ଣିଝଡ "ମୋନ୍ଥା'ର ଅଂଶିକ ପ୍ରଭାବ ରାୟଗଡ଼ା ଜିଲ୍ଲାରେ ଦେଖିବାକୁ ମିଳିଛି। ଏ ନେଇ ଜିଲ୍ଲା ଜରୁରୀକାଳନୀ ଅଧିକାରୀ ମନୋଜ ନାହାକଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ଜିଲ୍ଲାର ୮ଟି ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇ ମୁଖ୍ୟ ରାସ୍ତାଗୁଡିକ କଟଅଫ୍ ହୋଇଥିଲା। ପ୍ରଶାସନର ତ୍ୱରିତ ପଦକ୍ଷେପ ଯୋଗୁଁ ପଡିଥିବା ଗଛଗୁଡିକୁ ହଟାଯାଇ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇପାରିଛି। ସେହିପରି ଗୁମ୍ମା ଘାଟିରେ ଭୂସ୍ଖଳନ ହୋଇଥିବା ବେଳେ ରାସ୍ତାଉପରେ ପଡିଥିବା ପଥର, ମାଟିଗୁଡିକୁ ଜେସିବି ମେସିନ ଦ୍ୱାରା ହଟାଯାଇ ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡ଼ା-କୋରାପୁଟ ରାସ୍ତାରେ ଯାତାୟାତ ସ୍ୱାଭାବିକ କରାଯାଇଥିଲା। ସେହିପରି ଜିଲ୍ଲାର ୪୧ଟି ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳରେ ୧୪୬୮ଜଣଙ୍କ ପାଇଁ ପ୍ରଶାସନ ତରଫରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା। ବାତ୍ୟା ପ୍ରଭାବରେ ହୋଇଥିବା ଲଗାଣ ବର୍ଷା ହେବା ଫଳରେ ଜିଲ୍ଲାରେ ମୋଟ ୬୦ଟି ଘର ନଷ୍ଟ ହୋଇଥିବା ବେଳେ ୩୪ଟି ଘର ଅଂଶିକ ଭାବେ ନଷ୍ଟ ହୋଇଛି। ସମସ୍ତ ପରିବାରଙ୍କୁ ପଲିଥିନ୍ ଯୋଗାଇ ଦିଆଯାଇଥିବା ନେଇ ଜରୁରୀକାଳନୀ ଅଧିକାରୀ ଶ୍ରୀ ନାହାକ ପ୍ରକାଶ କରିଛନ୍ତି। ତେବେ ବାତ୍ୟା ପ୍ରଭାବରେ ଫସଲ ନଷ୍ଟ ସମ୍ବନ୍ଧୀୟ କୌଣସି କ୍ଷୟକ୍ଷତି ରିପୋର୍ଟ ମିଳି ନ ଥିବା କୁହାଯାଇଛି। ବାତ୍ୟା ପ୍ରଭାବରେ ୨୯ ତାରିଖ ସକାଳ ସାଢେ ୮ଟାରୁ ସଂଧ୍ୟା ସାଢେ ୫ଟା ମଧ୍ୟରେ ରାୟଗଡ଼ା ଜିଲ୍ଲାରେ ୧୭୩.୦୯ମିମି ବର୍ଷା ରେକର୍ଡ କରାଯାଇଛି। ହାରାହାରି ୧୧.୨୭ମିମି ବର୍ଷା ହୋଇଥିବା ଜଣାପଡିଛି। ଏ ନେଇ ଜିଲ୍ଲା ଜରୁରୀକାଳନୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ରାୟଗଡ଼ା ବ୍ଲକ୍‌ରେ ୫.୮ମିମି, କୋଲନରାରେ ୯.୪ ମିମି, କଲ୍ୟାଣସିଙ୍ଗପୁରରେ ୧୫.୦ମିମି, କାଶିପୁରରେ ୪.୨ମିମି ବର୍ଷା ପରିମାଣ ରେକର୍ଡ କରାଯାଇଥିବା ବେଳେ ଗୁଣପୁରରେ ସର୍ବାଧିକ ୩୫.୦ମିମି, ପଦ୍ମପୁରରେ ୧୪.୦୩ମିମି, ଗୁଡାରୀରେ ୮.୮ମିମି., ରାମନାଗୁଡାରେ ୧୬.୦ମିମି, ବିଷମକଟକରେ ୪.୪ମିମି, ମୁନିଗୁଡାରେ ୮.୦ମିମି ଏବଂ ଚନ୍ଦ୍ରପୁର ବ୍ଲକରେ ସର୍ବନିମ୍ନ ୩.୦ମିମି ବର୍ଷା ପରିମାଣ ରେକର୍ଡ କରାଯାଇଛି। ରେର୍ଡ ଆଲର୍ଟରୁ ବାହାରି ଏବେ ଜିଲ୍ଲା ହଳଦିଆ ଆଲର୍ଟରେ ରହିଥିବାରୁ ଜିଲ୍ଲା ପାଇଁ ବାତ୍ୟାର ଆଉ କିଛି ପ୍ରଭାବ ନାହିଁ ବୋଲି ଜରୁରୀକାଳନୀ ଅଧିକାରୀ ଶ୍ରୀ ନାହାକ କହିଛନ୍ତି।



ଗୁମ୍ମା ଘାଟିରେ ଭୂସ୍ଖଳନ

# ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମ

ପଡିଆ,୨୯।୧୦(ସମିସ): ଚଳିତ ମାସ ୩୧ ତାରିଖ ଦିନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପଡିଆ ପୋଲିସ ପକ୍ଷରୁ ପଡିଆ ବ୍ଲକ ମହକୁମାରେ ଥିବା ଅନୁସୁଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟ ଠାରେ ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପିଲାଙ୍କ ମଧ୍ୟରେ ରାଷ୍ଟ୍ରୀୟ ଏକତାକୁ ନେଇ ସର୍ଦ୍ଦାର ପଟେଲଙ୍କ ଭୂମିକା ବାବଦରେ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗୀତା ହୋଇଥିଲା। ପଡିଆ ଥାନା ଅଧିକାରୀ ଡିଏସପି ରମେଶ୍ୱର ପଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଡିଆ ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଦୁରା କାବାସୀ, ଏସ୍‌ଆଇ ନିରୋଦ କୁମାର ବାଘ, ଏଏସଆଇ ଅନିଲ କୁମାର ମିଶ୍ର ଓ ଏସଏଆଇ କେଶବ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଦୁଇଶହରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଛି।

# ୫୧ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି, ୨୯ ।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ରାଜ୍ୟ ସରକାରଙ୍କ "ଘରକୁ ଫେର" ଯୋଜନା ଅଧୀନରେ ଆଜି ୫୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏଥିରେ ୯ ମହିଳା ଏବଂ ୪୨ ପୁରୁଷ ଅଛନ୍ତି। ସେମାନଙ୍କ ନାମରେ ୬୬ ଲକ୍ଷ ପୁରସ୍କାର ଥିଲା। ଆତ୍ମ ସମର୍ପଣକାରୀଙ୍କ ମଧ୍ୟରେ ପିଏଲଜିଏ ବାଟାଲିଅନ, କମ୍ପାନୀ ଏବଂ କ୍ଷେତ୍ର କମିଟିର ସଦସ୍ୟ ଥିଲେ। ୨୦୨୫ ମସିହାରେ ଏପର୍ଯ୍ୟନ୍ତ ୪୬୧ ଜଣ ମାଓବାଦୀ ମୁଖ୍ୟସ୍ରୋତକୁ ଫେରିଛନ୍ତି। ଯେଉଁଥିରେ ୧୩୮ ଜଣ ନିହତ ହୋଇଛନ୍ତି ଏବଂ ୪୮୫ ଜଣଙ୍କୁ ଗିରଫ କରାଯାଇଛି। ଏହା ଶାନ୍ତି ଏବଂ ବିକାଶ ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି କୁହାଯାଉଛି। ଆତ୍ମସମର୍ପଣ କାରୀଙ୍କୁ ସରକାରୀ ନୀତି ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଲାଞ୍ଚୁଆ ଏଏସ୍‌ଆଇ, ମଧ୍ୟସ୍ଥି ଜେଲ୍ ଗଲେ



ଜୟପୁର ,୨୯ ।୧୦(ସମିସ): କୋରାପୁଟ ଜିଲ୍ଲା ବି.ସିଙ୍ଗପୁର ଥାନାର ଏଏସଆଇ ଏକ ଘରୋଇ ଗଣ୍ଡଗୋଳ ମାମଲାକୁ କୋହଳ କରିବା ନେଇ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କ ସହ ମାମଲାରେ ମଧ୍ୟସ୍ଥି ସାଜିଥିବା ଗ୍ରାମବାସୀ ତଥା ଚା ଦୋକାନୀଙ୍କୁ ମଧ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ଏଏସଆଇ ନରସିଂହ ଦୋରା ଏବଂ ମଧ୍ୟସ୍ଥି ଗ୍ରାମବାସୀ ସୁନାଧର ଅମନାତ୍ୟଙ୍କୁ ଆଜି ଭାରପ୍ରାପ୍ତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସମ୍ମୁଖରେ ହାଜର କରଯାଇଥିଲା। କିନ୍ତୁ ଉଭୟଙ୍କ ପକ୍ଷରୁ ଜାମିନ ଆବେଦନ ଆସନ୍ତା ୧୧ ତାରିଖରେ ଶୁଣାଣି ପାଇଁ ସ୍ଥଗିତ ରଖାଯାଇଛି। ଏହପରି ଉଭୟ ଅଭିଯୁକ୍ତଙ୍କୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗିୟ ହାଜତ (ଜେଲ୍)କୁ ପଠାଯାଇଛି। ସୂଚନା ଅନୁଯାୟୀ, ବି.ସିଙ୍ଗପୁର ଥାନାର କୁମୁଲି ଗ୍ରାମପଞ୍ଚାୟତ ଗୁଞ୍ଜିଗୁଡାର ଏକ ଘରୋଇ ଗଣ୍ଡଗୋଳକୁ ନେଇ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ ଅଧିକାରୀ ଭାବେ ଅଭିଯୁକ୍ତ ଏଏସଆଇ ନରସିଂହ ଦୋରା ନିଯୁକ୍ତ ହୋଇଥିଲେ। କିନ୍ତୁ ଏହି ମାମଲାରେ ଅଭିଯୁକ୍ତଙ୍କ ସମେତ ପରିବାର ଏବଂ ଅନ୍ୟାନ୍ୟ ଅଭିଯୁକ୍ତଙ୍କ ବିରୋଧରେ ମାମଲାକୁ କଡା ଦଫା ଲଗାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ ଶ୍ରୀ ଦୋରା ଧମକ ଦେଇଥିଲେ। ମାମଲାକୁ କୋହଳ କରିବା ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ଦାବୀ କରିଥିଲେ। ଏହି ମାମଲାକୁ ସମାଧାନ ନେଇ ଭିଜିଲାନ୍ସ ହାତରେ ଧରାପଡିଥିବା ସ୍ଥାନୀୟ ଗ୍ରାମବାସୀ ତଥା ଚା ଦୋକାନୀ ସୁନାଧର ମଧ୍ୟସ୍ଥି ସାଜିଥିଲେ ଏବଂ ତାଙ୍କ ଜରିଆରେ ଉକ୍ତ ଟଙ୍କା ଅଭିଯୁକ୍ତ ଏଏସଆଇ ଶ୍ରୀ ଦୋରା ଅଭିଯୋଗକାରୀଙ୍କ ଠାରୁ ଗତକାଲି ମଧ୍ୟସ୍ଥିଙ୍କ ଚା ଦୋକାନ ନିକଟରେ ନେଉଥିବା ବେଳେ ପୂର୍ବରୁ ଅଭିଯୋଗ ହୋଇଥିବା ଭିଜିଲାନ୍ସ ଦଳ ଉଭୟ ଏଏସଆଇ ଏବଂ ମଧ୍ୟସ୍ଥିଙ୍କୁ ମାଡିବସିଥିଲେ। ଜିଲ୍ଲା ଏସପି ରବିନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଚଢ଼ଉର ନେତୃତ୍ୱ ନେଉଥିବା ଡିଏସପି ସଦାନନ୍ଦ ପାଣି, ଇନସପେକ୍ଟର ସଞ୍ଜୟ ପ୍ରଧାନ, ସୂର୍ଯ୍ୟପ୍ରକାଶ ନାୟକ, ଅନୁଭା ଦାସ ଓ ଅନ୍ୟ କର୍ମଚାରୀ ମାନେ ଯୋଗ ଦେଇଥିଲେ।

# 'ମୋନ୍ଥା' ପ୍ରଭାବରେ ଭାଙ୍ଗିଲା ଘର



ସେମିଳିଗୁଡ଼ା,୨୯।୧୦ (ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକର ଚାରାଙ୍ଗୁଲ୍ ପଞ୍ଚାୟତରେ ଦୁଇଟି ଘର ଭାଙ୍ଗିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ରାମ ନାୟକ ଓ ଦାସୀ ମୁଦୁଲିଙ୍କ ଘର ଭାଙ୍ଗିଯାଇଛି। ବାତ୍ୟା ପ୍ରଭାବରେ ମଙ୍ଗଳବାର ଦିନ ଏ ଅଞ୍ଚଳରେ ପବନ ସହ ତୁହାକୁ ତୁହା ବର୍ଷା ଲାଗି ରହିଥିଲା। ଫଳରେ ଦୁଇ ଜଣଙ୍କ ଘର ଭାଙ୍ଗିଥିବା ସୂଚନା ଅଭିଯୋଗ ହୋଇଛି। ଖବର ପାଇ ଚାରାଙ୍ଗୁଲ୍ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ସତ୍ୟାସତ୍ୟ ଅନୁଧ୍ୟାନ କରିଥିଲେ। ତେବେ ପ୍ରଭାବିତ ବ୍ୟକ୍ତି ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଦେଶିଆ ଗାୟକ ରାଜୁ ଖରାଙ୍କ ପରଲୋକ



ସେମିଳିଗୁଡ଼ା, ୨୯।୧୦ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକର ଗୁଣ୍ଡାପୁଟ ଗ୍ରାମପଞ୍ଚାୟତ ଅଧୀନରେ ଥିବା କାରାଡି ଗାଁର ଯୁବ ଗାୟକ ରାଜୁ ଖରା (୩୦) ନିଜ ଗାୟନ ଓ ଲୋକ ସଂଗୀତ ମାଧ୍ୟମରେ ଦେଶିଆ ସଂସ୍କୃତିକୁ ନୂଆ ମାର୍ଗ ଦେଇଥିଲେ। ସୁନାବେଡା ମ୍ୟୁନିସପାଲିଟି ଅଧିନରେ ଥିବା ଚିକାପାରରେ ଦିଆଲ ପରବ ଅବସରରେ ଅନୁଷ୍ଠିତ ଭେଟଘାଟ କାର୍ଯ୍ୟକ୍ରମ ଶେଷ କରିବା ପରେ ସେ ଅସୁସ୍ଥ ହୋଇ ପଡିଥିଲେ। ପେଟ ଯନ୍ତ୍ରଣା ହେବାରୁ ପ୍ରଥମେ ମାତାଲପୁଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ଘରକୁ ଫେରିଥିଲେ, କିନ୍ତୁ ପୁଣିଥରେ ଅସୁସ୍ଥ ହେବା ପରେ ନନ୍ଦପୁର ଓ ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନେଇ ଯାଇଥିଲେ। ରାତିରେ ଭଲ ଥିଲେ। କିନ୍ତୁ ସକାଳ ୭ଟା ବେଳେ ତାଙ୍କର ଚେତା ଫେରିଲା ନାହିଁ। ଗୀତ କୁଡିଆ ଦ୍ୱାରା ସେ ଅନେକଙ୍କ ମନକୁ ଜିତିଥିଲେ ଓ ଲେଖକ ସ୍ମୃତି ହନ୍ତାଳଙ୍କ ସହ ତାଙ୍କ ସହଯୋଗ ଦେଶିଆ ମଞ୍ଚକୁ ନୂଆ ମାନଚିତ୍ର ଦେଇଥିଲା। ଆଜି ସମଗ୍ର କୋରାପୁଟର ସଙ୍ଗୀତ ପ୍ରେମୀ ଓ ଗାୟକ ସମାଜରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କର ଅକାଳ ବିୟୋଗ ନିଶ୍ଚିତ ଅପୂରଣୀୟ କ୍ଷତି । ରାଜୁ ଖରାଙ୍କ ଲୋକ ସଙ୍ଗୀତ ପ୍ରତି ଅବଦାନ ସଦା ଅମର ହୋଇ ରହିବ ।

# ସାଇବର ସଚେତନତା କାର୍ଯ୍ୟକ୍ରମ

ପୋଡ଼ାଗଡ଼,୨୯।୧୦(ସମିସ): କୋରାପୁଟ-ରାୟଗଡ଼ା ୩୨୬ନଂ ଜାତୀୟ ରାଜପଥ ପୋଡ଼ାଗଡ଼ ହାଟପଦା ଠାରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଡ଼ାଗଡ ସ୍ଥିତ ହାଟ ପଦାଠାରେ ଆଜି ସନ୍ଧ୍ୟା ପାଞ୍ଚ ଘଣ୍ଟା ସମୟରେ ସଦର ଥାନା ଇନ୍ସପେକ୍ଟର ଫକୀର ମୋହନ ଖରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଥିଲେ ସଦର ଥାନାର ଏସଆଇ ମଦନା ବତୀ ବିହାରୀ, ଏଏସଆଇ ମଦନ ବାଙ୍କିଆ, ଏଏସଆଇ ଅର୍ଜୁନ କୁମାର ଖରା. କନେଷ୍ଟବଳ ସଞ୍ଜୁ ରାଣୀ ଖର୍ସେଲ, କନଷ୍ଟେବଲ ହୃଷୀକେଶ ପରିଜା, ଜିବି ରାଓ ସାଇବର ଥାନାରେ ଉପସ୍ଥିତ ଥିଲେ। କନଷ୍ଟେବଳ ମହାନ ଭଣ୍ଡାରି ଓ ସୁନିଲ ପାଣଗ୍ରାହୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ସାଇବର ଠକେଇରୁ କିପରି ଦୂରେଇ ରହିବେ ଭିଡିଓ ମାଧ୍ୟମରେ ସଚେତନ କରାଯାଇଥିଲା। ବୁଧବାର ପୋଡ଼ା ଗଡ ଠାରେ ସାପ୍ତାହିକ ହାଟ ଥିବାରୁ ଜନଗହଳି ମଧ ବଢ଼ିଥିଲା। ନିଜେ ସାଇବର ଠକାମିରୁ ସୁରକ୍ଷିତ ରହିବା ସହ ଅନ୍ୟକୁ ସୁରକ୍ଷା ଦେବାକୁ ଉପସ୍ଥିତ ଅଧିକାରୀ ମାନେ ଜନ ସାଧାରଣଙ୍କୁ ବୁଝାଇ ଥିଲେ। ଅନ୍ୟ ମଧ୍ୟରେ ଉପସ୍ଥିତ ଥିଲେ ସ୍ଥାନୀୟ ସମାଜ ସେବୀ ସେଶଧର ବିସଇ ସଲମାନ ବେନିଆ, ସୀତାରାମ ରାୟ, ବନରଜ୍ ମଣ୍ଡଳ, ଟୁଙ୍କୁ ଜେନ. ଘନ ବିସଇ ପ୍ରମୁଖ ସମେତ ପୋଡ଼ାଗଡ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ବାଗ୍ରାଗୁଡାରେ ମଧ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଗ୍ରା ଛକରେ ମଧ ସମସ୍ତ ଜନ ସାଧାରଣଙ୍କୁ ସଚେତନ କରାଯାଇଥିବା ଦେଖାଯାଉଛି। ସଦର ଥାନା ଇନ୍ସପେକ୍ଟର ସାଇବର କ୍ରାଇମରୁ କିପରି ନିଜେ ସୁରକ୍ଷିତ ରହିବା ସହ ଅନ୍ୟକୁ ସୁରକ୍ଷିତ ରଖିବେ ସେ ବିଷୟରେ ବୁଝାଇ ଥିଲେ।

# ପ୍ରଭାକର ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା




ନବରଙ୍ଗପୁର,୨୯।୧୦(ସମିସ): ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର ନିକଟ ହୋଟେଲ ତୃପ୍ତି ସମ୍ମିଳନୀ କକ୍ଷ ଠାରେ ସୀମାନ୍ତ ସାହିତ୍ୟ ପରିବାର ପକ୍ଷରୁ ସ୍ୱର୍ଗତ ପ୍ରଭାକର ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ପ୍ରଭାକର ପାତ୍ରଙ୍କ ବହୁମୁଖୀ ପ୍ରତିଭା ତଥା ସ୍ପଷ୍ଟବାଦୀତା, ମାଟି ପ୍ରତି ମମତା, ଜାତୀୟତାବାଦ, ପରୋପକାରୀ ମନୋଭାବ ଏବଂ ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ସକାରାତ୍ମକ ସମ୍ପୃକ୍ତି ରହିଛି ବୋଲି ଅଧିବକ୍ତା ଝାଡ଼େଶ୍ୱର ଖାଡ଼ଙ୍ଗା, ଜିଲ୍ଲା ସମାଜସେବୀ ଜଗନ୍ନାଥ ମହାପାତ୍ର, କଳାକାର ଦେବଦାସ ମହାଙ୍କୁଡ, ସାହିତ୍ୟିକ ବୁଲୁ ହୋତା, ଅଧିବକ୍ତା ରାମ ପ୍ରସାଦ ପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ କହିଛନ୍ତି। ଏହି ଅବସରରେ ଯୁବ ସ୍ୱେଚ୍ଛାସେବୀ ରଣେନ୍ଦ୍ର ପ୍ରତାପ ତ୍ରିପାଠୀ, ପ୍ରାବନ୍ଧିକ ଆଶୁତୋଷ ପାତ୍ର, ଲେଖକ ଦୁର୍ଗା ପ୍ରସାଦ ପାଢ଼ୀ, ୱାଇ. ଜଗନ୍ନାଥ ରାଓ, ଝରଣା ପଟ୍ଟନାୟକଙ୍କ ସମେତ ସୀମାନ୍ତ ସାହିତ୍ୟ ପରିବାରର ସଭାପତି ଅଶୋକ ପଟ୍ଟନାୟକ, ସୁରେଶ ମିଶ୍ର, ଡ. ରଘୁନାଥ ଶତପଥି, ପି. ରବିକାନ୍ତ ରଘୁରାମ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରଭାକର ପାତ୍ରଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ପ୍ରତି ବର୍ଷ ବିଷୁବ ମିଳନ ଉତ୍ସବରେ ତାଙ୍କ ନାମରେ ଉପଯୁକ୍ତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବା ଲାଗି ପ୍ରସ୍ତାବକୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା ସଂଯୋଜନା କରିଥିବା ବେଳେ ରାମକୃଷ୍ଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ କୁମାର ପାଣିଗ୍ରାହୀ, ଲାଲା ତ୍ରିପାଠୀ, ଅଖିଳ ଭଟ୍ଟ, ମିଟୁ ସାହୁ, ରାକେଶ ଗୁପ୍ତା, ଦେବାଶିଷ ପଟ୍ଟନାୟକ, ଶିବ ଶଙ୍କର ତ୍ରିପାଠୀ, ଦାଶରଥୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ନାହାନ୍ତି ସ୍ଥାୟୀ ଜଜ୍

## ମକଦ୍ଦମା ଶୁଣାଣି, ପରିଚାଳନାରେ ସମସ୍ୟା

ଜୟପୁର,୨୯ ।୧୦(ସମିସ): କୋରାପୁଟ, ନବରଙ୍ଗପୁର, ରାୟଗଡା ଏବଂ ମାଲକାନଗିରି ଜିଲ୍ଲା ନିମନ୍ତେ ଜୟପୁର ଠାରେ ଏକମାତ୍ର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ରହିଛି। କିନ୍ତୁ ଗତ ୮ ମାସ ହେଲାଣି କୌଣସି ସ୍ଥାୟୀ ଜଜ୍ ନିଯୁକ୍ତ ହୋଇନଥିବାରୁ ବହୁମାତ୍ରାରେ ମକଦ୍ଦମା ଶୁଣାଣି ହୋଇ ନପାରି ପଡିରହିଛି। ସେହିପରି ଅନ୍ୟାନ୍ୟ ମକଦ୍ଦମାକୁ ନେଇ ପରିଚାଳନାରେ ସମସ୍ୟା ଦେଖାଦେଇଛି। ତେଣୁ ତୁରନ୍ତ ସ୍ଥାୟୀ ଭିଜିଲାନ୍ସ ଜଜ୍ ନିଯୁକ୍ତ କରିବା ନେଇ କୋରାପୁଟ ଜିଲ୍ଲା ଆଇନଜୀବୀ ସଂଘ ପକ୍ଷରୁ ଗତ ୬ ତାରିଖରେ କୋରାପୁଟ ଜିଲ୍ଲା ଦାୟୀତ୍ୱରେ ରହିଥିବା ହାଇକୋର୍ଟ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ଦାବି କରିଛନ୍ତି। ସ୍ଥାୟୀ ଭାବେ ଜୟପୁର ସ୍ଥିତ କୋର୍ଟରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଏବଂ ଦୁଇଟି ଅତିରିକ୍ତି ଜିଲ୍ଲା କୋର୍ଟରେ ୨ଟି ଜଜ୍ ଏବଂ କମର୍ସିଆଲ କୋର୍ଟରେ ଜଜ୍ ଏକମାତ୍ର ଜଜ୍ ନିଯୁକ୍ତ କରିବା ନେଇ ସାକ୍ଷାତ କରିବା ସହ ଅନୁରୋଧ ପତ୍ର ପ୍ରଦାନ କରିଥିବା ଜିଲ୍ଲା ଆଇନଜୀବୀ ସଂଘର ସଭାପତି ସରୋଜ ଦାଶ ପ୍ରକାଶ କରିଛନ୍ତି । ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ପୂର୍ବତନ ସ୍ୱତନ୍ତ୍ର ଜଜ୍ ରାଜେଶ ଏକ୍କା ଗତ ଫେବୃୟାରୀ ମାସ ୨୮ ତାରିଖରେ ନିଜ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ସେଦିନ ଠାରୁ ସ୍ୱତନ୍ତ୍ର ଜଜ୍ ପଦ ଖାଲି ପଡିଛି। ସେହିପରି ଭିଜିଲାନ୍ସ ବିଭାଗ ପକ୍ଷରୁ ଯେଉଁ ଅଭିଯୁକ୍ତ ମାନଙ୍କ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଉଛି। ସେମାନଙ୍କୁ ଜିଲ୍ଲା ଜଜ୍ ଏବଂ ପୋକ୍ସ ଜଜ୍‌ଙ୍କୁ ଭିଜିଲାନ୍ସ ଜଜ୍ ଦାୟୀତ୍ୱ ପ୍ରଦାନ କରାଯାଉଥିବା ଯୋଗୁଁ କୋର୍ଟ ହାଜର କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଉଛି। ଗତ ଫେବୃୟାରୀ ୧୭ ତାରିଖରେ ତତ୍କାଳୀନ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅନ୍ତିମ ରାୟ ପ୍ରକାଶ କରିବା ସହ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ କରିଥିଲେ। କିନ୍ତୁ ଦୀର୍ଘ ୮ ମାସରୁ ଅଧିକ ହୋଇଥିବା ଯୋଗୁଁ ସ୍ଥାୟୀ ଜଜ୍ ନିଯୁକ୍ତ ହୋଇନଥିବା ଯୋଗୁଁ ରାୟ ପ୍ରକାଶ ପାଇପାରୁନାହିଁ। ତେଣୁ ଅଭିଯୁକ୍ତ ମାନେ ଦୀର୍ଘ ମାସ ଧରି ସେମାନଙ୍କ ରାୟ ପାଇଁ ଅପେକ୍ଷା କରିବାକୁ ପଡୁଛି। ଏହିପରି ଭିଜିଲାନ୍ସ ଜଜ୍ ଏବଂ ଅତିରିକ୍ତି ଜିଲ୍ଲା ଜଜ୍ ନଥିବା ଯୋଗୁଁ ମକଦ୍ଦମା ପରିଚାଳନା କରୁଥିବା ଆଇନଜୀବୀ ମାନେ ସମସ୍ୟାରେ ପଡୁଛନ୍ତି ବୋଲି ବରିଷ୍ଠ ଆଇନଜୀବୀ ତ୍ରିନାଥ ସିଂଲାଲ ପ୍ରକାଶ କରିଛନ୍ତି। ଜୟପୁର ଜିଲ୍ଲା କୋର୍ଟରେ ରହିଥିବା ଅତିରିକ୍ତ ଜିଲ୍ଲା ଜଜ୍ ଭାବେ ଡ.ସଂଘମିତ୍ରା ଦାଶଙ୍କୁ ଗତ ମେ ମାସ ୧୫ ତାରିଖରେ ପୋକ୍ସ କୋର୍ଟକୁ ବଦଳି ହୋଇଥିବା ଯୋଗୁଁ ଅତିରିକ୍ତି ଜିଲ୍ଲା ଜଜ୍ ପଦବୀ ଖାଲି ପଡିଛି। ସେହିପରି ଅଧିକ ମକଦ୍ଦମା ରୁଜୁ ହୋଇଥିବା ଯୋଗୁଁ ୨ୟ ଅତିରିକ୍ତ ଜିଲ୍ଲା କୋର୍ଟ ସ୍ଥାପନ ହୋଇଥିଲେ ସୁଦ୍ଧା ଜଜ୍ ନିଯୁକ୍ତ ହୋଇପାରିନାହାଁନ୍ତି। ତେଣୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଏବଂ ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟରେ ଚାଲାଣ ହେଉଥିବା ଅଭିଯୁକ୍ତ ମାନଙ୍କ ଅତିରକ୍ତି ଦାୟୀତ୍ୱରେ ରହିଥିବା ଅନ୍ୟାନ୍ୟ ଜଜ୍ ମାନଙ୍କ ସମ୍ମୁଖରେ ହାଜର ହେଉଥିବା ଯୋଗୁଁ ଜଜ୍ ମାନେ ଅଧିକ ଚାପଗ୍ରସ୍ତ ହେଉଥିବା ନେଇ ଆଇନଜୀବୀ ଓ ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଉଛି।



# ସାଇବର ସୁରକ୍ଷା ଅଭିଯାନ

ସେମିଳିଗୁଡ଼ା, ୨୯।୧୦ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବସଷ୍ଟାଣ୍ଡ ଠାରେ ଆଜି ସେମିଳିଗୁଡା ଆଦର୍ଶ ଥାନା ପକ୍ଷରୁ ଏକ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନାବେଡା ଏସଡିପିଓ, ସୁମିତ୍ରା ଜେନା, ସେମିଳିଗୁଡା ଆଇଆଇସି ଅନିତା ଖୁଜର୍, ସୁନାବେଡା ଆଇଆଇସି ସୁଷମା କୁଅଁରଙ୍କ ସହ ଅନ୍ୟାନ୍ୟ ସାଇବର ସୁରକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ନାଟକ ମାଧ୍ୟମରେ ବିଭିନ୍ନ ପ୍ରକାରର ସାଇବର ଠକେଇ ବିଷୟରେ ଜଣାଇ ଦିଆଯାଇଥିଲା। ସାଇବର ଠକେଇ ଘଟଣା ଘଟିଲେ ସାଇବର କ୍ରାଇମ୍ ହେଲ୍ପଲାଇନ୍ ନମ୍ବର ୧୯୩୦ ରେ ତତକ୍ଷଣାତ୍ ଅଭିଯୋଗ କରିବାକୁ ଅନୁରୋଧ କରାଯାଇଛି। ସେମିଳିଗୁଡା ପୁଲିସ ଷ୍ଟାଫ ଏବଂ ସ୍ଥାନୀୟ ଲୋକମାନଙ୍କ ସକ୍ରିୟ ଅଂଶ ଗ୍ରହଣ ଫଳରେ କାର୍ଯ୍ୟକ୍ରମଟି ସଫଳ ହୋଇଛି।

ସକାଳ THE SAKALA



# ରେଭେନ୍ସା ପୂର୍ବ ଛାତ୍ରାବାସରେ ଝାଡ଼ାବାନ୍ତି

କଟକ,୨୯।୧୦(ସମିସ): ପୁଣି ଥରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଝାଡ଼ାବାନ୍ତି ବ୍ୟାପିଛି। ଗତ ଜୁଲାଇ ମାସରେ ନ୍ୟୁପିଜି ଛାତ୍ରାବାସର ୪୦ରୁ ଅଧିକ ଅନ୍ତେବାସୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ୩ ମାସ ପରେ ଘଟଣାର ପୁନରାବୃତ୍ତି ଘଟିଥିବା ବେଳେ ବିଶ୍ୱବିଦ୍ୟାଳୟ ପରିସରସ୍ଥ ପୂର୍ବ(ଇଷ୍ଟ) ଛାତ୍ରାବାସର ୧୭ ଅନ୍ତେବାସୀ ଏବେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ଘଟଣା ଜଣାପଡ଼ିବା ପରେ କଟକ ମହାନଗର ନିଗମ(ସିଏମସି)ର ଖାଦ୍ୟ ସୁରକ୍ଷା ବିଭାଗର ଏକ ଟିମ୍ ହଷ୍ଟେଲରେ ପହଞ୍ଚି ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରିଛି। ରିପୋର୍ଟ ଆସିବା ପରେ ଝାଡାବାନ୍ତିର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମୀତା ବେହେରା କହିଛନ୍ତି।

ମଙ୍ଗଳବାର ରାତିରେ ପୂର୍ବ ଛାତ୍ରାବାସର କେତେକ ଅନ୍ତେବାସୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ଏହି ତାଲିକା ବଢ଼ିବାରେ ଲାଗିଥିଲା। ଘଟଣାକୁ ନେଇ ଛାତ୍ରାବାସ ଅନ୍ତେବାସୀଙ୍କ ଭିତରେ ଭୟର ବାତାବରଣ ଖେଳିଥିଲା। ମଙ୍ଗଳବାର



ରାତ୍ର ଭୋଜନରେ ଅନ୍ତେବାସୀଙ୍କୁ ରୁଟି ସହ ଅଣ୍ଡା ତଡ଼କା ଏବଂ ଭଜା ଦିଆଯାଇଥିଲା। ଖାଇବାର କିଛି ସମୟ ପରେ ଏଭଳି ଘଟଣା ଘଟିଥିବାରୁ ଖାଦ୍ୟ ବିଷକ୍ରିୟାରୁ ଝାଡ଼ାବାନ୍ତି ହୋଇଥିବା ପ୍ରଥମେ ଅନ୍ତେବାସୀମାନେ ଭାବିଥିଲେ। ମାତ୍ର ଦୂଷିତ ପାନୀୟ ଜଳ ପିଇବା ଯୋଗୁଁ ଏଭଳି ସମସ୍ୟା ହୋଇଛି ବୋଲି ଜଣେ ଅନ୍ତେବାସୀ ଅଭିଯୋଗରେ କହିଛନ୍ତି। ତାଙ୍କ କହିବା ମୁତାବକ, ପୂର୍ବରୁ ଛାତ୍ରାବାସରେ ୪ଟି ଆକ୍ୱାଗାର୍ଡ ଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଗୋଟିଏ ପରେ ଗୋଟିଏ ଅଚଳ ହେବାକୁ ଲାଗିଥିଲା। ଗୋଟିଏ ଆକ୍ୱାଗାର୍ଡ ଉପରେ ଶତାଧିକ ଛାତ୍ର ଭରସା କରୁଥିଲେ। ଯେଉଁ ଆକ୍ୱାଗାର୍ଡରୁ ଅନ୍ତେବାସୀ ପାନୀୟ ଜଳ ସଂଗ୍ରହ କରୁଥିଲେ ଏହା ସଫା କରାଯାଉନଥିଲା

## ଏସ୍‌ସିବିରେ ୧୭ ଆକ୍ରାନ୍ତ; ୩ ଗୁରୁତର

ବୋଲି ଅଭିଯୋଗ ହୋଇଛି। ପାନୀୟ ଜଳ ଯୋଗୁଁ ରୋଗ ବ୍ୟାପିବା ଅଭିଯୋଗକୁ ପୂର୍ବ ଛାତ୍ରାବାସର ୱାର୍ଡେନ୍ ଖଣ୍ଡନ କରିଛନ୍ତି। ୪ ମାସ ପୂର୍ବରୁ ସମସ୍ତ ଆକ୍ୱାଗାର୍ଡକୁ ଯାଞ୍ଚ କରାଯିବା ସହ ତାହାର କ୍ୟାଣ୍ଡେଲ ବଦଳାଯାଇଥିଲା। ତେଣୁ ପ୍ରକୃତରେ କେଉଁଥି ପାଇଁ ଏହି ରୋଗ ବ୍ୟାପିଲା ତାହା ତର୍ଜମା କରାଯିବ ବୋଲି ୱାର୍ଡେନ୍ ଡ ଶରତ କୁମାର ରାଉତ କହିଛନ୍ତି। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଡାକ୍ତରଖାନାକୁ ଯାଇ ଆକ୍ରାନ୍ତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

# ବାତ୍ୟା ପରେ ସମୁଦ୍ରରେ ଦୃଶ୍ୟମାନ ଭଗ୍ନ ଜାହାଜ

ରାଜନଗର,୨୯।୧୦(ସମିସ): ବଙ୍ଗୋପସାଗରର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭିତରେ ଜାହାଜର ଭଗ୍ନାଂଶ ଦେଖିବାକୁ ମିଳିଛି। ବାତ୍ୟା ମୋନ୍ଥା ରେ ସମୁଦ୍ର ଅଶାନ୍ତ ରହିଥିଲା। ବୁଧବାର ସକାଳେ ସମୁଦ୍ର କୁଳଠାରୁ ଅଳ୍ପ ଦୂରରେ ଜାହାଜର ଭଗ୍ନାଂଶ ଦେଖିବାକୁ ମିଳିଥିଲା। ସମୁଦ୍ର ଭଟ୍ଟା ସମୟରେ ଜାହାଜର ଭଗ୍ନାବଶେଷ କୁଳଠାରୁ ୧୦୦ ମିଟର ଭିତରେ ଉପରକୁ ଦେଖାଯାଉଛି। ସଂପୂର୍ଣ୍ଣ ଜୁଆର ସମୟରେ ଏହା ପାଣି ଭିତରେ ବୁଡ଼ି ରହୁଛି। ଏହି ଭଗ୍ନାବଶେଷଟି ଆଲୁମିନିୟମ ହୋଇଥିବାରୁ ଏହା ଇଂରେଜ ସମୟରେ ବୁଡ଼ିଯାଇଥିବା ଜାହାଜର ଭଗ୍ନାଂଶ ବୋଲି କୁହାଯାଇଛି।



## ଆଇନଜୀବୀ 'ପୀତବାସ ପଣ୍ଡା' ହତ୍ୟା ମାମଲା

# ଜେଲ୍‌ରେ ମହକିଲଙ୍କୁ ଭେଟିବାରେ ଆପତ୍ତି ନାହିଁ: କୋର୍ଟ

ବ୍ରହ୍ମପୁର,୨୯ ।୧୦(ସମିସ): ବ୍ରହ୍ମପୁର ମଣ୍ଡଳ କାରାଗାରରେ ଆଇନଜୀବୀଙ୍କୁ ନିଜ ମହକିଲଙ୍କୁ ଭେଟିବାକୁ ସୁଯୋଗ ଦିଆଯାଉନାହିଁ। ଏଭଳି ଅଭିଯୋଗ କରିଛନ୍ତି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଓକିଲ ଦୀପକ ପଟ୍ଟନାୟକ। ଗତ ୨୭ତାରିଖ ଦିନ ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ ନିଜ ମହକିଲ ବିକ୍ରମଙ୍କ ସହିତ ସାକ୍ଷାତ ଆଲୋଚନା କରିବାକୁ ବ୍ରହ୍ମପୁର ଜେଲକୁ ଯାଇଥିବା ବେଳେ ତାଙ୍କୁ କର୍ତ୍ତୃପକ୍ଷ ଅନୁମତି ଦେଇନଥିଲେ। ଯାହାକୁ ଆଇନଜୀବୀ ଦୀପକ ପଟ୍ଟନାୟକ ପ୍ରତିବାଦ ମଧ୍ୟ କରିଥିଲେ। ତେବେ ବାଧ୍ୟ ହୋଇ ଅନ୍ୟମାନଙ୍କ ଭଳି ଦୀପକ ପଟ୍ଟନାୟକ ଲୁହା ଜାଲି ଓ କାଚ ବାଡ଼ର ପ୍ରତିବନ୍ଧକ ମଧ୍ୟରେ ନିଜ ମହକିଲ ବିକ୍ରମଙ୍କ ସହିତ ଆଲୋଚନା କରିଥିଲେ। ଜେଲ୍‌ରୁ ଫେରି ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପିଟିସନ ଜରିଆରେ ଅଭିଯୋଗ ଫର୍ଦ୍ଦ ଦାଖଲ କରି ଘଟଣା ସମ୍ପର୍କରେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏବଂ ଓକିଲଙ୍କୁ ନିଜ ମହକିଲଙ୍କ ସହିତ ଜେଲରେ ସମ୍ମାନର ସହିତ ସାକ୍ଷାତ ଅନୁମତି ପାଇଁ ନିବେଦନ କରିଥିଲେ। ପିଟିସନର ଶୁଣାଣି କରି ଏସ୍‌ଡିଜେଏମ ବ୍ରହ୍ମପୁର

- ଜେଲ୍ ମାନୁଆଲ ଅନୁଯାୟୀ ଆବଶ୍ୟକ ବ୍ୟବସ୍ଥା କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ
- ପିଣ୍ଟୁଙ୍କ ଫୁଲବାଣୀ ଜେଲ୍ ସ୍ଥାନାନ୍ତର ସାମୟିକ ସ୍ଥଗିତ!

ଜେଲ କର୍ତ୍ତୃପକ୍ଷଙ୍କୁ ନୋଟିସ କରିଛନ୍ତି। ଏଥିରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ଯେ, ଅଭିଯୁକ୍ତଙ୍କର ନିଜ ଓକିଲ ତଥା ଆଇନଗତ ପରାମର୍ଶଦାତାଙ୍କ ସହିତ ମାମଲା ସମ୍ପର୍କରେ ଆଲୋଚନା ପାଇଁ ସମସ୍ତ ଅଧିକାର ରହିଛି। ଜେଲ ମାନୁଆଲ ଅନୁସାରେ ଓକିଲ କିମ୍ବା ତାଙ୍କ ମହକିଲଙ୍କ ସାକ୍ଷାତ ଆଲୋଚନାରେ ଜେଲ କର୍ତ୍ତୃପକ୍ଷ ପ୍ରତିବନ୍ଧକ ସୃଷ୍ଟି କରିବା ଉଚିତ ନୁହେଁ। ଏଣୁ ବ୍ରହ୍ମପୁର ମଣ୍ଡଳ କାରାଗାରର ଅଧୀକ୍ଷକଙ୍କୁ ଜେଲ୍ ମାନୁଆଲ ଅନୁଯାୟୀ ବିଚାରାଧିନ କଏଦୀଙ୍କୁ ନିଜ ଓକିଲଙ୍କ ସହ ସାକ୍ଷାତ ପାଇଁ ବ୍ରହ୍ମପୁର ଏସ୍‌ଡିଜେଏମ୍ କୁମାର ସ୍ୱନ୍ଦନ ଅନୁମତି ଦେଇଥିବା ସୂଚନା ଦେଇଛନ୍ତି ଆଇନଜୀବୀ ଦୀପକ ପଟ୍ଟନାୟକ।

ଅନ୍ୟପଟେ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଗିରଫ ହୋଇଥିବା ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ ବ୍ରହ୍ମପୁର ଜେଲରୁ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ବ୍ରହ୍ମପୁର ଜେଲରେ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଜେଲ୍ କର୍ତ୍ତୃପକ୍ଷ ଲିଖିତ ଭାବେ ଜଣାଇବା ପରେ ତାଙ୍କ ସ୍ଥାନାନ୍ତର ନିଷ୍ପତ୍ତି ହୋଇଥିଲା।

## ■ ମାଓବାଦୀ ନାଁରେ ନାବାଳିକାକୁ ଗଣଦୁଷ୍କର୍ମ ଓ ଡକାୟତି ମାମଲା

# ୫ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ

ଫିରିଙ୍ଗିଆ,୨୯।୧୦(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ୨୦୨୪ ମସିହାରେ ଘଟିଥିବା ଏକ ନାବାଳିକା ଗଣଦୁଷ୍କର୍ମ ଓ ଡକାୟତି ମାମଲାର ଶୁଣାଣି କରି ୫ ଅଭିଯୁକ୍ତଙ୍କୁ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି ଫୁଲବାଣୀ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ।

ଜଣେ ୧୪ ବର୍ଷିଆ ନାବାଳିକାକୁ ମାଓବାଦୀ ନାଁରେ ଧମକ ଦେଇ ଗଣଦୁଷ୍କର୍ମ ଓ ଡକାୟତି ମାମଲାର ୧୮ ଜଣଙ୍କ ସାକ୍ଷ୍ୟ, ଡ଼ାକ୍ତରୀ ରିପୋର୍ଟ ଏବଂ ଟିଆଇ ପରେଡ୍ ପରେ ଗୋଚ୍ଛାପଡା ଥାନା ମୁସେଲିପାଙ୍ଗା ଗାଁର ଅଶୋକ ମୁଖୀ, ଦାରିଙ୍ଗବାଡି ଥାନା ସିମନବଡି ଗାଁର ସୁଶାନ୍ତ ନାୟକ, କୃପାକର ମୁଖୀ, ଜେରହ ନାୟକ ଓ ଯୋଶେଫ୍ ରୁପାମାଝିଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ୨୬ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି ବିଚାରପତି। ଜରିମାନା ଅନାଦାୟ ଆଉ ଅଧିକ ୫ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ତରଫରୁ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିବା ବେଳେ ଫିରିଙ୍ଗିଆ ଥାନାରେ କାର୍ଯ୍ୟରତ ଏସ୍‌ଆଇ ଦୀପକ କୁମାର ରାଉତଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା।

ସୂଚନା ଅନୁସାରେ, ଗତ ୨୦୨୪ ଏପ୍ରିଲ ୨୪ ରାତି ପ୍ରାୟ ୯ଟାରେ ମାସ୍କ ପିନ୍ଧା କେତେକ ଅଭିଯୁକ୍ତ ମାଓବାଦୀର ପରିଚୟ ଦେଇ ପୀଡ଼ିତାଙ୍କ ଘରେ ପଶି ଖାଇବାକୁ ମାଗିଥିଲେ। ଏହାସହ ପିସ୍ତଲ୍, କାତି ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ୫୦ହଜାର ଟଙ୍କାର ସୁନାମାଳୀ, କାନଫୁଲ ଏବଂ ତିନୋଟି ମୋବାଇଲ ଲୁଟି ନେଇଥିଲେ। ସେମାନେ ନିଜକୁ ମାଓବାଦୀ ପରିଚୟ ଦେଇ ନାବାଳିକାକୁ ଆମ ମାଡ଼ାମକୁ ଭାତ ଖାଇବାକୁ ନେଇ ଦେବୁ ବୋଲି କହି ଟାଣି ଟାଣି ଘରୁ ନେଇଯାଇଥିଲେ। ଘରଠୁ ପ୍ରାୟ ପଚାଶ ମିଟର ଦୂର ଏକ ପଡ଼ିଆକୁ ନେଇ ଅଭିଯୁକ୍ତମାନେ ଗଣଦୁଷ୍କର୍ମ କରିଥିଲେ। ଏହାସହ ଆସନ୍ତାକାଲି ଆସି ତୋତେ ନେଇଯିବୁ; ଆଉ ଯଦି ନଯିବୁ ତୋ ପରିବାରକୁ ଜୀବନରେ ମାରିଦେବୁ ବୋଲି ଧମକ ଦେଇ ପଳାଇଥିଲେ। ନାବାଳିକା ଜଣକ ଘର ଲୋକଙ୍କୁ ସବୁକଥା କହିବାରୁ ବାପା ଫିରିଙ୍ଗିଆ ଥାନାରେ ଅଭିଯୋଗ କରିଥିଲେ। ଏକ ମାମଲା ରୁଜୁ କରି ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଦୀପକ ରାଉତଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ସେ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ। ବୁଧବାର ବିଚାରପତି ଉକ୍ତ ରାୟ ଶୁଣାଇଛନ୍ତି। ଏହାସହ ପୀଡିତାକୁ କ୍ଷତିପୂରଣ ବାବଦ ୬ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

# ଲୋକସେବା ଭବନରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୯।୧୦(ସମିସ): ଲୋକସେବା ଭବନ ଗୃହ ବିଭାଗରେ ସଟ୍ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି। ବୁଧବାର ସକାଳୁ ଲୋକସେବା ଭବନର କର୍ମଚାରୀମାନେ କମ୍ପ୍ୟୁଟର ଖୋଲି କାମ କରୁଥିଲେ। ଏହି ସମୟରେ ଏକ ତାର ପୋଡ଼ିବାର ଗନ୍ଧ ହୋଇଥିଲା। ଏହା ପରେ ଧୂଆଁ ବାହାରିବାରୁ ଗୃହ ବିଭାଗରେ କାମ କରୁଥିବା ଲୋକ ବାହାରକୁ ବାହାରି ଆସିଥିଲେ। ଏହାପରେ କିଛି କର୍ମଚାରୀ ଅଗ୍ନିଶମ କର୍ମଚାରୀଙ୍କୁ ଫୋନ୍ କରି ଜଣାଇଥିଲେ। ହେଲେ ଅଗ୍ନିଶମ କର୍ମଚାରୀ ଆସିବା ପୂର୍ବରୁ କିଛି କର୍ମଚାରୀ ଉପସ୍ଥିତ ବୁଦ୍ଧି ଦେଖାଇ ଅଗ୍ନି ନିରାପତ୍ତା ଯନ୍ତ୍ର ସାହାଯ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ପ୍ରାଥମିକ ସ୍ତରରୁ ନିଆଁକୁ ଆୟତ୍ତ କରାଯାଇ ନ ଥିଲେ ଗୃହ ବିଭାଗର ବହୁ ଗୁରତ୍ୱପୂର୍ଣ୍ଣ ଦସ୍ତାବିଜ୍ ପୋଡ଼ିଯାଇଥା'ନ୍ତା ବୋଲି କୁହାଯାଉଛି। ଲୋକସେବା ଭବନରେ ଲାଗିଥିବା ତାରଗୁଡ଼ିକ ପୁରୁଣା ହୋଇଯାଇଥିବାରୁ ସଟ୍‌ସର୍କିଟ ହୋଇ ନିଆଁ ଲାଗୁଥିବା ଅଗ୍ନିଶମ ବିଭାଗ କର୍ମଚାରୀମାନେ କହିଛନ୍ତି।

## ମୁକେଶ ମହାଲିଙ୍ଗଙ୍କୁ ବିଜେଡିର ପାଲଟା ଜବାବ

# ବିଜେପି ଶାସନରେ ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡି ପଡିଛି

ଭୁବନେଶ୍ୱର,୨୯।୧୦(ସମିସ): କ୍ଷମତାକୁ ଆସିବା ପରେ ବିଜେପି ସରକାର ରାଜ୍ୟ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆଣିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଥିବା ମନ୍ତବ୍ୟ ଉପରେ କଡ଼ା ପ୍ରତିକ୍ରିୟା ରଖିଛି ବିଜେଡି। ଗତ ୧୬ ମାସର ବିଜେପି ଶାସନରେ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଧାର ନୁହେଁ; ବରଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି ବୋଲି ବିଜେଡି ଆକ୍ଷେପ କରିଛି ।

ଦଳ ପକ୍ଷରୁ ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ବିଭିନ୍ନ ମିଛ ପ୍ରଚାର କରି ନିର୍ବାଚନ ଜିତିଥିବା ବିଜେପି ସରକାରର ଗତ ୧୬ ମାସରେ ସ୍ୱାସ୍ଥ୍ୟ ସମେତ ସମସ୍ତ କ୍ଷେତ୍ରରେ ବିଫଳତା ଜଳ ଜଳ ହୋଇ ଦିଶୁଛି। ୨୦୨୪ ମସିହା ଜୁନ ମାସରେ ବିଜେପି ଶାସନକୁ ଆସିବା ପରେ ଓଡ଼ିଶା ଅନେକ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହୋଇଛି। ବିଶେଷକରି ଆମ୍ବୁଲାନ୍ସ ବିଫଳତା, ଆୟୁଷ୍ମାନ କାର୍ଡ ବିଫଳତା, ୧୨ରୁ ଊର୍ଦ୍ଧ୍ୱ ଜିଲ୍ଲାରେ ହଇଜା ଓ ଡାଇରିଆ ରୋଗ ସରକାରଙ୍କ ପାରିବା ପଣିଆକୁ ଉଜାଗର କରିଛି। ଗତ ୧୬ ମାସରେ ପରିଚାଳନାଗତ ବିଫଳତା କାରଣରୁ ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଭୁଶୁଡି ପଡିଛି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ଅଧିକାଂଶ ଆମ୍ବୁଲାନ୍ସ ଭେଣ୍ଟିଲେଟର ବିନା ଚାଲୁଛି। ହିଞ୍ଜିଳିକାଟୁ ନିକଟରେ ଏକ ଆମ୍ବୁଲାନ୍ସ ଖରାପ ହେବା ଯୋଗୁଁ ରୋଗୀର ମୃତ୍ୟୁ ହେବା ଓ ଅନ୍ୟ ଘଟଣାରେ ଆମ୍ବୁଲାନ୍ସରେ ଅକ୍ସିଜେନ ନଥିବା କାରଣରୁ ଜଣେ ମହିଳାଙ୍କ ମୃତ୍ୟୁ ହେବା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଦୋହଲେଇ ଦେଇଥିଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳୁଥିବା ସୁବିଧାଗୁଡିକ ଆୟୁଷ୍ମାନ

- ରକ୍ଷଣାବେକ୍ଷଣା ଅଭାବରୁ ରାଜ୍ୟରେ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ
- ବିଏସକେୱାଇର ବିକଳ୍ପ ହୋଇ ପାରିନାହିଁ ଆୟୁଷ୍ମାନ ଯୋଜନା
- ମ୍ୟାଲେରିଆର ପ୍ରକୋପ ବୃଦ୍ଧି ପାଇଛି, ହଇଜାର ଆବିର୍ଭାବ ଘଟିଛି

ଯୋଜନାରେ ମିଳୁ ନଥିବାରୁ, ଏହାର ହିତାଧିକାରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଡ. ମହାନ୍ତି କହିଛନ୍ତି ୨୦୨୪ର ମଧ୍ୟଭାଗରେ ଓଡ଼ିଶାର ଅନେକ ଜିଲ୍ଲାରେ ହଇଜା ଓ ଡାଇରିଆ ରୋଗର ମାରାତ୍ମକ ପ୍ରକୋପ ଦେଖା ଦେଇଥିଲା। ରାଜ୍ୟ ସରକାରଙ୍କ ବେପରୁଆ ମନୋଭାବ ଯୋଗୁଁ ଏହା ୧୨ରୁ ଅଧିକ ଜିଲ୍ଲାକୁ ବ୍ୟାପିଥିଲା। ଏଥିରେ ଶତାଧିକ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ଅନେକଙ୍କ ମୃତ୍ୟୁ ହୋଇଥିଲା। ପୂର୍ବ ସରକାରଙ୍କ ସମୟରେ ମ୍ୟାଲେରିଆ ନିୟନ୍ତ୍ରଣରେ ନୂତନ କୀର୍ତ୍ତିମାନ ହାସଲ କରିଥିବା ବେଳେ ୨୦୨୪ରେ ଓଡ଼ିଶାରେ ମାଲେରିଆ ମାମଲା ୬୩.୬ ପ୍ରତିଶତ ବୃଦ୍ଧି ପାଇଥିଲା । ସେହିପରି ଡିସେମ୍ବର ୨୦୨୪ର ସିଏଜି ରିପୋର୍ଟ ଅନୁଯାୟୀ ଓଡ଼ିଶାର ସରକାରୀ ହସ୍ପିଟାଲରେ ୬୪ ପ୍ରତିଶତ ବେଡ(ଶଯ୍ୟା) ଅଭାବ ଓ ୪୯ ପ୍ରତିଶତ ବିଶେଷଜ୍ଞ ଡାକ୍ତର ପଦ ଖାଲି ରହିଛି। ୨୦୨୪ ଅଗଷ୍ଟ ୨୧ରେ ଗଞ୍ଜାମ ଜିଲ୍ଲାର ଚିକିଟି ଅଞ୍ଚଳରେ ନକଲି ମଦ ପିଇ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୭ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୧୮ ଡିସେମ୍ବର ୨୦୨୪ରେ କନ୍ଧମାଳର ଦାରିଙ୍ଗିବାଡି ବ୍ଲକରେ ଆମ୍ବ ଟାକୁଆ ଜାଉ ଖାଇ ୨ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଅସୁସ୍ଥ ହୋଇଥିଲେ। ୪ ଜୁନ ୨୦୨୫ରେ କୋରାପୁଟର ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭୁଲ ଇଞ୍ଜେକ୍ସନ ଦିଆଯିବା ଫଳରେ ୫ ଗୁରୁତର ରୋଗୀଙ୍କ ମୃତ୍ୟୁ ହେଲା। ବିଜେପି ସରକାରଙ୍କ ମିଛ ପ୍ରଚାରକୁ ଓଡ଼ିଶାବାସୀ ବୁଝିଗଲେଣି। ଚଳିତ ଉପନିର୍ବାଚନରେ ନୂଆପଡାବାସୀ ଏହାକୁ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।


**Format C-1**

(For candidate to publish in Newspapers, TV)

**Declaration about criminal cases**

***(as per the judgment dated 25th September, 2018 of Hon'ble Supreme Court in WP(Civil) No-536 of 2011 (Public Interest Foundation & Ors. Vs. Union of India & Anr.)***

**Name and address of candidate: Smt Snehangini Chhuria,**
**W/o-Durga Prasad Chhuria, At/Po-Dekulba,**
**Ps/Tah-Bheden, Dist-Bargarh**

**Name of Political Party: - BIJU JANATA DAL**

**(Independent candidate should write "Independent" here)**

**Name of Election: - BYE-ELECTION TO THE STATE LEGISLATIVE ASSEMBLY OF ODISHA-2025,**

**Name of Constituency: - 71-Nuapada Legislative Assembly**

**I, Smt Snehangini Chhuria** (name of candidate), a candidate for the above mentioned election, declared for public information the following details about my criminal antecedents:

**(A) Pending criminal cases**

| SL No | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| **1** | **S.D.J.M, Bargarh** | **C.T No-83 of 2025 arising out of Bargarh Town PS Case No-36 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards. |
| **2** | **S.D.J.M, Bargarh** | **C.T No-84 of 2025 arising out of Bargarh Town PS Case No-37 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| **3** | **S.D.J.M, Bargarh** | **C.T No-86 of 2025 arising out of Rural PS Case No-11 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| **4** | **S.D.J.M, Bargarh** | **CT No- 89 of 2025 arising out of Bargarh Town PS Case No-38 dt 22/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |

**(B) Details about cases of conviction for criminal offences**

| SL No | Name of Court & date(s) of order(s) | Description of offence(s) & punishment imposed | Maximum punishment imposed |
|---|---|---|---|
| | NIL | NIL | NIL |
| | NIL | NIL | NIL |

***In the case of election to Council of State or election to Legislative Council by MLAs, mention the election concerned in place of name of constituency.**

**Sd/- Smt Snehangini Chhuria**

# ଆସିବ 'ମୁନ୍ନା ଭାଇ ୩'

ସଞ୍ଜୟ ଦତ୍ତ ଓ ଅରଶଦ ୱାର୍ସିଙ୍କ ଫିଲ୍ମ 'ମୁନ୍ନାଭାଇ ଏମ୍‌ବିବିଏସ୍' ଫିଲ୍ମ ଆଜି ବି ଦର୍ଶକଙ୍କ ହୃଦୟରେ ରାଜ୍ କରୁଛି । ଏହି ସିରିଜ୍‌ର ତୃତୀୟ ଫିଲ୍ମକୁ ଅନେକ ଦିନରୁ ଦର୍ଶକେ ଅପେକ୍ଷା କରିଛନ୍ତି । ଫିଲ୍ମରେ ସର୍କିଟ୍ ଓ ମୁନ୍ନାଭାଇଙ୍କ ଯୋଡ଼ିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ସର୍କିଟ୍ ଭୂମିକାରେ ଅଭିନୟ କରି ଅରଶଦ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ । ନିକଟରେ ଏକ ସାକ୍ଷାତକାରରେ ଅରଶଦ 'ମୁନ୍ନାଭାଇ ୩'କୁ ନେଇ ଖୁଲାସା କରିଛନ୍ତି । ଅରଶଦ କହିଥିଲେ, ' ସଞ୍ଜୁ (ସଞ୍ଜୟ ଦତ୍ତ) ଜଣେ ପ୍ରତିଭାଶାଳୀ ଅଭିନେତା । ତାଙ୍କ ସହ କାମ କରିବା ବେଶ୍ ମଜାଦାର ଥିଲା । ପୂରା ସ୍କ୍ରିପ୍ଟ ମନେ ରଖିବା ମୋ ପାଇଁ ଅସମ୍ଭବ ଥିଲା । ତାଙ୍କ ପାଇଁ ମୋତେ ପୂରା କାହାଣୀ ମନେ ରଖିବାକୁ ପଡୁଥିଲା । କାରଣ ସଞ୍ଜୁ ପ୍ରତ୍ୟେକ ଦିନ ସେଟ୍‌କୁ ଆସି ପଚାରୁଥିଲେ ଆଜି ଆମେ କ'ଣ କରିବା । ମୁଁ ତାଙ୍କୁ କ'ଣ ସୁଟିଂ କରିବାର ଅଛି ସେବିଷୟରେ କହୁଥିଲି । ' ସେ ଆହୁରି ମଧ କହିଥିଲେ, ସମୟ ଥିଲା 'ମୁନ୍ନ ଭାଇ ୩' ଆସିବା କଳ୍ପନା କରି ହେଉ ନ ଥିଲା । ଏବେ ରାଜୁ (ରାଜ କୁମାର ହିରାନୀ) ଏହା ଉପରେ କାମ ଆରମ୍ଭ କରି ଦେଇଛନ୍ତି । ଅରଶଦଙ୍କ ପୂର୍ବରୁ ବିଦ୍ଧୁ ବିନୋଦ ଚୋପ୍ରା 'ମୁନ୍ନାଭାଇ ୩' ଆସୁଛି ବୋଲି କହିଥିଲେ । ସେ କହିଥିଲେ, 'ମୁନ୍ନାଭାଇ ୩' ଏହି ସିରିଜ୍‌ର ଅନ୍ୟ ଦୁଇଟି ଫିଲ୍ମ ଠାରୁ ଆହୁରି ଭଲ ହେବାର ଆବଶ୍ୟକତା ରହିଛି । ମୋ ପାଖରେ ଏକ ଭଲ ଆଇଡିଆ ଅଛି । ମୁଁ ତାରି ଉପରେ କାମ କରୁଛି ।'





# ବିଶ୍ୱ ମିତବ୍ୟୟତା ଦିବସ

ସଞ୍ଚୟ କରିବା ଏକ ଭଲ ଗୁଣ । ସମସ୍ତଙ୍କର ଭବିଷ୍ୟତ ଚିନ୍ତା ରହିବା ଜରୁରି । ବେଳେବେଳେ ମଣିଷକୁ ସଙ୍କଟଜନକ ଆର୍ଥିକ ସ୍ଥିତିର ମୁକାବିଲା କରିବାକୁ ପଡ଼ିଥାଏ । ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନଠାରୁ ସଞ୍ଚୟ କରିବା ଆବଶ୍ୟକ । ସଞ୍ଚୟ ଅର୍ଥାତ୍ ମିତବ୍ୟୟତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସାରା ବିଶ୍ୱରେ ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖକୁ ବିଶ୍ୱ ମିତବ୍ୟୟତା ଦିବସ ଭାବେ ପାଳନ କରାଯାଉଥିବାବେଳେ ଭାରତରେ ଏହା ପ୍ରତିବର୍ଷ ଅକ୍ଟୋବର ୩୦ରେ ପାଳନ କରାଯାଏ । କାରଣ ୩୧ ଅକ୍ଟୋବର, ୧୯୮୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ହୋଇଥିବାରୁ ଏହା ଭାରତରେ ଅକ୍ଟୋବର ୩୦ ତାରିଖରେ ପାଳନ କରାଯାଉଛି । ମିତବ୍ୟୟୀ ହୋଇ ସଞ୍ଚୟ କରିବା ନିମନ୍ତେ ଆଜିର ଦିନ ବାର୍ତ୍ତା ଦିଏ । ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅର୍ଥ ସଞ୍ଚୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଜଣେ ଅର୍ଥ ସଞ୍ଚୟ କରି ନିଜ ପାଇଁ ରୋଜଗାରର ବ୍ୟବସ୍ଥା କରିପାରିବେ । କେବଳ ସେତିକି ନୁହେଁ, ସଞ୍ଚିତ ଅର୍ଥରେ ଜଣେ ଭଲ ଶିକ୍ଷା ପ୍ରାପ୍ତ କରିପାରିବେ । ଜଣେ ବ୍ୟକ୍ତି ରୋଗଗ୍ରସ୍ତ ହେଲେ ଚିକିତ୍ସା ପାଇଁ ମଧ ଟଙ୍କାର ଆବଶ୍ୟକତା ପଡ଼ିଥାଏ । ତେଣୁ ସୁସ୍ଥ ଜୀବନ ଜିଇଁବା ପାଇଁ ଓ ଦେଶର ଅର୍ଥ ବ୍ୟବସ୍ଥାକୁ ସୁରକ୍ଷିତ କରିବା ପାଇଁ ଟଙ୍କା ସଞ୍ଚୟର ଆବଶ୍ୟକତା ରହିଛି । ଏକଥାକୁ ହୃଦୟଙ୍ଗମ କରି ୧୯୨୪ ଅକ୍ଟୋବର ୩୦ରେ ଇଟାଲୀର ମିଲାନରେ ପ୍ରଥମ ଥର ପାଇଁ ଆୟୋଜିତ 'ଇଣ୍ଟରନ୍ୟାସନାଲ ଥ୍ରିଫ୍ଟ କଂଗ୍ରେସ'ରେ ୩୧ ଅକ୍ଟୋବରକୁ ବିଶ୍ୱ ମିତବ୍ୟୟତା ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ସଞ୍ଚୟ କରିବା ନିହାତି ଜରୁରି । ସାରା ବିଶ୍ୱରେ ସଞ୍ଚୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି । ଏହି ଦିନ ବ୍ୟାଙ୍କ ଓ ବିଭିନ୍ନ ଏନ୍‌ଜିଓଗୁଡ଼ିକ ତରଫରୁ ସଞ୍ଚୟ କରିବା ନିମନ୍ତେ ଲୋକଙ୍କୁ ପୋତ୍ସାହିତ କରାଯାଏ ।

## ଆଜିର ଇତିହାସ

- ୧୮୮୩- ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦେହାନ୍ତ ।
- ୧୯୨୫- ପ୍ରଥମ ଥର ପାଇଁ ଲଣ୍ଡନରେ ଟେଲିଭିଜନ୍ ପ୍ରସାରଣ ସେବା ଆରମ୍ଭ ହେଲା ।
- ୧୯୫୬-ଦିଲ୍ଲୀରେ ଦେଶର ପ୍ରଥମ ପଞ୍ଚତାରକା ହୋଟେଲ 'ଅଶୋକ' ଖୋଲିଲା ।
- ୧୯୬୦- ବ୍ରିଟେନରେ ପ୍ରଥମ ଥର ସଫଳତା ପୂର୍ବକ ବୃକକ୍ ପ୍ରତ୍ୟାରୋପଣ କରାଗଲା ।
- ୨୦୦୩- ବ୍ରିଟେନର ଯୁବରାଜ ପ୍ରିନ୍ସ ଚାର୍ଲସ୍ ଭାରତ ଯାତ୍ରାରେ ଆସିଲେ ।
- ୨୦୧୩- ତେଲଙ୍ଗାନାର ମେହେବୁବ ନଗରରେ ବସ୍‌ରେ ନିଆଁ ଲାଗିବାରୁ ପାଖାପାଖି ୪୪ ଜଣଙ୍କ ମୃତ୍ୟୁ ।



# ଖାଦ୍ୟକୁ ୩୦-୪୦ ଥର ଚୋବାଇ ଖାଇବା ଭଲ

ଖାଦ୍ୟକୁ ଭଲଭାବେ ଚୋବାଇ ଖାଇବାକୁ ପରାମର୍ଶ ଦିଆଯାଏ । ତେବେ ଖାଦ୍ୟକୁ ଠିକ୍ ଭାବେ ଚୋବାଇ ଖାଇବା ଦ୍ୱାରା ଭଲ ଭାବେ ହଜମ ହୋଇଥାଏ । କେବଳ ସେତିକି ନୁହେଁ, ଏହି ଛୋଟିଆ ଅଭ୍ୟାସ ଓଜନ ହ୍ରାସ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଉପଯୋଗୀ । ସେହିପରି ଖାଦ୍ୟକୁ କେତେ ସମୟ ଚୋବାଇ ଖାଇବା ଦରକାର, ତାହା ହୁଏତ ଅନେକେ ଜାଣି ନ ଥିବେ । ପ୍ରତ୍ୟେକ ଖାଦ୍ୟକୁ ୩୦-୪୦ ଥର ଚୋବାଇବା ଉଚିତ । ଏହାଦ୍ୱାରା ଖାଦ୍ୟ ଛୋଟ ଛୋଟ ଖଣ୍ଡରେ ପରିଣତ ହୁଏ । ଫଳରେ ଖାଦ୍ୟ ସହଜରେ ହଜମ ହୋଇଯାଏ । ଏହାସହ ଶରୀରର ପୋଷକ ତତ୍ତ୍ୱକୁ ଭଲ ଭାବେ ଅବଶୋଷିତ କରିବାରେ ସାହାଯ୍ୟ କରେ । ବେଳେବେଳେ ମଣିଷ ଆବଶ୍ୟକତାଠୁ ଅଧିକ ଖାଇ ଦିଏ । ଏହା ଯୋଗୁଁ ଓଜନ ବୃଦ୍ଧି ପାଏ । 'ଦ ଆମେରିକାନ ଜର୍ଣ୍ଣାଲ ଅଫ୍ କ୍ଲିନିକାଲ ନ୍ୟୁଟ୍ରିସନ୍'ରେ ପ୍ରକାଶିତ ଏକ ଗବେଷଣାରୁ ଜଣାପଡ଼ିଥିଲା ଯେ, ଯେଉଁମାନେ ପ୍ରତ୍ୟେକ ଖାଦ୍ୟକୁ ୪୦ ଥର ଚୋବାଇ ଖାଆନ୍ତି, ସେମାନେ ୧୫ ଥର ଖାଦ୍ୟ ଚୋବାଇ ଖାଉଥିବା ଲୋକଙ୍କ ତୁଳନାରେ ପ୍ରାୟ ୧୨ ପ୍ରତିଶତ କମ୍ ଖାଆନ୍ତି । ଖାଦ୍ୟକୁ ଧୀରେ ଧୀରେ ଏବଂ ଭଲ ଭାବରେ ଚୋବାଇ ଖାଇବା ଦ୍ୱାରା ଅଧିକ ଖାଇବାର ଆଶଙ୍କା ହ୍ରାସ ପାଏ ଏବଂ ଓଜନ ନିୟନ୍ତ୍ରଣରେ ରୁହେ । ଅପରପକ୍ଷରେ ଖାଦ୍ୟକୁ ଭଲଭାବେ ଚୋବାଇ ଖାଇବା ଦ୍ୱାରା ସ୍ୱାଦକୁ ଭଲଭାବେ ଜାଣି ହୋଇଥାଏ । ଖାଦ୍ୟକୁ ଅଧିକ ଚୋବାଇ ଖାଇବା ଦ୍ୱାରା ଶରୀରର ଭୋକ ଏବଂ ପେଟ ଭରିବାର ପ୍ରକ୍ରିୟାକୁ ମଧ ଭଲ ଭାବରେ ବୁଝି ହୁଏ । ଫଳରେ ସୁସ୍ଥ ଖାଦ୍ୟାଭ୍ୟାସର ଧାରା ବିକଶିତ ହୁଏ । ଚୋବାଇ ଖାଇବା ଦ୍ୱାରା ଏହାର ପ୍ରଭାବ କେବଳ ପାଚନ ଉପରେ ପଡ଼ି ନ ଥାଏ, ବରଂ ମେଟାବଲିଜିମ୍ ଉପରେ ବି ଭଲ ପ୍ରଭାବ ପଡ଼େ । ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇବା ହେଉଛି ହଜମ ପ୍ରକ୍ରିୟାର ପ୍ରଥମ ସୋପାନ । ତା'ସହ ଭଲ ଭାବେ ଖାଦ୍ୟ ଚୋବାଇ ଖାଇଲେ, ଖାଇବା ପରେ ସନ୍ତୋଷ ପ୍ରାପ୍ତ ହୁଏ । ଏହାଦ୍ୱାରା ଖାଦ୍ୟର ମାତ୍ରାକୁ ନିୟନ୍ତ୍ରିତ କରିବା ଏବଂ କ୍ୟାଲୋରି କମ୍ କରିବାରେ ସାହାଯ୍ୟ ମିଳେ । ଖାଦ୍ୟ ଢୋକିବା ବା ଗିଳିବା ପୂର୍ବରୁ ଯେଉଁମାନେ ଏହାକୁ ଚୋବାଇ ବାରମ୍ବାର ଖାଆନ୍ତି, ସେମାନେ କମ୍ ଚୋବାଇ ଖାଉଥିବା ଲୋକଙ୍କ ତୁଳନାରେ କମ୍ କ୍ୟାଲୋରି ଗ୍ରହଣ କରନ୍ତି । ମାଂସ ଓ ପନିପରିବାକୁ ଭଲ ଭାବେ ଚୋବାଇ ଖାଇବା ଦରକାର । ଏପରିକି ୪୦-୪୫ ଥର ଚୋବାଇ ଖାଇଲେ ଭଲ । ଢୋକିବା ପୂର୍ବରୁ ଏହାକୁ ସେପର୍ଯ୍ୟନ୍ତ ଚୋବାଇବା ଦରକାର, ଯେଉଁଳି ଏହା ପାଟିରେ ନ ମିଶି ଯାଇଛି ।

# ଦୀପାବଳିର ମାସେ ପରେ 'ବୁଢ଼ି ଦୀପାବଳି'

ହିନ୍ଦୁ ଧର୍ମରେ ଦୀପାବଳି ପର୍ବର ବିଶେଷ ମହତ୍ତ୍ୱ ରହିଛି । ଆଲୋକର ପର୍ବ ଦୀପାବଳିକୁ ସମସ୍ତେ ବେଶ୍ ଉତ୍ସାହର ସହ ପାଳନ କରନ୍ତି । ଦୀପ ଆଲୋକରେ ନିଜ ଘରଦ୍ୱାର ସଜାନ୍ତି । ହେଲେ ଆମ ଦେଶରେ ଏମିତି ଏକ ସ୍ଥାନ ଅଛି, ଯେଉଁଠି ଦୀପାବଳି ପାଳନର ମାସକ ପରେ ପୁଣି ଥରେ ଦୀପାବଳି ପାଳନ କରାଯାଏ । ଏହାକୁ 'ବୁଢ଼ି ଦୀପାବଳି' କୁହାଯାଏ । ହିମାଚଳ ପ୍ରଦେଶର ସିରମୌର, କୁଲ୍ଲୁ, ସିମଲା ଏବଂ ଲାହୌଲ-ସ୍ପିତି ଆଦି ଜିଲ୍ଲାରେ ଏହି ସ୍ୱତନ୍ତ୍ର ଦୀପାବଳି ପାଳନ କରାଯାଏ । ଧାର୍ମିକ ମାନ୍ୟତା ଅନୁସାରେ, ପ୍ରଭୁ ରାମଚନ୍ଦ୍ର ଅଯୋଧ୍ୟା ଫେରିବା ପରେ ଦୀପାବଳି ପାଳନ କରାଯିବାର ଖବର ମାସକ ପରେ ହିମାଳୟର ଉଚ୍ଚ ପାହାଡ଼ଗୁଡ଼ିକରେ ପହଞ୍ଚିଥିଲା । ଲୋକମାନେ ବିଳମ୍ବରେ ଖବର ପାଇ ବି ହାତରେ ମଶାଲ ଧରି ନାଚ ଗୀତ କରି ଖୁସିରେ ମିଠା ବାଣ୍ଟିଥିଲେ । ସେବେଠୁ ଏଠାକାର ଲୋକେ 'ବୁଢ଼ି ଦୀପାବଳି' ପାଳନ କରି ଆସୁଛନ୍ତି । ତେବେ ଏହା ମାର୍ଗଶୀର ମାସର ଅମାବାସ୍ୟା ଦିନ ପାଳନ କରାଯାଏ । ଏହାକୁ ଦୀପାବଳିର ବିଳମ୍ବିତ ଆନନ୍ଦର ପ୍ରତୀକ ଭାବେ ବିବେଚନା କରାଯାଏ । ଏହି ଦୀପାବଳିର ପ୍ରମୁଖ ପରମ୍ପରା ହେଉଛି ମଶାଲ ଯାତ୍ରା । ଏହି ଦିନ ଲୋକେ ହାତରେ ମଶାଲ ଜଳାଇ ଗାଁ ଗାଁ ବୁଲନ୍ତି । ଯଦ୍ୱାରା ପୂରା ଘାଟି ଆଲୋକରେ ଝଲସିଉଠେ । ଏହି ସମୟରେ ଲୋକେ ଲୋକଗୀତ, ନାଟକ, ନୃତ୍ୟ ଆଦି ପ୍ରସ୍ତୁତ କରିଥାନ୍ତି । ଏଠାକାର ଲୋକେ ପରସ୍ପରକୁ ମୁଢ଼ି, ଚୁଡ଼ା, ପାମ୍ପଡ଼, ଅଖରୋଟ ଆଦି ପାରମ୍ପରିକ ଖାଦ୍ୟ ଜିନିଷ ବାଣ୍ଟି ଶୁଭେଚ୍ଛା ଜଣାନ୍ତି । ଏହି ପର୍ବ ପାଖାପାଖି ୪ଦିନ ଧରି ଚାଲେ । ବୁଢ଼ି ଦୀପାବଳିରେ ବାଣ ଫୁଟାଇବା ବଦଳରେ ପୂଜା, ଭକ୍ତି ଏବଂ ସାମୁହିକ ଉତ୍ସବକୁ ଗୁରୁତ୍ୱ ଦିଆଯାଏ ।



# ଦାଢ଼ି ବଢ଼ାଇ ବିଶ୍ୱ ରେକର୍ଡ

ଆମେରିକାର ଆଲବାମାରେ ରହୁଥିବା ରୁଡୋଲଫ୍ ମାର୍ଟିନୋ ଲମ୍ବା ଦାଢ଼ି ରଖି ଗିନିଜ୍ ବିଶ୍ୱ ରେକର୍ଡରେ ସାମିଲ ହୋଇଛନ୍ତି । ଗିନିଜ୍ ରେକର୍ଡ ମୁତାବିକ, ତାଙ୍କ ଦାଢ଼ିର ଲମ୍ବ ୩ ଫୁଟ ୬ ଇଞ୍ଚ । ମାର୍ଟିନୋ କାଲିଫର୍ଣ୍ଣିଆର ବାସିନ୍ଦା । ୨୦୧୫ ମସିହାରେ ସେ ବର୍ମିଙ୍ଗମ ଚାଲି ଆସିଥିଲେ । ତେବେ ସେ ଦୀର୍ଘ ୧୦ ବର୍ଷ ହେଲାଣି ତାଙ୍କ ଦାଢ଼ି ବଢ଼ାଇ ଚାଲିଛନ୍ତି । ଏନେଇ ମାର୍ଟିନୋ କୁହନ୍ତି, ଏହା ଏକ ଆଧ୍ୟାତ୍ମିକ ଯାତ୍ରା । ଯେମିତି ଫୁଲ, ଫଳ, ପତ୍ର ଗୋଟିଏ ଗଛର ଶକ୍ତି , ଦାଢ଼ି ତାଙ୍କୁ ସେହିପରି ଅନୁଭବ ଦେଇଥାଏ ବୋଲି ମାର୍ଟିନୋ କହିଛନ୍ତି । ଭାରତର ସାଧୁସନ୍ଥଙ୍କଠାରୁ ପ୍ରେରିତ ହୋଇ ସେ ଏଭଳି ଦାଢ଼ି ରଖିଥିବା ମାର୍ଟିନୋ କହିଛନ୍ତି । ଗିନିଜ ବିଶ୍ୱ ରେକର୍ଡରେ ସ୍ଥାନ ପାଇବା ପରେ ସେ ତାଙ୍କ ହେୟାର ଷ୍ଟାଇଲିଷ୍ଟ ସହ ଏହି ଖୁସିକୁ ପାଳନ କରିଥିଲେ । ଅନ୍ୟପଟେ ଏହି ରେକର୍ଡ ବନାଇବା ଆଦୌ ସହଜ ନ ଥିଲା ବୋଲି ମାର୍ଟିନୋ କୁହନ୍ତି । ପ୍ରତି ସପ୍ତାହରେ ତାଙ୍କୁ ଦାଢ଼ି ଧୋଇବାକୁ ପାଖାପାଖି ୩୦ ମିନିଟ୍ ସମୟ ଲାଗିଥାଏ । ସେହିଭଳି ଦାଢ଼ି ଶୁଖିବାକୁ ତାଙ୍କୁ ଦୁଇରୁ ତିନି ଦିନ ସମୟ ଲାଗିଯାଏ । ସେ ପ୍ରତିଦିନ ଦାଢ଼ିରେ ମଏଶ୍ଚରାଇଜର ଲଗାନ୍ତି । ସ୍ୱତନ୍ତ୍ର ପ୍ରକାର ସାମ୍ପୁ ଏବଂ କଣ୍ଡିସନର ଉପଯୋଗ କରନ୍ତି । ଅଧିକାଂଶ ସମୟରେ ସେ ଦାଢ଼ିକୁ ସାର୍ଟ ଭିତରେ ଲୁଚାଇ ଦିଅନ୍ତି । ଭବିଷ୍ୟତରେ ମଧ ସେ ନିଜର ଦାଢ଼ି କାଟିବେନି ବୋଲି କହିଛନ୍ତି ।





# ଜନ୍ମଦିନ ପାଇଁ ୨ ଦିନ ଛୁଟି

ସମସ୍ତେ ନିଜର ଜନ୍ମଦିନକୁ ବେଶ୍ ଧୂମ୍‌ଧାମ୍‌ରେ ପରିବାର ସଦସ୍ୟଙ୍କ ଗହଣରେ ପାଳିବାକୁ ଇଚ୍ଛା କରିଥାନ୍ତି । କର୍ପୋରେଟ୍‌ରେ କାମ କରୁଥିବା ଲୋକଙ୍କ ପାଇଁ ନିଜ ଜନ୍ମଦିନ ପାଳନ କରିବା ପାଇଁ ଛୁଟି ନେବା ସହଜ ହୋଇ ନ ଥାଏ । ତେବେ କର୍ମଚାରୀମାନଙ୍କର ଏଭଳି ଦୁଃଖକୁ ଦେଖି ଏକ କମ୍ପାନି ନିଆରା ପଦକ୍ଷେପ ଗ୍ରହଣ କରିଛି । କମ୍ପାନୀର ପ୍ରତିଷ୍ଠାତା ଅଭିଜିତ୍ ଚକ୍ରବର୍ତ୍ତୀ କମ୍ପାନିର ଏହି ନୀତି ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି । 'ବାର୍ଥଡେ ପ୍ଲସ୍ ୱାନ୍' ନାମକ କମ୍ପାନିର ଏହି ନିୟମ ଅନୁଯାୟୀ, କର୍ମଚାରୀଙ୍କୁ ପ୍ରତିବର୍ଷ ଅନ୍ୟ ଛୁଟି ସହିତ ଦୁଇଟି ଅତିରିକ୍ତ ଛୁଟି ପ୍ରଦାନ କରାଯାଏ । କର୍ମଚାରୀ ନିଜର ତଥା ନିଜର କୌଣସି ଆତ୍ମୀୟ ସ୍ୱଜନଙ୍କ ଜନ୍ମଦିନରେ ଛୁଟି ନେଇପାରିବେ । ଏନେଇ ଅଭିଜିତ୍ ଲିଙ୍କଡିନ୍‌ରେ ଲେଖିଛନ୍ତି, 'ଆମେ 'ବାର୍ଥଡେ ପ୍ଲସ୍ ୱାନ୍' ଅବକାଶ ନୀତିର ଶୁଭାରମ୍ଭ କରିଛୁ । ନିୟମ ଅନୁଯାୟୀ, କର୍ମଚାରୀଙ୍କୁ ବର୍ଷକୁ ଦୁଇଟି ଅତିରିକ୍ତ ଛୁଟି ମିଳିବ । ଏଥିରେ କର୍ମଚାରୀ ନିଜ ଜନ୍ମଦିନ ସହ ପ୍ରିୟଜନଙ୍କ ଜନ୍ମଦିନ ପାଇଁ ଛୁଟି ନେଇ ପାରିବେ । ତେବେ ଏହା କର୍ମଚାରୀଙ୍କ ଅନ୍ୟ ଛୁଟି ଉପରେ ପ୍ରଭାବ ପକାଇବ ନାହିଁ ।' ସେ ଏହା ମଧ କହିଛନ୍ତି ଯେ, 'କ୍ୟାରିୟର ଆରମ୍ଭରେ ଯେତେବେଳେ ତାଙ୍କ ବସ୍‌ଙ୍କୁ ଜନ୍ମଦିନରେ ଛୁଟି ନେବା ପାଇଁ କହୁଥିଲେ ସେ ତାଙ୍କୁ ଏକ ଅଲଗା ଅନ୍ଦାଜରେ ଦେଖୁଥିଲେ । ଯାହାକି ତାଙ୍କୁ ଆଦୌ ଭଲ ଲାଗୁ ନ ଥିଲା । ସେଥିପାଇଁ 'ବାର୍ଥଡେ ପ୍ଲସ୍ ୱାନ୍' ଛୁଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାଦ୍ୱାରା ଜଣେ ନିଜ ପ୍ରିୟଜନଙ୍କ ଜନ୍ମଦିନ ପାଇଁ ପୂର୍ବରୁ କିଛି ଯୋଜନା କରିପାରିବେ । ଆଗାମୀ ଦିନରେ 'ବାର୍ଥଡେ ପ୍ଲସ୍ ଟୁ ' ଯୋଜନା କରିବାକୁ କମ୍ପାନି ଲକ୍ଷ୍ୟ ରଖିଛି ।' ଅଭିଜିତ୍ ସାମାଜିକ ଗଣମାଧ୍ୟମରେ ଏହି ଛୁଟି ବିଷୟରେ ଜଣାଇବା ପରେ ତାଙ୍କର ଏଭଳି ପଦକ୍ଷେପକୁ ଲୋକେ ପ୍ରଶଂସା କରିଛନ୍ତି । ନିଜର ତଥା ନିଜ ପ୍ରିୟଜନଙ୍କ ପାଇଁ ଛୁଟି ନେବା କିଛି ଭୁଲ୍ କଥା ନୁହେଁ ବୋଲି ଅନେକ ଲେଖିଛନ୍ତି । ଆଉ କେତେଜଣ ନିଜ ସହିତ ପ୍ରିୟଜନଙ୍କ ଜନ୍ମଦିନରେ ଛୁଟି ମିଳିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ସେହିପରି ଆଗାମୀ ଦିନରେ ଅଧିକାଂଶ କମ୍ପାନି ଏଭଳି ଛୁଟି ରଖିବେ ବୋଲି ଅନେକ ପ୍ରତିକ୍ରିୟା ଦେଇଛନ୍ତି ।



## ଆଜିର ରାଶିଫଳ

**ମେଷ:** ଦିନଟି ଚିନ୍ତାଜନକ ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ଅଫିସ୍ କାର୍ଯ୍ୟ ପ୍ରଭାବିତ ହେଲେ ବି ନୂତନ ଦାୟିତ୍ୱ ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ନିବେଶ ଲାଗି ଅନୁକୂଳ ସମୟ ।

**ବୃଷ:** ଦିନଟି ଶୁଭଫଳ ପ୍ରଦାନ କରିବ । ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି । ପରିବାର ଓ ସାଙ୍ଗସାଥୀଙ୍କ ସହଯୋଗ ମିଳିବ । ଭାବିଚିନ୍ତି କାମ କରିବେ ।

**ମିଥୁନ:** ଦୂର ସ୍ଥାନକୁ ଯାତ୍ରା କରିବେ । ବ୍ୟବସାୟରେ ନୂଆ ନିବେଶ କରିବେ । ଜମିବାଡ଼ି କାର୍ଯ୍ୟରେ ସମସ୍ୟା ଆସିବ । ପ୍ରେମ ଜୀବନରେ ବାଧା ଆସିପାରେ ।

**କର୍କଟ:** ଘରେ ମାଙ୍ଗଳିକ କାର୍ଯ୍ୟ କରିବେ । ନୂତନ ଚାକିରି ଯୋଗ ଅଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ପରିବାର ସହିତ ସମୟ ଅତିବାହିତ କରିବେ ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବେ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ବିଦେଶ ଭ୍ରମଣର ସୁଯୋଗ ମିଳିବ । ବନ୍ଧୁଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଆଇଟି କ୍ଷେତ୍ରରେ ନୂଆ ସୁଯୋଗ ମିଳିବ ।

**କନ୍ୟା:** ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ପାରିବାରିକ ସମସ୍ୟା ଦୂର ହେବ । ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦ ଦୂର ହେବ । ଅଫିସ୍‌ରେ ପଦୋନ୍ନତି ମିଳିବ ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ତୁଟିବ । ପ୍ରେମ ଜୀବନରେ ତିକ୍ତତା ଆସିବ । ବ୍ୟବସାୟ ଲାଗି ନୂଆ ଯୋଜନା କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ ।

**ବିଛା:** କୌଣସି ଖୁସି ଖବର ମିଳିବ । ପରିବାର ସହ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ଭାବିଚିନ୍ତି ନିବେଶ କରିବେ ।

**ଧନୁ:** ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । କୌଣସି ନୂଆ ବ୍ୟବସାୟ ଆରମ୍ଭ କରିବେ ।

**ମକର:** ଜମି କିଣାବିକାକୁ ନେଇ ସମସ୍ୟା ଦେଖା ଦେବ । ବନ୍ଧୁ ସମସ୍ୟାରେ ପକାଇ ପାରନ୍ତି । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ ।

**କୁମ୍ଭ:** ଦିନଟି ଶୁଭଫଳ ପ୍ରଦାନ କରିବ । ପାରିବାରିକ ଜୀବନ ସୁଖମୟ ହେବ । ଆୟର ନୂତନ ମାର୍ଗ ଉନ୍ମୁକ୍ତ ହେବ । ଚାକିରି ପାଇଁ ଦୂର ସ୍ଥାନକୁ ଯାତ୍ରା କରିବେ ।

**ମୀନ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଚାକିରିରୁ ନେଇ ଚିନ୍ତାରେ ରହିବେ । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ ।

**ମହିଳା ବିଶ୍ୱକପ୍** | **ୱଲ୍‌ଭାର୍ଟଙ୍କ ଶତକ, କାପ୍‌ଙ୍କୁ ୫ ୱିକେଟ୍**

# ଫାଇନାଲରେ ଦକ୍ଷିଣ ଆଫ୍ରିକା

ଗୌହାଟୀ, ୨୯।୧୦(ସମିସ):

ପ୍ଲେୟର ଅଫ୍ ଦି ମ୍ୟାଚ୍ ଲୌରା ୱଲଭାର୍ଟଙ୍କ ଦମ୍‌ଦାର ଶତକ ଓ ମାରିଜାନ କାପଙ୍କ ଅଲରାଉଣ୍ଡ ସଫଳତା ବଳରେ ଇଂଲଣ୍ଡକୁ ୧୨୫ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ପ୍ରଥମଥର ମହିଳା ବିଶ୍ୱକପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ବା ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଦକ୍ଷିଣ ଆଫ୍ରିକା ରବିବାର ଟାଇଟଲ ଲାଗି ଲଢ଼େଇ କରିବ। ଗୁଆହାଟୀର ବର୍ଷାପରା ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଧିନାୟିକା ୱଲଭାର୍ଟ ୧୪୩ ବଲ୍‌ରୁ ୨୦ ଚୌକା ଓ ୪ଛକା ସହ ୧୬୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟରେ ୩୧୯ ରନ୍ କରିଥିଲା। ୩୨୦ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରୁଥିବା ଇଂଲଣ୍ଡ ମାରିଜାନ କାପଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୪୨.୩ ଓଭରରେ ୧୯୪ ରନ୍‌ରେ ଅଲଆଉଟ ହୋଇଥିଲା। କାପ୍ ୨୦ରନ୍‌ରେ ୫ ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିବାବେଳେ ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ପ୍ରବେଶ କରାଇଥିଲେ। ୪୪ଜଣ ଖେଳାଳିଙ୍କୁ ଆଉଟ କରି କାପ୍ ବିଶ୍ୱକପ୍‌ରେ ସର୍ବାଧିକ ୱିକେଟ ନେବାର ରେକର୍ଡ କରିଛନ୍ତି। ଏହି ମ୍ୟାଚ୍‌ରେ ଇଂଲଣ୍ଡର ଅଧିନାୟିକା ନାତାଲି ସିଭର ବ୍ରଣ୍ଟ ସର୍ବାଧିକ ୬୪, ଆଲିସେ କାପ୍‌ସି ୫୦ ରନ୍ କରିଥିଲେ।

ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବା ପରେ ଅଧିନାୟିକା ୱଲଭାର୍ଟ ଓ ତାଜମିନ୍ ବ୍ରିଟସ ପ୍ରଥମ ୱିକେଟରୁ ୧୧୬ ରନ୍ ଉଠାଇ ଭଲ ଆରମ୍ଭ କରିଥିଲେ। ୪୫ ରନ୍‌ରେ ତାଜମିନ୍‌ଙ୍କ ଆଉଟ ସହ ଦକ୍ଷିଣ ଆଫ୍ରିକା ୩ ରନ୍‌ରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ଗୋଟିଏ ପଟେ ଦୃଢ଼ତାର ସହ ଖେଳୁଥିବା ୱଲଭାର୍ଟ ଚତୁର୍ଥ ୱିକେଟରେ କାପଙ୍କ ସହ ୭୨ ଏବଂ ୭ମ ୱିକେଟରେ ଚୋଲେ ଟ୍ରାୟନଙ୍କ ସହ ୮୯ ରନ୍ ଉଠାଇଥିଲେ। ଏହି ଭାଗୀଦାରି ଯୋଗୁଁ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୩୧୯ ରନ୍ କରି ବିଶ୍ୱକପ୍ ନକ୍‌ଆଉଟରେ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ। ୱଲଭାର୍ଟ ୧୪୩ ବଲ୍‌ରୁ ୨୦ ଚୌକା ଓ ୪ ଛକା ସହ ୧୬୯ ରନ୍ କରି ୭ମ ଖେଳାଳି ଭାବେ ଆଉଟ ହୋଇଥିଲେ। ଇଂଲଣ୍ଡର ଇକ୍ଲେଷ୍ଟନଙ୍କୁ ସର୍ବାଧିକ ୪ଟି ଓ ଲୌରେନ ବେଲ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା ୨୦୦୦, ୨୦୧୭ ଓ ୨୦୨୨ରେ ସେମିଫାଇନାଲରୁ ବିଦା ହୋଇଥିଲା।



**ଲୌରା ୱଲଭାର୍ଟ**
ରନ୍- ୧୬୯
ବଲ୍-୧୪୩
ଚୌକା- ୨୦
ଛକା- ୪

# ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ସେମିଫାଇନାଲ୍ ଲଢ଼େଇ ଆଜି

ନଭି ମୁମ୍ବାଇ,୨୯।୧୦(ଏଜେନ୍ସି): ଭାରତରେ ଚାଲିଥିବା ମହିଳା ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ଆୟୋଜକ ଭାରତ ଓ ୭ଥରର ଚାମ୍ପିଅନ ଅଷ୍ଟ୍ରେଲିଆ ସହ ଏଠାରେ ଗୁରୁବାର ଖେଳାଯିବ। ଘରୋଇ ମାଟିରେ ଖେଳୁଥିବା ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରିନାହିଁ। ଭଲ ଆରମ୍ଭ କରିବା ପରେ ଆୟୋଜକ ଭାରତ ହ୍ୟାଟ୍ରିକ୍ ପରାଜୟବରଣ କରି ପ୍ରତିଯୋଗିତାରେ ନିଜର ଦୁର୍ବଳତା ପ୍ରକାଶ କରିଥିଲା। କେବଳ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ବିଜୟୀ ହେବା ଓ ବର୍ଷା ସାହାଯ୍ୟରେ ଭାରତ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଦଳର ମୁକାବିଲା ହେଉଛି ଅପରାଜେୟ ଅଷ୍ଟ୍ରେଲିଆ ସହ। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଆଉ ଏକ ଟାଇଟଲ ଜିତିବା ଭଳି ଖେଳୁଛି। ବର୍ଷା ଯୋଗୁଁ ଗୋଟିଏ ବାତିଲ ମ୍ୟାଚ୍‌କୁ ବାଦ୍ ଦେଲେ ଅନ୍ୟ ସବୁଥିରେ ବିଜୟ ହାସଲ କରିଛି ଅଷ୍ଟ୍ରେଲିଆ। ରନ୍ ଚେଜ୍ ହେଉ କିମ୍ବା ଡିଫେଣ୍ଡ ସବୁଥିରେ ଅଷ୍ଟ୍ରେଲୀୟମାନେ କଳା କୌଶଳ ଦେଖାଇ ବିଜୟକୁ ଏକ ଧାରାରେ ପକାଇଦେଇଛନ୍ତି। ଆସନ୍ତାକାଲି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟୀ ହେଲେ କେହି ଆଶ୍ଚର୍ଯ୍ୟ ହେବେ ନାହିଁ, ବରଂ ଭାରତ ବିଜୟୀ ହେଲେ ଏହାକୁ ନେଇ ଢ଼େର ଚର୍ଚ୍ଚା ହେବ।

ଏହି ଚର୍ଚ୍ଚା କରିବାକୁ ହେଲେ ଶେଷ ବିଶ୍ୱକପ୍ ଖେଳୁଥିବା ହରମନପ୍ରୀତ୍ କୌରଙ୍କୁ ତାଙ୍କ ଖେଳରେ ଉନ୍ନତି ଆଣିବାକୁ ହେବ। ୨୦୧୭ ସେମିଫାଇନାଲରେ ହରମନପ୍ରୀତ୍‌ଙ୍କ ୧୭୧ ରନ୍ ଭାରତରେ ମହିଳା କ୍ରିକେଟର ଭାଗ୍ୟ ଖୋଲିଦେଇଥିଲା। ଏହି ଇନିଂସ ହିଁ ହରମନପ୍ରୀତ୍‌ଙ୍କୁ ଜଣେ ସାଧାରଣ ଖେଳାଳିରୁ ସୁପରଷ୍ଟାର ବନାଇଦେଇଥିଲା। ଏହା ପରେ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଖେଳାଯାଇଥିବା ମ୍ୟାଚ୍‌ରେ ହରମନପ୍ରୀତ୍‌ଙ୍କ ୱିକେଟ ହିଁ ଫଳାଫଳ ନିର୍ଣ୍ଣୟ କରିବାରେ ମୁଖ୍ୟ ଭୂମିକା ନେଇଆସିଛି। ଏହି ବିଶ୍ୱକପ୍‌ରେ ମଧ୍ୟ ହରମନପ୍ରୀତ୍‌ଙ୍କ ଇନିଂସ ଇଂଲଣ୍ଡ ବିପକ୍ଷରେ ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣୟ କରିଥିଲା। ଏବେ ସେ ଫର୍ମରେ ନାହାନ୍ତି। କିନ୍ତୁ ତାଙ୍କ ଉପରେ ହିଁ ଭାରତର ଅଷ୍ଟ୍ରେଲିଆ ବିଜୟ ନିର୍ଭର କରୁଛି।

**ଆଜିର ମ୍ୟାଚ୍**
ଭାରତ - ଅଷ୍ଟ୍ରେଲିଆ
ଆରମ୍ଭ : ଅପରାହ୍ଣ ୩ଟା
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ




■ ୧୯ ବର୍ଷରୁ କମ୍ ମହିଳା ଟି-୨୦

# ତୃତୀୟ ମୁକାବିଲାରେ ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର,୨୯।୧୦(ସମିସ): ୧୯ ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ବୁଧବାର ଖେଳାଯାଇଥିବା ତୃତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ପଡୋଶୀ ଝାଡଖଣ୍ଡକୁ ୧୮ ରନ୍‌ରେ ପରାସ୍ତ କରି କ୍ରମାଗତ ପରାଜୟ ଧାରାକୁ ଭାଙ୍ଗିବାରେ ସମର୍ଥ ହୋଇଛି। ପୂର୍ବରୁ ଖେଳାଯାଇଥିବା ଦୁଇଟି ଲିଗ୍ ମ୍ୟାଚ୍ ମଧ୍ୟରୁ ଓଡ଼ିଶା ପ୍ରଥମେ ସୌରାଷ୍ଟ୍ରଠାରୁ ୨ ୱିକେଟ ଓ ଦ୍ୱିତୀୟ ମ୍ୟାଚ୍‌ରେ ଉତ୍ତର ପ୍ରଦେଶଠାରୁ ୯ ୱିକେଟରେ ଦୟନୀୟ ଭାବେ ପରାଜିତ ହୋଇଥିଲା। କିନ୍ତୁ ତୃତୀୟ ମ୍ୟାଚ୍‌ରେ ଶ୍ରେୟା ପ୍ରିୟଦର୍ଶିନୀ ଓ ପ୍ରିୟଦର୍ଶିନୀ ପରମାଣିକଙ୍କ ସୁନ୍ଦର ବୋଲିଂ ସହାୟତାରେ ଓଡ଼ିଶା ପ୍ରଥମଥର ଏହି ଟୁର୍ଣ୍ଣାମେଣ୍ଟରେ ବିଜୟର ସ୍ୱାଦ ଚାଖିଛି।

ଭିଲାଇରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୧୯.୩ ଓଭରରେ ମାତ୍ର ୭୦ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଆଞ୍ଜେଲ ରାଜ ୨୪ ଓ ଅନନ୍ୟା ରାଉତ ୧୪ ରନ୍‌ର ଉଲ୍ଲେଖନୀୟ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ନେହା କୁମାରୀ ଓ ବ୍ରିଷ୍ଟି କୁମାର ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଝାଡଖଣ୍ଡ ୧୬ ଓଭରରେ ମାତ୍ର ୫୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ଶ୍ରେୟା ପ୍ରିୟଦର୍ଶିନୀ ୧୭ ରନ୍‌ରେ ୪ଟି ଓ ପ୍ରିୟଦର୍ଶିନୀ ପରମାଣିକ ୧୨ ରନ୍‌ରେ ୩ଟି ୱିକେଟ ନେଇ ଓଡ଼ିଶାକୁ ଏହି ଆବଶ୍ୟକ ବିଜୟ ଭେଟିଦେଇଥିଲେ।



ଶ୍ରେୟା ପ୍ରିୟଦର୍ଶିନୀ ଓ ପ୍ରିୟଦର୍ଶିନୀ ପରମାଣିକ

# ଚେସ୍ ବିଶ୍ୱକପ୍ କମିଟିର ସଦସ୍ୟ ହେଲେ ଦେବବ୍ରତ ଭଞ୍ଜ

ଭୁବନେଶ୍ୱର,୨୯।୧୦(ସମିସ): ଅଲ୍ ଓଡ଼ିଶା ଚେସ ସଂଘ (ଏଓସିଏ) ସମ୍ପାଦକ ଇଂ ଦେବବ୍ରତ ଭଞ୍ଜ ଗୋଆରେ ଅକ୍ଟୋବର ୩୧ରୁ ନଭେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଚେସ ବିଶ୍ୱକପ୍ ଆୟୋଜିତ ହେବାକୁ ଯାଉଛି। ଏହି ବିଶ୍ୱକପ୍ ଆୟୋଜନ କମିଟିର ଅନ୍ୟତମ ସଦସ୍ୟଭାବେ ଏଓସିଏ ପକ୍ଷରୁ ସମ୍ପାଦକ ଭଞ୍ଜଙ୍କୁ ମନୋନୀତ କରାଯାଇଛି। ବିଶ୍ୱକପ୍ ପୂର୍ବରୁ ଏଆଇସିଏଫ୍‌ର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଭଞ୍ଜଙ୍କ ସହ ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ରୀତେଶ କୁମାର ରଥ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶ୍ୱକପ୍‌ରେ ଭାରତରୁ ଗ୍ରାଣ୍ଡମାଷ୍ଟର ଡି ଗୁକେଶ, ଆର୍ ପ୍ରଜ୍ଞାନନ୍ଦ, ମହିଳା ବିଭାଗରେ ଦିବ୍ୟା ଦେଶମୁଖ ପ୍ରମୁଖ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଚେସ ସମୁଦାୟ ଭାରତୀୟ ଖେଳାଳିଙ୍କ ସଫଳତା ଶୁଭକାମନା କରିଛନ୍ତି।



# ରାଜ୍ୟ ସିନିୟର ମହିଳା ଫିଡେ ରେଟିଂ ଚେସ୍ ୩୧ରୁ

ଭୁବନେଶ୍ୱର,୨୯।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ରାଜ୍ୟ ସିନିୟର ମହିଳା ଫିଡେ ରେଟିଂ ଚେସ ପ୍ରତିଯୋଗିତା ଆୟୋଜନ କରିବ। ଏହି ପ୍ରତିଯୋଗିତା ଗରାପୁରସ୍ଥିତ ସ୍ୱୟଂସିଦ୍ଧା ଶୀତତାପ ନିୟନ୍ତ୍ରିତ ହୋଟେଲ ପରିସରରେ ଅକ୍ଟୋବର ୩୧ରୁ ନଭେମ୍ବର ୩ ତାରିଖଯାଏ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୫୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ମଧ୍ୟରୁ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ନଗଦ ୧୫,୦୦୦, ପ୍ରଥମ ରନର୍ସ ଅପ୍‌ଙ୍କୁ ଟ୍ରଫି ସହ ୧୦,୦୦୦ ଓ ଦ୍ୱିତୀୟ ରନର୍ସଅପ୍‌ଙ୍କୁ ଟ୍ରଫି ସହ ନଗଦ ୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରଥମ ୧୫ ଜଣ ଖେଳାଳିଙ୍କୁ ମଧ୍ୟ ସମାନୁପାତରେ ଅର୍ଥରାଶି ପ୍ରଦାନ କରାଯିବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସଂଘ ସଭାପତି କିଶୋର ଚନ୍ଦ୍ର ପଣ୍ଡା ଜଣାଇଛନ୍ତି। ଏଥିରେ ଭାଗନେବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ୫୦୦ ଟଙ୍କାର ଏଣ୍ଟ୍ରି ଫି ସହ କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସଂଘ ସମ୍ପାଦକ ଭବେଶ ମହାନ୍ତି (ଫୋନ ନଂ- ୯୯୩୭୮୮୬୩୭୨) କିମ୍ବା କୋଷାଧକ୍ଷ ନାରାୟଣ ଦାସ (ମୋ-୯୯୩୭୪-୬୬୭୫୫)ଙ୍କୁ ଅକ୍ଟୋବର ୩୦ ତାରିଖ ସକାଳ ୧୦ଟା ସୁଦ୍ଧା ନାମ ପଞ୍ଜିକରଣ କରାଇନେବାକୁ ଅନୁରୋଧ କରାଯାଇଛି।

**ସିକେ ନାଇଡୁ ଟ୍ରଫି** | **ବର୍ଷାରେ ଓଡ଼ିଶା-ଆସାମ ମ୍ୟାଚ୍ ଡ୍ର**

କଟକ,୨୯।୧୦(ସମିସ): ଭୁବନେଶ୍ୱର କିଟ୍ ଷ୍ଟାଡିୟମରେ ଖେଳାଯାଉଥିବା ସିକେ ନାଇଡୁ ଟ୍ରଫିର ଓଡ଼ିଶା ଏବଂ ଆସାମ ବିପକ୍ଷ ମ୍ୟାଚ୍‌ର ଅନ୍ତିମ ଦୁଇ ଦିନର ଖେଳ ବର୍ଷା ଧୋଇ ଦେଇଛି। ପ୍ରଥମପାଳି ଅସମାପ୍ତ ରହିବା ସତ୍ତ୍ୱେ ମ୍ୟାଚ୍‌କୁ ଡ୍ର ଘୋଷିତ କରାଯାଇଛି। ତେବେ ବୋଲିଂରେ ୪ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଏହି ମ୍ୟାଚ୍‌ରୁ ମୋଟ ୬ ପଏଣ୍ଟ ହାସଲ କରିଛି। ଆସାମକୁ ୨ ପଏଣ୍ଟ ମିଳିଛି। ପ୍ରଥମ ୨ଟି ଲିଗ୍ ମ୍ୟାଚ୍‌ରୁ ୧୭ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। କଟକ ଏମଜିଏମ ଗ୍ରାଉଣ୍ଡରେ ଆସନ୍ତା ୨ ତାରିଖରୁ ବିଦର୍ଭ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ପ୍ରକାଶଥାଉକି, କିଟ୍‌ରେ ଆସାମ ପ୍ରଥମେ ବ୍ୟାଟିଂ କରି ୨୧୬ରନ ସଂଗ୍ରହ କରିଥିଲା। ଓଡ଼ିଶା ପ୍ରଥମ ପାଳିରେ ୩ ୱିକେଟ ହରାଇ ୧୬୯ ରନ କରିଥିଲା।

**ସବଜୁନିୟର ବାଳକ ଜାତୀୟ ଫୁଟବଲ**

# ମଣିପୁରଠାରୁ ହାରିଲା ଓଡ଼ିଶା

କଟକ,୨୯।୧୦(ସମିସ): ପଞ୍ଜାବ ଅମ୍ରିତସରର ମାଉଣ୍ଟ ଲିଟେରା ଜି ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ୦-୬ ଗୋଲରେ ମଣିପୁର ଠାରୁ ପରାସ୍ତ ହୋଇଛି। ବିଜୟୀ ଦଳର ମିଡଫିଲ୍ଡର ସେଖ୍ ସାହିଲ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଚାମ୍ପିଅନସିପ୍‌ରେ ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ପ୍ରଥମ ମ୍ୟାଚରେ ଦଳ ଶୋଚନୀୟ ଭାବେ ମିଜୋରାମ ଠାରୁ ହାରିଥିଲା। ୩୧ ତାରିଖରେ ୩ୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ବିହାରକୁ ଭେଟିବ।

# କାୟାକିଂ ଓ କାନୋଇଂ ମହିଳା ଲିଗ୍ ଉଦ୍‌ଯାପିତ




କଟକ,୨୯।୧୦(ସମିସ): ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଖେଲୋ ଇଣ୍ଡିଆ କାୟାକିଂ ଓ କାନୋଇଂ ମହିଳା ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବୟସ ବର୍ଗର ମୋଟ ୯୦ ପ୍ରତିଯୋଗୀ ଭାଗ ନେଇଥିଲେ। କଟକ ମହାନଗର ନିଗମ ଡେପୁଟି ମେୟର ଦମୟନ୍ତୀ ମାଝୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବରିଷ୍ଠ ସଚିବ ଦୀପଙ୍କର ମହାପାତ୍ର, ଉଚ୍ଚଶିକ୍ଷା ବିଭାଗର ଉପସଚିବ ସ୍ମିତା ପାଢ଼ୀ, ଜଗତପୁର ଜଳକ୍ରୀଡ଼ା କେନ୍ଦ୍ରର ଇନଚାର୍ଜ ତୈଲୋକ୍ୟ ସାହୁ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ବୟସ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଶିକ୍ଷକ ଜନସନ ସିଂହ, ରାଜକୁମାର ନିସାଦ, ନାଜିସ ମନୋସୋରୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ବୋଲି ରାଜ୍ୟ ସଂଘ ସମ୍ପାଦକ ବିପିନ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

**କାନବେରାର ମାନୁକା ଓଭାଲରେ ପ୍ରବଳ ବର୍ଷା**

# ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟି-୨୦ ବାତିଲ

କାନବେରା,୨୯।୧୦(ଏଜେନ୍ସି):

ଭ୍ରମଣକାରୀ ଭାରତ ଓ ଆୟୋଜକ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଛି। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପଅଧିନାୟକ ଶୁବମନ ଗିଲ୍‌ଙ୍କ ବିସ୍ଫୋରକ ବ୍ୟାଟିଂ କରି ଫର୍ମକୁ ଫେରିବାକୁ ଉଦ୍ୟମ କରୁଥିବାବେଳେ ବର୍ଷା ପ୍ରତିବନ୍ଧକ ସାଜିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୯.୪ ଓଭରରେ ଅଭିଷେକ ଶର୍ମା (୧୪ବଲ୍‌ରେ ୧୯ରନ୍)ଙ୍କ ୱିକେଟ ହରାଇ ୯୭ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଖେଳ ଆଉ ସମ୍ଭବ ହୋଇ ନ ଥିଲା। ଏହି ସମୟରେ ସୂର୍ଯ୍ୟକୁମାର ଓ ଗିଲ ୩୫ ବଲରୁ ୬୨ ରନ୍ ଉଠାଇ ଦଳକୁ ଏକ ବଡ଼ ସ୍କୋର ଆଡକୁ ନେଇଯାଉଥିଲାବେଳେ ଅମ୍ପାୟାର ଏହି ମ୍ୟାଚ୍‌କୁ ବାତିଲ ଘୋଷଣା କରିଥିଲେ। ଯାହା ଫଳରେ ୨୦ ବଲ୍‌ରେ ୪ ଚୌକା ଓ ୧ ଛକା ସହ ୩୭ ଓ ୨୪ ବଲ୍‌ରେ ୩ ଚୌକା ଓ ୨ଛକା ସହ ୩୯ ରନ୍ କରି ଫର୍ମକୁ ଫେରିବାକୁ ଯେଉଁ ଚେଷ୍ଟା କରିଥିଲେ ତାହା ବର୍ଷା ଯୋଗୁ ଫସର ଫାଟିଯାଇଥିଲା। ଉଭୟ ଖେଳାଳି ସଟ୍ ପରେ ସଟ୍ ମାରି ଅଷ୍ଟ୍ରେଲିଆ ବୋଲରଙ୍କ ବିପକ୍ଷରେ ନୁହେଁ ବରଂ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେଖାଯାଇଥିଲା। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଅକ୍ଟୋବର ୩୧ ତାରିଖ ବା ଶୁକ୍ରବାର ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ।

ଏହି ମ୍ୟାଚ୍ ପୂର୍ବରୁ ୨୦୨୫ରେ ଭାରତୀୟ ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୧୦ରୁ କମ୍ ଷ୍ଟ୍ରାଇକ୍‌ରେଟ୍‌ରେ ୧୦୦ ରନ୍ କରିଥିଲେ। ଆଜି ଏଠାରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ୍‌ଙ୍କୁ ସ୍କୋୟାର ଲେଗ୍‌ରେ ଯେପରି ଛକା ମାରିଥିଲେ, ସେଥିରୁ ତାଙ୍କୁ କାହିଁକି ବିଶ୍ୱର ଶ୍ରେଷ୍ଠ ବ୍ୟାଟର ବୋଲି ଅଭିହିତ କରାଯାଉଛି ତାହାର ଝଲକ ଦେଖାଇଥିଲେ। ଏହି ସଟ୍ ହିଁ ତାଙ୍କ ଆତ୍ମବିଶ୍ୱାସ ଫେରାଇଥିଲା ଓ ଏହା ପରେ ସେ ମାନୁକା ଓଭାଲର ବାଉନ୍ସି ପିଚ୍‌ରେ ଅତି ସହଜରେ ବଡ ସଟ ଏବଂ ବାଉଣ୍ଡାରୀ ମାରିବାକୁ ସାହସ କରିଥିଲେ। ୨୦ ରନ୍ ଯାଏ ତାଙ୍କ ବ୍ୟାଟ ଶାନ୍ତ ଥିଲା। କିନ୍ତୁ ନାଥାନ ଏଲିସ୍ ବୋଲିଂ କରିଥିବା ଇନିଂସର ୧୦ମ ଓଭରରେ ତାଙ୍କ ବ୍ୟାଟ କଥା କହିଥିଲା। ଏଲିସ୍‌ଙ୍କ ପ୍ରଥମ ବଲ୍‌କୁ ସ୍କୋୟାର କଟ୍, ଦ୍ୱିତୀୟ ବଲ୍‌କୁ ଅଫ-ଡ୍ରାଇଭ୍ ସଟ ମାରି ବାଉଣ୍ଡାରୀ ବାହାରକୁ ପଠାଇଥିଲେ। ୱାଇଡ ପରେ ତୃତୀୟ ବଲ୍‌କୁ ସେ ମିଡ୍ ୱିକେଟ ଅଞ୍ଚଳକୁ ପୁଲ କରି ଛକା ମାରିବା ପରେ ବର୍ଷା ପ୍ରବଳ ହୋଇଥିଲା। ଅନ୍ୟପଟେ ଗିଲ୍ ଉଭୟ ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରି କିଛି ଚମତ୍କାର ସଟ୍ ମାରିଥିଲେ। ବାମହାତୀ ସ୍ପିନର ମ୍ୟାଟ୍ କୁନେମାନଙ୍କୁ କାଓ କର୍ନରରେ ସ୍ୱିପ୍ କରି ଛକା ମାରିବା ପରେ ଭାରତର ରନ୍ ହାର ବୃଦ୍ଧି ପାଇଥିଲା।

ଭାରତ ଖେଳିଥିବା ୯.୪ ଓଭରରେ ଦୁଇଥର ବର୍ଷା ବାଧକ ସାଜିଥିଲା। ପ୍ରଥମଥର ଖେଳ ବାଧା ପାଇବା ପରେ ମ୍ୟାଚ୍‌ର ଓଭର ସଂଖ୍ୟା ୨୦ରୁ ୧୮କୁ କମାଇଦିଆଯାଇଥିଲା। ଏହା ପରେ ଖେଳାଯାଇଥିବା ୪.୪ ଓଭରରେ ଭାରତ ୫୪ ରନ୍ ଉଠାଇଥିଲା। ବର୍ଷା ହୋଇଥିବାରୁ ବଲ ମଧ୍ୟ ଓଦା ହୋଇଯାଇଥିଲା। ଏହା ଫଳରେ ବୋଲିଂ କରିବା ଓ ଫିଲ୍ଡିଂ କରିବା ମଧ୍ୟ ଅଷ୍ଟ୍ରେଲୀୟଙ୍କ ଲାଗି କଷ୍ଟକର ହୋଇଥିଲା। ପୂର୍ବରୁ ଭାରତୀୟ ଓପନର ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରିଥିଲେ। ଜାଭିୟର ବାର୍ଟଲେଟଙ୍କ ଗୋଟିଏ ଓଭରରେ ୩ଟି ବାଉଣ୍ଡାରୀ ମାରି ତାଙ୍କ ବ୍ୟାଟିଂ ଶୈଳୀ ଦେଖାଇଥିଲେ। କିନ୍ତୁ ଏହା ବେଶି ସମୟ ତିଷ୍ଠି ନ ଥିଲା। ଏହାର ପର ଓଭରରେ ଏଲିସ୍‌ଙ୍କ କ୍ରମାଗତ ଦ୍ୱିତୀୟ ସ୍ଲୋ ବଲ୍‌ରେ ଅଭିଷେକ ଫେଲ ମାରିଥିଲେ। ସେ ଖେଳିଥିବା ୧୪ତମ ବଲ୍‌କୁ ମିଡ୍ ଅଫ୍ ଦେଇ ବାହାରକୁ ମାରିବାକୁ ଯାଉଥିଲାବେଳେ ସେଠାରେ ଜଗିଥିବା ଫିଲ୍ଡର ଟିମ୍ ଡେଭିଡ୍‌ଙ୍କ ହାତକୁ କ୍ୟାଚ୍ ଚାଲିଯାଇଥିଲା। ୪ଟି ଚୌକା ସହ ସେ ୧୯ ରନ୍ କରିଥିଲେ। ଏହି ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ଟି-୨୦ରେ ଅଷ୍ଟ୍ରେଲୀୟ ବୋଲରଙ୍କୁ ଯେ ଭାରତୀୟ ବ୍ୟାଟର ବାଉନ୍ସି ପିଚ୍‌ରେ ଭୟ କରୁନାହାନ୍ତି, ତାହା ପ୍ରମାଣିତ କରିଥିଲେ।




## ପ୍ରଥମ ୩ଟି ମ୍ୟାଚ୍‌ରୁ ନୀତୀଶ ବାଦ୍

ବେକରେ ଯନ୍ତ୍ରଣା ହେବାରୁ ଭାରତୀୟ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ୩ଟି ଟି-୨୦ ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଅଷ୍ଟ୍ରେଲିଆ ସହ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳୁଥିଲାବେଳେ ତାଙ୍କ ବାମପଟ ଗୋଡ ଖଞ୍ଜାରେ ଆଘାତ ଲାଗିଥିଲା। ଏହି ଆଘାତ ସମସ୍ୟାରୁ ମୁକୁଳିବା ପରେ ଏବେ ବେକରେ ଯନ୍ତ୍ରଣା ହେବା ଯୋଗୁ ନେଟ୍ ପ୍ରାକ୍ଟିସ କରି ପାରି ନ ଥିଲେ। ଏହା ପରେ ବିସିସିଆଇ ମେଡିକାଲ ଟିମ୍ ତାଙ୍କୁ ଏକ ସପ୍ତାହ ଲାଗି ବିଶ୍ରାମ ନେବାକୁ ପରାମର୍ଶ ଦେଇଛି। ଏହା ଫଳରେ ସେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ୩ଟି ଟି-୨୦ ମ୍ୟାଚ୍ ଲାଗି ଉପଲବ୍ଧ ହେବେ ନାହିଁ। ଚତୁର୍ଥ ଟି-୨୦ ନଭେମ୍ବର ୪ରେ ଖେଳାଯିବ। ଏହା ମଧ୍ୟରେ ସେ ସୁସ୍ଥ ହୋଇଯିବେ ବୋଲି ମେଡିକାଲ ଟିମ୍ ଆଶା ରଖିଛି। ସେ ଆହତ ହେବାରୁ ଶିବମ ଦୁବେଙ୍କୁ ଭାରତ ପ୍ରଥମ ଟି-୨୦ ମ୍ୟାଚ୍‌ରେ ସାମିଲ କରିଥିଲା। ବ୍ୟାଟିଂରେ କିଛିଟା ପ୍ରଦର୍ଶନ କରୁଥିବା ହର୍ଷିତ ରାଣାଙ୍କୁ ପ୍ରମୁଖ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କ ସ୍ଥାନରେ ପ୍ରଥମ ମ୍ୟାଚ୍‌ରେ ସୁଯୋଗ ଦିଆଯାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS